ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁଲାଇ ୭/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, July 7/2024 Page 20 ₹ 7.00
୫୦ଶ ଭାଗ ୨୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 223 ମୂଲ୍ୟ₹୭/-

# ଆବଶ୍ୟକ ହେଲେ ତାଲା ଭାଙ୍ଗିବୁ

## ୯ରେ ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି

ପୁରୀ,୬ା୭(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟର ପୂର୍ବତନ ବିଚାରପତି ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଥିବା ରତ୍ନଭଣ୍ଡାର ଯାଞ୍ଚ କମିଟିର ପ୍ରଥମ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରେ ବିଚାରପତି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧୬ଜଣିଆ ଟିମ୍ ସଦସ୍ୟ ରତ୍ନଭଣ୍ଡାର ଖୋଲିବା ନେଇ ବିସ୍ତୃତ ଆଲୋଚନା କରିଥିଲେ। ରତ୍ନଭଣ୍ଡାର ଖୋଲାଯିବା ନେଇ ତାରିଖ ନିର୍ଦ୍ଧାରିତ ହୋଇପାରିନି। ଆସନ୍ତା ୯ରେ କମିଟିର ଦ୍ୱିତୀୟ ବୈଠକରେ ଏନେଇ ନିଷ୍ପତ୍ତି ନିଆଯିବ। ଏପରି କି ଡୁପ୍ଲିକେଟ ଚାବିରେ ରତ୍ନଭଣ୍ଡାର ଚାବି ନ ଖୋଲିଲେ ଆମେ ତାଲା ଭାଙ୍ଗିବୁ ବୋଲି ଯାଞ୍ଚ କମିଟିର ଅଧ୍ୟକ୍ଷ ରଥ କହିଛନ୍ତି। କମିଟି ଅଧ୍ୟକ୍ଷଙ୍କ ଏଭଳି ମନ୍ତବ୍ୟ ପରେ ରତ୍ନଭଣ୍ଡାର ଖୋଲିବା ଆଶା ଦୃଢ଼ୀଭୂତ ହୋଇଛି।

ଦୀର୍ଘ ୨ ଘଣ୍ଟାର ରୁଦ୍ଧଦ୍ୱାର ବୈଠକ ପରେ ଅଧ୍ୟକ୍ଷ ରଥ କହିଛନ୍ତି, ସମସ୍ତ ଦିଗ ଉପରେ ଆଲୋଚନା କରାଯାଇଛି। ଏପରି କି ସମସ୍ତ କାଗଜପତ୍ରର ଯାଞ୍ଚ କରାଯାଇଛି। କାଗଜପତ୍ରରୁ ଜଣାପଡୁଛି ରତ୍ନଭଣ୍ଡାରର ଡୁପ୍ଲିକେଟ ଚାବି ଜିଲା ଟ୍ରେଜେରିରେ ରହିଛି। ଡୁପ୍ଲିକେଟ ଚାବିରେ ରତ୍ନଭଣ୍ଡାର ନ ଖୋଲିଲେ ତାଲା ଭଙ୍ଗାଯିବ। ତାଲା କିଭଳି ଭଙ୍ଗାଯିବ ସେନେଇ ଏସ୍‌ଓପି ପ୍ରସ୍ତୁତ କରାଯିବ। ପ୍ରସ୍ତୁତ ଏସ୍‌ଓପି ସରକାରଙ୍କଠାରେ ଉପସ୍ଥାପନ


ଜଷ୍ଟିସ୍ ବିଶ୍ୱନାଥ ରଥ

କରାଯିବ। ସେହିପରି ଆସନ୍ତା ୯ତାରିଖରେ ଦ୍ୱିତୀୟ ବୈଠକ ବସିବ। ଉକ୍ତ ବୈଠକରେ ଜିଲା ଟ୍ରେଜେରିରୁ ମିଳିଥିବା ଡୁପ୍ଲିକେଟ୍ ଚାବି କମିଟି ନିକଟରେ ଦାଖଲ କରାଯିବ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ରତ୍ନଭଣ୍ଡାର ମରାମତି ନିମନ୍ତେ ଏକ ଏସ୍‌ଓପି କରାଯିବା ସହ ସରକାରଙ୍କଠାରୁ ଅନୁମତି ଅଣାଯିବ। ପରିଚାଳନା କମିଟି ବୈଠକ ବସି ଅଳଙ୍କାରଗୁଡ଼ିକୁ ରଖାଯିବା ସହ ଗଣତିମଣତି କରିବା ପାଇଁ ପ୍ରୟାସ କରିବ। ଅଳଙ୍କାର ଗଣତି ପାଇଁ ପରିଚାଳନା କମିଟି ବଣିଆଙ୍କୁ ଆଣିବେ। ଆଶା କରାଯାଉଛି, ମହାପ୍ରଭୁଙ୍କ ନୀଳାଦ୍ରିବିଜେ ପୂର୍ବରୁ ଏହାକୁ ମରାମତି କରାଯିବ। ମହାପ୍ରଭୁଙ୍କ ନୀତିକାନ୍ତି ପ୍ରଥମ ଏବଂ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ଦ୍ୱିତୀୟ। ତେଣୁ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ବ୍ୟତିକ୍ରମ ହେବ ନାହିଁ ବୋଲି ଜଷ୍ଟିସ ରଥ କହିଛନ୍ତି। ଅନ୍ୟପଟେ ଅଳଙ୍କାରଗୁଡ଼ିକୁ ସୁରକ୍ଷିତ ଭାବରେ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ କରାଯିବ। କିନ୍ତୁ ଗଣତିମଣତି ଲମ୍ବା ପ୍ରକ୍ରିୟା ହୋଇଥିବାରୁ ରଥଯାତ୍ରା ସମୟରେ ଏହା ସମ୍ଭବ ନୁହେଁ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ତଥାପି ଶୀଘ୍ର କରିବାକୁ ଚେଷ୍ଟା କରାଯାଉଛି। ବୈଠକରେ ରତ୍ନଭଣ୍ଡାର ମରାମତି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ରତ୍ନଭଣ୍ଡାର ଖୋଲାଗଲେ ଏହାର ମରାମତି ନେଇ ମହାପ୍ରଭୁଙ୍କ ରତ୍ନ ଆଭୂଷଣକୁ ଏକ ସ୍ୱତନ୍ତ୍ର ସ୍ଥାନକୁ ସ୍ଥାନାନ୍ତର କରାଯିବା ସହ ଗଣତିରେ ଅତ୍ୟାଧୁନିକ ବ୍ୟବସ୍ଥାର ଉପଯୋଗ କରାଯିବ ଏବଂ ରତ୍ନର ଚିହ୍ନଟ ନେଇ ବଣିଆମାନଙ୍କୁ ନିଯୁକ୍ତ ନେଇ ପରିଚାଳନା କମିଟି ନିଷ୍ପତ୍ତି ନେବ ବୋଲି ଅଧ୍ୟକ୍ଷ ରଥ କହିଛନ୍ତି। ରଥଯାତ୍ରା ମଧ୍ୟରେ ରତ୍ନଭଣ୍ଡାର ଖୋଲିବା ପାଇଁ ଯାଞ୍ଚ କମିଟି ପ୍ରୟାସ କରିବ। ମହାପ୍ରଭୁ ଏହି ସମୟରେ ଗୁଣ୍ଡିଚା ଘରେ ଥିବାରୁ ନୀତିରେ ବ୍ୟାଘାତ ନ କରି ମରାମତି କାର୍ଯ୍ୟ ମଧ୍ୟ କରାଯାଇପାରିବ। ରତ୍ନଭଣ୍ଡାର ମରାମତି ପାଇଁ ସ୍ୱତନ୍ତ୍ର ଏସ୍‌ଓପି କରାଯିବା ସହ ଅଳଙ୍କାର ଥାଇ ଯଦି ମରାମତି ସମ୍ଭବ ହେବନାହିଁ ତେବେ ଅଳଙ୍କାରର କିଭଳି ରକ୍ଷଣାବେକ୍ଷଣ କରାଯିବ ସେନେଇ ପରିଚାଳନା କମିଟି ନିଷ୍ପତ୍ତି ନେବ ବୋଲି ବୈଠକରେ ଆଲୋଚନା ହୋଇଛି। ତେବେ ଡୁପ୍ଲିକେଟ୍ ଚାବିରେ ରତ୍ନଭଣ୍ଡାର ଖୋଲୁଛି କି ନାହିଁ ତାହା ଦେଖିବାକୁ ଥିବାବେଳେ ୧୯୭୮ ମସିହା ରତ୍ନ ଗଣତି ରିପୋର୍ଟ ଆଧାରରେ ଗଣତି ହେବ।









**କେରଳରେ ୪ର୍ଥ ମସ୍ତିଷ୍କ-ଖାଦକ ଏମିବା ସଂକ୍ରମଣ ମାମଲା**

କେରଳରେ ମସ୍ତିଷ୍କ-ଖାଦକ ଏମିବା ସଂକ୍ରମଣର ଚତୁର୍ଥ ମାମଲା ଚିହ୍ନଟ ହୋଇଛି। କୋଝିକୋଡ୍ ଜିଲା ପାୟୋଲି ଅଞ୍ଚଳରେ ରହୁଥିବା ୧୪ ବର୍ଷୀୟ ବାଳକ ଏହି ବିରଳ ଆମିବା ମେନିଙ୍ଗୋନ୍‌ସେଫାଲାଇଟିସ୍‌ରେ ସଂକ୍ରମିତ ହୋଇଛନ୍ତି। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପୂର୍ବରୁ ଏହି ରୋଗରେ ସଂକ୍ରମିତ ୩ ନାବାଳକଙ୍କର ମୃତ୍ୟୁ ଘଟିଛି।

## ଜଣେ ଯବାନ ମୃତ, ୪ ଆତଙ୍କବାଦୀ ନିହତ

ଶ୍ରୀନଗର,୬।୭(ପି.ଟି.)

ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲାରେ ଶନିବାର ଆତଙ୍କବାଦୀମାନଙ୍କ ସହ ଗୁଳି ବିନିମୟ ବେଳେ ଜଣେ ସେନା ଯବାନଙ୍କ ମୃତ୍ୟୁ ଘଟିଛି। ଦୁଇଟି ସ୍ଥାନରେ ହୋଇଥିବା ଏନ୍‌କାଉଣ୍ଟରରେ ଅନ୍ୟୁନ ୪ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡ଼ିଛି। ସୁରକ୍ଷା ଯବାନମାନେ ଜିଲାର ମୋଡେରଗାମ୍‌ଠାରେ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ତଲାସି ଅଭିଯାନ ଜାରି ରହିଛି। କଶ୍ମୀରରେ ଆତଙ୍କବାଦ ବଢ଼ାଇବା ପାଇଁ ପାଇଁ ସୀମାରେ ବିଦେଶୀ ଭଡ଼ାଟିଆ ସୈନ୍ୟଙ୍କୁ ବ୍ୟବହାର କରି ଆତଙ୍କ ସୃଷ୍ଟି କରାଯାଉଥିବା ପୋଲିସ ଡିଜି ଆର୍.ଆର୍. ସ୍ୱାଇଁ କହିଛନ୍ତି।

## ସ୍ୱାଧୀନତା ଦିବସ ପାଳନବେଳେ ଆମେରିକାରେ ଗୁଳିକାଣ୍ଡ: ୩୩ ମୃତ

ୱାଶିଂଟନ,୬।୭

ଆମେରିକାରେ ଜୁଲାଇ ୪ ସ୍ୱାଧୀନତା ଦିବସ ପାଳନ ବେଳେ ବିଭିନ୍ନ ସ୍ଥାନରେ ଗୁଳିକାଣ୍ଡ ଘଟି ୩୩ ଜଣଙ୍କ ମୃତ୍ୟୁ ହୋଇଛି। କେବଳ ଶିକାଗୋରେ ଗୁଳିମାଡ଼ରେ ୧୧ ଜଣଙ୍କ ଜୀବନ ଯିବା ସହ ୫୫ ଜଣ ଆହତ ହୋଇଛନ୍ତି।

୧୭୭୬ ଜୁଲାଇ ୪ରେ ବ୍ରିଟିଶ ସରକାର ସ୍ୱାଧୀନତା ଘୋଷଣାନାମାରେ ସ୍ୱାକ୍ଷର କରିବା ପରେ ଆମେରିକା ସ୍ୱାଧୀନ ହୋଇଥିଲା। ତେବେ ଆମେରିକା ଇତିହାସରେ ଏହିଦିନ ସବୁଠୁ ମାରାତ୍ମକ ଦିବସ ହୋଇ ରହିଆସିଛି। ଅଧିକାଂଶ ସ୍ୱାଧୀନତା ଦିବସରେ ହିଂସା ଏବଂ ଗଣଗୁଳିକାଣ୍ଡ ଘଟିଥାଏ। ଗୁରୁବାର ଗୁଳିକାଣ୍ଡରେ ୨ ମହିଳା ଓ ଜଣେ ୮ ବର୍ଷର ବାଳକ ନିହତ ହୋଇଥିବାବେଳେ ଶୁକ୍ରବାର ସକାଳେ ଶିକାଗୋ ଗୁଳିକାଣ୍ଡରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ସନ୍ଧ୍ୟାରେ ଏକ କମ୍ୟୁନିଟି ରାଲି ବେଳେ ଶିକାଗୋର ଲିଟିଲ୍ ଇଟାଲୀ ନିକଟରେ ଗୁଳିକାଣ୍ଡ ଘଟିବାରୁ ୮ ଜଣ ଆହତ ହୋଇଥିଲେ। ଏହାର ଦେଢ଼ଘଣ୍ଟା ପରେ ସହରର ଅଷ୍ଟିନ୍ ନିକଟରେ ଅନ୍ୟ ଏକ ଗୁଳିକାଣ୍ଡରେ ୬ ଜଣ ଆହତ ହୋଇଥିଲେ। ସେହିପରି କାଲିଫର୍ଣ୍ଣିଆର ହଣ୍ଟିଂଟନ୍ ବିଚ୍‌ରେ ଗୁରୁବାର ରାତିରେ ହିଂସାକାଣ୍ଡ ଘଟି ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୩ ଆହତ ହୋଇଛନ୍ତି। ସେହି ରାତିରେ ଓହିଓରେ ସ୍ୱାଧୀନତା ଦିବସ ପାଳନ ବେଳେ ଗୁଳିକାଣ୍ଡ ଘଟି ଜଣେ ୨୩ ବର୍ଷୀୟ ଯୁବକ ନିହତ ହୋଇଛନ୍ତି। କ୍ଲେଭ୍‌ଲ୍ୟାଣ୍ଡଠାରେ ୧୦ ବର୍ଷର ଝିଅ ଗାସି ଗିଫିନଙ୍କ ମୃତ୍ୟୁ ହୋଇଛି। ଫିଲାଡେଲ୍‌ଫିଆରେ ଏକାଧିକ ଗୁଳିକାଣ୍ଡରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହୋଇଛନ୍ତି।

ମାସାଚୁସେଟ୍ସରେ ସ୍ୱାଧୀନତା ଦିବସ ପାଳନ ବେଳେ ବୋଷ୍ଟନ୍‌ର ଏକ ପାର୍କ ନିକଟରେ ଗୁଳିକାଣ୍ଡ ଘଟି ଜଣେ ପ୍ରାଣ ହରାଇଛନ୍ତି। ସହରର ଜାମାଇକା ପ୍ଲେନ୍‌ଠାରେ ହିଂସାକାଣ୍ଡରେ ୩ ଜଣ ଆହତ ହୋଇଛନ୍ତି। କନେକ୍ଟିକଟ୍‌ରେ ଜଣେ ମହିଳାଙ୍କୁ କାର୍ ଭିତରେ ଗୁଳି କରାଯାଇଥିଲା। ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ନ୍ୟୁୟର୍କର ଆଲମାନିଠାରେ ଗୁଳିକାଣ୍ଡରେ ୬ ଜଣ କିଶୋର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ଉତ୍ସବ ମନାଉଥିବା ସ୍ଥାନରେ ଗୁଳିକାଣ୍ଡ ଘଟିଥିଲା। ଏହାର କିଛି ସମୟ ପରେ ଜଣେ କିଶୋର ରାସ୍ତାରେ କେତେଜଣ ଅଫିସରଙ୍କ ଉପରକୁ ଗୁଳି ଚଳାଇଥିଲେ। ନ୍ୟୁୟର୍କର କୁଇନ୍ସ ସେକ୍ସନରେ ଘରୋଇ ବିବାଦକୁ ନେଇ ଛୁରାମାଡ଼ରେ ଜଣେ ୮ ବର୍ଷର ବାଳକ ପ୍ରାଣ ହରାଇଛି। ସେହିପରି ମିଶିଗାନରେ ଶୁକ୍ରବାର ସକାଳେ ପାର୍ଟି ଚାଲିଥିବାବେଳେ ଗୁଳିକାଣ୍ଡ ଘଟି ୫ ଜଣ କିଶୋର ଆହତ ହୋଇଛନ୍ତି। ଫ୍ଲୋରିଡାର ଟାମ୍ପା ଆଉଲ୍ସ ନାଇଟ୍ କ୍ଲବ୍ ବାହାରେ ଶୁକ୍ରବାର ଭୋର ସମୟରେ ଗୁଳିକାଣ୍ଡ ଘଟି ୫ ଜଣ ଆହତ ହୋଇଛନ୍ତି। ନର୍ଥ କାରୋଲିନାର ହାଇପଏଣ୍ଟଠାରେ ଅଣଆନୁଷ୍ଠାନିକ ଆତସବାଜି କାର୍ଯ୍ୟକ୍ରମ ବେଳେ ଜଣେ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ ସେଣ୍ଟ ଲୁଇସ୍ ଅଞ୍ଚଳରେ ଗୁଳିକାଣ୍ଡରେ ୨ ଜଣ ପ୍ରାଣ ହରାଇବା ସହ ୫ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ପୋଲିସ କହିଛି। ୱେଷ୍ଟ ଭିର୍ଜିନିଆରେ ଜଣେ ୪୨ ବର୍ଷୀୟ ବ୍ୟକ୍ତି ଗୁଳିମାଡ଼ରେ ନିହତ ହୋଇଛନ୍ତି। ଚିକିତ୍ସାଧିନ ଅବସ୍ଥାରେ ବହୁ ଆହତଙ୍କ ମୃତ୍ୟୁ ଘଟିଛି।



ଶିକାଗୋ ସହରର ଗୁଳିକାଣ୍ଡ ସ୍ଥଳରେ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି।

## ପାଟନା କୋର୍ଟରେ ଭୋଲେ ବାବାଙ୍କ ନାଁରେ ମାମଲା

ପାଟନା,୬।୭

ଉତ୍ତରପ୍ରଦେଶର ହାଥ୍‌ରସ୍ ଜିଲାରେ ଗତ ୨ ତାରିଖରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ବେଳେ ଦଳାଚକଟା ଘଟି ୧୨୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସତ୍‌ସଙ୍ଗରେ ପ୍ରବଚନ ଦେଉଥିବା ଭୋଲେ ବାବା ଓରଫ ସୂରଜପାଲ୍ ସିଂଙ୍କ ନାଁରେ ଶନିବାର ପାଟନା କୋର୍ଟରେ ମାମଲା ରୁଜୁ ହୋଇଛି। ଆତ୍ମଘୋଷିତ ଗଡ୍‌ମ୍ୟାନ୍ ଭୋଲେ ବାବା ଏକ ଭିଡିଓ ବାର୍ତ୍ତା ଜରିଆରେ କହିଥିଲେ, ହାଥ୍‌ରସ୍ ଦଳାଚକଟା ଘଟଣା ପାଇଁ ସେ ମର୍ମାହତ। ନ୍ୟାୟପାଳିକା ଉପରେ ଆସ୍ଥା ରଖିବା ପାଇଁ ସେ କ୍ଷତିଗ୍ରସ୍ତମାନଙ୍କ ପରିବାରକୁ କହିଥିଲେ। ଦଳାଚକଟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସତ୍‌ସଙ୍ଗର ଆୟୋଜକ ଦେବପ୍ରକାଶ ମଧୁକରଙ୍କୁ ଶୁକ୍ରବାର ରାତିରେ ଗିରଫ କରାଯାଇଥିଲା। ଦଳାଚକଟା ଘଟଣା ସହ ରାଜନୈତିକ ସମ୍ପୃକ୍ତି ଥିବା ନେଇ ତଦନ୍ତ କରାଯିବ ବୋଲି ହାଥ୍‌ରସ୍ ଏସ୍‌ପି କହିଛନ୍ତି।

## ୬ ମହଲା ବିଲ୍ଡିଂ ଭୁଶୁଡ଼ିଲା: ୧୫ ଆହତ

ସୁରଟ,୬।୭(ପି.ଟି.)

ଗୁଜରାଟର ସୁରଟ ସହର ଅନ୍ତର୍ଗତ ପାଲ୍ ଅଞ୍ଚଳରେ ଶନିବାର ଅପରାହ୍ନରେ ଏକ ୬ ମହଲା ବିଲ୍ଡିଂ ଭୁଶୁଡ଼ିବାରୁ ୧୫ ଜଣ ଆହତ ହୋଇଛନ୍ତି। କୋଠା ଭଗ୍ନାବଶେଷ ତଳେ ବହୁ ଲୋକ ଫସିଥିବା ଆଶଙ୍କା କରାଯାଉଛି। ୮ ବର୍ଷ ପୂର୍ବରୁ ଏହି ବିଲ୍ଡିଂ ନିର୍ମାଣ ହୋଇଥିଲା। ଏହା ଭୁଶୁଡ଼ିବାରେ ସେଠାରେ ଭଗ୍ନାବଶେଷର ପାହାଡ଼ ସୃଷ୍ଟି ହୋଇଛି। ବିଲ୍ଡିଂରେ ୫ଟି ପରିବାର ରହୁଥିଲେ। ଉଦ୍ଧାର କାର୍ଯ୍ୟରେ ପୋଲିସ, ଅଗ୍ନିଶମ କର୍ମଚାରୀଙ୍କ ସମେତ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ଅଛନ୍ତି। ସୁରଟ ପୋଲିସ କମିଶନରଙ୍କ ସମେତ ବହୁ ପଦାଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

## କେଜ୍‌ରିୱାଲଙ୍କ ଜାମିନ ରୋକାଯିବା ଚିନ୍ତାଜନକ

ନୂଆଦିଲ୍ଲୀ,୬।୭

**ସିଜେଆଇଙ୍କୁ ପତ୍ର ଲେଖିଲେ ୧୫୦ ଆଇନଜୀବୀ**

ଅବକାରୀ ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ତିହାର ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ରାଉସ୍ ଆଭେନ୍ୟୁ କୋର୍ଟ ଜାମିନ ମଞ୍ଜୁର କରିଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହାକୁ ଚ୍ୟାଲେଞ୍ଜ କରିବାରୁ ହାଇକୋର୍ଟ ଏହା ଉପରେ ରୋକ୍ ଲଗାଇଥିଲେ। ଜାମିନ ରୋକାଯିବାକୁ ନେଇ ଦିଲ୍ଲୀ ହାଇକୋର୍ଟ ଓ ଜିଲା କୋର୍ଟଗୁଡ଼ିକର ୧୫୦ ଜଣ ଆଇନଜୀବୀ ଗମ୍ଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଅଦାଲତଗୁଡ଼ିକରେ ଏଭଳି ପରମ୍ପରା ଅଭୂତପୂର୍ବ ବୋଲି ସେମାନେ କହିବା ସହ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ପତ୍ର ଲେଖି ସେମାନଙ୍କର ଉଦ୍‌ବେଗ ଜଣାଇଛନ୍ତି। କେଜ୍‌ରିୱାଲଙ୍କୁ ଜାମିନ ସମ୍ପର୍କିତ ତଳକୋର୍ଟଙ୍କ ରାୟ ୱେବ୍‌ସାଇଟରେ ଅପ୍‌ଲୋଡ୍ ହେବା ପୂର୍ବରୁ ହାଇକୋର୍ଟ ବିଚାରପତି ଇଡି ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କଲେ କିପରି ବୋଲି ଆଇନଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ଭାରତୀୟ ନ୍ୟାୟପାଳିକା ଇତିହାସରେ ପୂର୍ବରୁ ଏଭଳି କେବେ ଘଟି ନ ଥିଲା ବୋଲି ସେମାନେ କହିଛନ୍ତି।

## ୪ ହଜାର ବର୍ଷ ପୁରୁଣା ମନ୍ଦିର ଭଗ୍ନାବଶେଷ

**କାନ୍ଥରେ ଖୋଦିତ ହୋଇଛି ପୌରାଣିକ ଚିତ୍ର**

ଲିମା, ୬।୭

ଦକ୍ଷିଣ ଆମେରିକୀୟ ଦେଶ ପେରୁର ଉତ୍ତର ପାର୍ଶ୍ୱରେ ଅବସ୍ଥିତ ଜାନା ଜିଲାର ଏକ ମରୁଭୂମି ମଧ୍ୟରୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଗୋଟିଏ ୪ ହଜାର ବର୍ଷ ପୁରୁଣା ମନ୍ଦିରର ଭଗ୍ନାବଶେଷକୁ ଖୋଜି ବାହାର କରିଛନ୍ତି। ଏହି ମରୁଭୂମିଟି ପେରୁର ରାଜଧାନୀ ଲିମାଠାରୁ ୭୮୦ କିଲୋମିଟର ଉତ୍ତରରେ ପ୍ରଶାନ୍ତ ମହାସାଗର ନିକଟରେ ଥିବା ଲମ୍ବାୟେକ୍ ଅଞ୍ଚଳରେ ଅବସ୍ଥିତ। ପ୍ରତ୍ନତତ୍ତ୍ୱବିତମାନଙ୍କୁ ସମ୍ପୃକ୍ତ ସ୍ଥଳରୁ ମାନବ କଙ୍କାଳର କେତେକ ଅବଶିଷ୍ଟାଂଶ ମିଳିଛି, ଯାହା ବିଭିନ୍ନ ଧାର୍ମିକ ରୀତିନୀତିରେ ବ୍ୟବହୃତ ହେଉଥିବା ଅନୁମାନ କରାଯାଉଛି। ପରୀକ୍ଷାନିରୀକ୍ଷା ପରେ ମିଳିଥିବା ଭଗ୍ନାବଶେଷ ଏକ ୪ ହଜାର ବର୍ଷ ପୁରୁଣା ମନ୍ଦିରର ବିଭିନ୍ନ ଧାର୍ମିକ ପରମ୍ପରାର ଅଂଶ ହୋଇଥିବା ସ୍ଥାନୀୟ ପୋଣ୍ଟିଫିକଲ୍ କାଥୋଲିକ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରତ୍ନତତ୍ତ୍ୱବିତ୍ ଲୁଇସ୍ ମୁରୋ କହିଛନ୍ତି। ସେହିପରି ଏହି ପ୍ରାଚୀନ ମନ୍ଦିରର କାନ୍ଥଗୁଡ଼ିକରେ ବିଭିନ୍ନ ପୌରାଣିକ ଚିତ୍ର ଖୋଦିତ ହୋଇଥିବା ସେ କହିଛନ୍ତି। ଏହି ଭଗ୍ନାବଶେଷର ପରୀକ୍ଷାନିରୀକ୍ଷା ମୁରୋଙ୍କ ନେତୃତ୍ୱରେ ପେରୁର ବରିଷ୍ଠ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଏକ ଟିମ୍ ଚଳାଇଛି।

ସୂଚନାଯୋଗ୍ୟ, ଉତ୍ତର ପେରୁରେ ଥିବା ବିଭିନ୍ନ ମେରୁଭୂମି ଗୁଡ଼ିକରେ ପୂର୍ବରୁ ଅନେକବାର ପ୍ରତ୍ନତତ୍ତ୍ୱବିତମାନେ ପ୍ରାଚୀନ ଅଟ୍ଟାଳିକାଗୁଡ଼ିକର ଭଗ୍ନାବଶେଷକୁ ଠାବ କରିଛନ୍ତି।


ପେରୁର ଜାନା ଜିଲାସ୍ଥିତ ମରୁଭୂମି ମଧ୍ୟରୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ୪ ହଜାର ବର୍ଷ ପୁରୁଣା ଏକ ମନ୍ଦିରର ଭଗ୍ନାବଶେଷକୁ ଖୋଜି ବାହାର କରୁଛନ୍ତି।






ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁଲାଇ ୭/୨୦୨୪
Bhubaneswar, Sunday, July 7/2024

# ପଥକୁ ଓହ୍ଲାଇବେ ଦାରୁଦିଅଁ

**ପୁରୀ ୬।୭(ଅଜିତ୍ କୁମାର ମହାନ୍ତି)**

ରବିବାର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏହି ଦିବସରେ ଅର୍ଥାତ୍ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଦାରୁଦିଅଁ ଶ୍ରୀମନ୍ଦିର ରତ୍ନବେଦି ଛାଡ଼ି ପଥ(ବଡ଼ଦାଣ୍ଡ)କୁ ଓହ୍ଲାଇବେ। ରଥରେ ଯିବେ ଶ୍ରୀଗୁଣ୍ଡିଚା ମନ୍ଦିର। ଏଥିପାଇଁ ୩ ରଥ ନନ୍ଦିଘୋଷ, ଦେବଦଳନ ଏବଂ ତାଳଧ୍ୱଜ ସିଂହଦ୍ୱାର ସମ୍ମୁଖରେ ସଜେଇ ହୋଇରହିଥିବାବେଳେ ପଥ ମଧ୍ୟ ପ୍ରସ୍ତୁତ ହୋଇରହିଛି। ଚତୁର୍ଦ୍ଧା ବିଗ୍ରହଙ୍କ ଗୁଣ୍ଡିଚାଯାତ୍ରା ଭଳି ଦିବ୍ୟ ମୁହୂର୍ତ୍ତର ସାକ୍ଷୀ ହେବା ପାଇଁ ଅଗଣିତ ଭକ୍ତ ଅପେକ୍ଷା କରି ରହିଛନ୍ତି। ଏଥିପାଇଁ ଶନିବାରଠାରୁ ଶ୍ରୀକ୍ଷେତ୍ର ହୋଇପଡ଼ିଛି ଜଗନ୍ନାଥମୟ।

ଘୋଷଯାତ୍ରାର ଅବ୍ୟବହିତ ପୂର୍ବରୁ ଶନିବାର ପ୍ରତିପଦା ତିଥିରେ ଶ୍ରୀମନ୍ଦିରରେ ସକାଳଧୂପ ଶେଷ ହେବାପରେ ରଥଖଳାକୁଆଜ୍ଞାମାଳ ବିଜେ ହୋଇଥିଲା। ୩ ଜଣ ପୂଜାପଣ୍ଡା ପଟ୍ଟିଦିଅଁଙ୍କଠାରୁ ଆଜ୍ଞାମାଳ ଆଣିଥିଲେ। ଏହାପରେ ଘଣ୍ଟି ଛତା କାହାଳୀ ସହ ପୂଜାପଣ୍ଡା ସାମନ୍ତ ରଥଖଳାକୁ ଆଜ୍ଞାମାଳା ବିଜେ କରିଥିଲେ। ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ରଥରେ, ଦ୍ୱିତୀୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ, ଶେଷରେ ମା' ସୁଭଦ୍ରାଙ୍କ ଦେବଦଳନ ରଥରେ ଆଜ୍ଞାମାଳ ବିଜେ କରାଯାଇଥିଲା। ଏହାପରେ ଭୋଇ ସେବକମାନେ ରଥରେ ଦଉଡି ସଂଯୋଗ କରିଥିଲେ। ବିଜେ କାହାଳୀ ଦିଆଯିବା ପରେ ପରମ୍ପରା ଅନୁଯାୟୀ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଟଣାଯାଇଥିଲା। ପରେ ଦେବଦଳନ ରଥ ଏବଂ ଶେଷରେ ତାଳଧ୍ୱଜ ରଥକୁ ଟଣାଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚାଯାଇଥିଲା। ସିଂହଦ୍ୱାର ସମ୍ମୁଖରେ ଲାଗିବା ପରେ ତିନି ରଥକୁ ପୋଲିସ ପକ୍ଷରୁ ଲୁହା ବ୍ୟାରିକେଡ୍ ଦ୍ୱାରା ଆବଦ୍ଧ କରାଯାଇଥିଲା। ଅପରପକ୍ଷରେ ତିଥି କ୍ଷୟ ଯାଉଥିବାରୁ ଚଳିତ ବର୍ଷ ରଥଯାତ୍ରା ଦିନ ହିଁ ନବଯୌବନ ଓ ନେତ୍ରୋତ୍ସବ ପଡୁଛି। ତେଣୁ ଭକ୍ତମାନେ ମହାପ୍ରଭୁଙ୍କର ନବଯୌବନ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ରବିବାର ରଥ ଉପରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସହ ରଥଟାଣି ନିଜକୁ ଧନ୍ୟ ମନେକରିବେ। ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ଜିଲା ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।



ଆଜି ରଥଯାତ୍ରା: ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶନିବାର ପ୍ରସ୍ତୁତ ହୋଇରହିଥିବା ନନ୍ଦିଘୋଷ, ଦର୍ପଦଳନ ଓ ତାଳଧ୍ୱଜ ରଥ। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

## ସୋମବାର ଶିକ୍ଷାନୁଷ୍ଠାନ ବନ୍ଦ

**ଭୁବନେଶ୍ୱର, ୬।୭(ଅସମାପିକା ସାହୁ)**

ଚଳିତବର୍ଷ ଶ୍ରୀଜୀଉଙ୍କ ଗୁଣ୍ଡିଚା ଯାତ୍ରା ଦୁଇଦିନ ଧରି ଚାଲିବ। ରବିବାର ସାପ୍ତାହିକ ଛୁଟି ଥିବାବେଳେ ସୋମବାର ରାଜ୍ୟର ସମସ୍ତ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ସୋମବାର ମଧ୍ୟ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ରଥଯାତ୍ରା ପାଇଁ କେବଳ ୭ ତାରିଖ ଦିନ ଛୁଟି ରହିଥିଲା। ଶିକ୍ଷା କ୍ୟାଲେଣ୍ଡରରେ ମଧ୍ୟ ରଥଯାତ୍ରା ଛୁଟି ରବିବାର ଥିଲା। ତେବେ ଚଳିତବର୍ଷ ଦୁଇଦିନ ରଥଯାତ୍ରା ପଡୁଥିବାରୁ ସରକାର ୮ ତାରିଖକୁ ମଧ୍ୟ ଛୁଟି ଘୋଷଣା କରିଛନ୍ତି। ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, କୋର୍ଟ ବନ୍ଦ ରହିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିବାବେଳେ ଏବେ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ସରକାର ଘୋଷଣା କରିଛନ୍ତି।




# ଆଦିବାସୀ ଯୁବକଙ୍କୁ ପିଟିଲା ପୋଲିସ

### ନ୍ୟାୟ ମାଗିଲେ ମା'



ରାଜେଶ ମିର୍ଦ୍ଧା

**ସମ୍ବଲପୁର, ୬।୭ (ପ୍ରମୋଦ ବହିଦାର)**

ପୋଲିସ ବର୍ବରତାର ଆଉ ଏକ କାହାଣୀ ଲୋକଲୋଚନକୁ ଆସିଛି। ବ୍ୟାଟେରି ଚୋରି ସନ୍ଦେହରେ ଜଣେ ଆଦିବାସୀ ଯୁବକଙ୍କୁ ଗାଁ ଲୋକଙ୍କ ଉପସ୍ଥିତିରେ ପୋଲିସ ମାଡ଼ ମାରିଛି। ଏପରି କି ସେତିକିରେ ମନ ବୁଝି ନ ଥିଲା ଯେ ଫାଣ୍ଡିକୁ ନେଇ ମଧ୍ୟ ନିସ୍ଥୁକ ପିଟିଛି। ପରେ ଯୁବକଙ୍କ ଚୋରିରେ ସମ୍ପୃକ୍ତ ନ ଥିବା ଜାଣିବା ପରେ ପୋଲିସ ତାଙ୍କୁ ଛାଡ଼ି ଦେଇଛି। ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ ଚିପିଲିମା ଫାଣ୍ଡି ଅଞ୍ଚଳରେ ଏହି ଘଟଣା ଘଟିଛି। ଯୁବକ ଜଣକ ହେଉଛନ୍ତି ରାଜେଶ ମିର୍ଦ୍ଧା। ଏହାକୁ ନେଇ ସମ୍ପୃକ୍ତ ଯୁବକଙ୍କ ମା' ସୁବାସିନୀ ମିର୍ଦ୍ଧା ଶନିବାର ସମ୍ବଲପୁର ଏସ୍‌ପି ଓ ମଙ୍ଗଳ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଅପରପକ୍ଷରେ ପୋଲିସ ବିରୋଧରେ ହୋଇଥିବା ଅଭିଯୋଗ ସତ୍ୟ ହୋଇଥିଲେ, କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି।

ସୁବାସିନୀଙ୍କ ଅଭିଯୋଗ ଅନୁସାରେ ଗତ ୩ ତାରିଖ ସକାଳ ପ୍ରାୟ ସାଢେ ୭ଟାରେ ବୁର୍ଲା ଥାନା ଅଧୀନ ଚିପିଲିମା ଫାଣ୍ଡିର ୨ଜଣ ପୋଲିସ କର୍ମଚାରୀ ସାହାଜବାହାଲ ଗ୍ରାମକୁ ଆସି ତାଙ୍କ ପୁଅ ରାଜେଶଙ୍କୁ ଏକ ବ୍ୟାଟେରି ଚୋରି ସନ୍ଦେହରେ ଘରୁ ଉଠାଇ ନେଇଥିଲେ। ଏହାପରେ ଗାଁ ଦାଣ୍ଡ ମନ୍ଦିର ସମ୍ମୁଖରେ ରାଜେଶଙ୍କୁ ଗ୍ରାମବାସୀଙ୍କ ସମ୍ମୁଖରେ ଚୋରି ସମ୍ପର୍କରେ ପଚରାଉଚରା କରିବା ସହ ମାଡ଼ ମାରିବା ପରେ ତାଙ୍କୁ ଫାଣ୍ଡିକୁ ନେଇ ପୋଲିସ ନିସ୍ଥୁକ ପିଟିଥିଲା। ଏପରି କି ମାଡ଼ ମାରିବା ବେଳେ ପୋଲିସ ରାଜେଶଙ୍କୁ ଜାତିଆଣ ଆକ୍ଷେପ କରିଥିଲା ବୋଲି ସୁବାସିନୀ ଅଭିଯୋଗରେ ଦର୍ଶାଇଛନ୍ତି। ପରେ ଚୋରିରେ ତାଙ୍କର ସମ୍ପୃକ୍ତି ନ ଥିବା ଅନୁଭବ କରି ଫାଣ୍ଡିରେ ଏକ ସାଦା କାଗଜରେ ରାଜେଶଙ୍କ ଦସ୍ତଖତ କରାଇ ଅପରାହ୍ନରେ ଆଣି ତାଙ୍କୁ ଘରେ ଛାଡ଼ିଥିଲା। ରାଜେଶଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଚିକିତ୍ସା ପାଇଁ ବୁର୍ଲା ଭିମ୍ସାରକୁ ନେଇଥିଲେ। ତେବେ ନିଜ ଦୋଷ ଲୁଚାଇବାକୁ କେତେଜଣ ପୋଲିସ ☞ପୃଷ୍ଠା-୧୫

**ଆଜିର ସମ୍ପାଦକୀୟ**
ବାଇଡେନ୍‌ଙ୍କ ବୟସ










# ୨୩ରେ କେନ୍ଦ୍ର ବଜେଟ

**ନୂଆଦିଲ୍ଲୀ,୬।୭**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜୁଲାଇ ୨୨ରୁ ଆରମ୍ଭ ହୋଇ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବ। ଜୁଲାଇ ୨୩ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ୨୦୨୪-୨୫ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିବେ। ତୃତୀୟ ପାଳି ନରେନ୍ଦ୍ର ମୋଦି ସରକାରଙ୍କର ଏହା ପ୍ରଥମ ବଜେଟ ହେବ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଶନିବାର ଏହି ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ସୁପାରିସକ୍ରମେ ଭାରତର ରାଷ୍ଟ୍ରପତି ପାର୍ଲାମେଣ୍ଟର ଉଭୟ ସଦନର ବଜେଟ ଅଧିବେଶନ ଜୁଲାଇ ୨୨ରୁ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଡାକିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ୨୩ରେ ଅର୍ଥମନ୍ତ୍ରୀ ସୀତାରାମନ୍ ମୋଦି ସରକାରଙ୍କ ପୂର୍ଣ୍ଣକାଳୀନ ବଜେଟ ଉପସ୍ଥାପନ କରିବେ। ଲୋକ ସଭା ନିର୍ବାଚନ ପୂର୍ବରୁ ଗତ ଫେବୃଆରୀ ୧ରେ ସୀତାରାମନ୍ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିଥିଲେ। ବଜେଟ ତାରିଖ ଘୋଷଣା ହେବା ସହ ମୋଦି ୩.୦ ସରକାରରେ ଅର୍ଥମନ୍ତ୍ରୀ ଟିକସଦାତାମାନଙ୍କ ପାଇଁ କ'ଣ ସବୁ ସୁବିଧା ଘୋଷଣା କରିବେ, ତାକୁ ନେଇ ଆଶା ଆକାଂକ୍ଷା ଓ କଳ୍ପନାଜଳ୍ପନା ବଢ଼ିବାରେ ଲାଗିଛି। ଏଥର ବଜେଟରେ ଷ୍ଟାଣ୍ଡାର୍ଡ ଡିଡକ୍ସନ ସୀମା ବଢ଼ିପାରେ ବୋଲି ବିଶେଷଜ୍ଞମାନଙ୍କ ବିଶ୍ୱାସ। ଏହା ବ୍ୟତୀତ ଗ୍ରାମାଞ୍ଚଳ ଗୃହନିର୍ମାଣ ପାଇଁ ରାଜ୍ୟ ସବ୍‌ସିଡି ବଢ଼ାଇବା ନିମନ୍ତେ କେନ୍ଦ୍ର ସରକାର ପ୍ରସ୍ତୁତି ଚଳାଇଛନ୍ତି। ଗତବର୍ଷ ତୁଳନାରେ ଏହା ୫୦% ବଢ଼ି ୬.୫ ବିଲିୟନ ଡଲାର ଟପିବା ଆଶା ରହିଛି। ଲୋକ ସଭାର ପ୍ରଥମ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଭିଭାଷଣରେ କହିଥିଲେ, ସରକାର ଅନେକ ଐତିହାସିକ ପଦକ୍ଷେପ ନେବାକୁ ଯାଉଛନ୍ତି। ତେଣୁ ବଜେଟରେ ଏହାର ପ୍ରତିଫଳନ ଦେଖିବାକୁ ମିଳିପାରେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀଜଗନ୍ନାଥ ଭକ୍ତି ଟ୍ରଷ୍ଟ ପକ୍ଷରୁ ଆୟୋଜିତ ରଥଯାତ୍ରାର ନେତ୍ରୋତ୍ସବ, ନବଯୌବନ ଦର୍ଶନ, ପହଣ୍ଡି ଓ ରଥଟଣା, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର, ଶୈଳଶ୍ରୀ ବିହାର, ସମୟ: ପ୍ରାତଃ ୫ଟା ୫।
- ବିଜୁ ପଟ୍ଟନାୟକ ପାର୍କ ଯୋଗ ସାଧନକେନ୍ଦ୍ରର ୧୭ତମ ବାର୍ଷିକୋତ୍ସବ, ସ୍ଥାନ: ଫରେଷ୍ଟ ପାର୍କ, ସମୟ: ସକାଳ ୭ଟା ୩୦।
- ଶ୍ରୀପତିତପାବନ ଦେବ ଜୀଉଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରାର ନେତ୍ରୋତ୍ସବ, ନବଯୌବନ ଦର୍ଶନ, ପହଣ୍ଡି ଓ ରଥଟଣା, ସ୍ଥାନ: ବାଲିଅନ୍ତା ବ୍ଲକର କାକରୁଦ୍ରପୁର ଗ୍ରାମର ପତିତପାବନ ମନ୍ଦିର ସମ୍ମୁଖସ୍ଥ, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରକଳା ପ୍ରଦର୍ଶନୀ 'ମୋ ମନର ଜଗନ୍ନାଥ', ସ୍ଥାନ: କଳିଙ୍ଗ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦ ନଗର ସାଂସ୍କୃତିକ ସମିତି ପକ୍ଷରୁ ରଥଯାତ୍ରାରେ ରଥଟଣା, ସ୍ଥାନ: ବିଷ୍ଣୁମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା।
- ପୁସ୍ତକ 'ଦି ବିଗ୍ ବୁକ୍ ଅଫ୍ ଓଡ଼ିଆ ଲିଟରେଚର' ଉନ୍ମୋଚନ, ସ୍ଥାନ: ଦି ନ୍ୟୁ ମାରିୟନ ହୋଟେଲ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- ଶ୍ରମିକ ନେତା ଅକ୍ଷୟ ମଲ୍ଲିକଙ୍କ ଷଷ୍ଠତମ ଶ୍ରାଦ୍ଧ ବାର୍ଷିକୀ ପାଳନ ସହ ଚାରାରୋପଣ କାର୍ଯକ୍ରମ ଓ ରକ୍ତଦାନ ଶିବିର, ସ୍ଥାନ: ପାଞ୍ଚଗାଁ, ତଳସାହି ବିଦ୍ୟାଳୟ ପରିସର, ତିଗିରିଆ, ସମୟ: ସକାଳ ୯ଟା।
- ସୁଭାଷ ସଙ୍ଗଠନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: କଟକ ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ, ସମୟ: ସକାଳ ୯ଟା।
- ଓମ୍ ଅଏଲ୍ ଆଣ୍ଡ ଫ୍ଲୋର୍ ମିଲ୍ସ ଲିମିଟେଡ୍ ପକ୍ଷରୁ ୪୯ତମ ରୁଚି ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଶ୍ରୀ ଲକ୍ଷେଶ୍ୱର ମଣ୍ଡପ, ରୁଚି ପରିସର, ମଧୁପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ପତିତପାବନଜୀଉଙ୍କ ରଥଯାତ୍ରା, ସ୍ଥାନ: ଦୋଳମୁଣ୍ଡାଇ, ସମୟ: ଅପରାହ୍ନ ୧ଟା।
- ରାଣୀହାଟ ଶ୍ରୀଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରା, ସ୍ଥାନ: ରାଣୀହାଟ, ସମୟ: ଅପରାହ୍ନ ୧ଟା।
- ଚାନ୍ଦିନୀଚୌକ ଶ୍ରୀଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରା, ସ୍ଥାନ: ଚାନ୍ଦିନୀଚୌକ, ସମୟ: ଅପରାହ୍ନ ୧ଟା।

## ପୁରୀ

- ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା, ସ୍ଥାନ: ମୁଳଅଳସା, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୩ଟା।
- ଠାକୁର ଅଜା ସିଦ୍ଧ ବଳରାମଙ୍କ ରଥଯାତ୍ରା, ସ୍ଥାନ: ବକୁଳବନ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ଜିଲା ପ୍ରେସ କ୍ଲବ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ ପରିସର, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଜାଗୃତି ଅନୁଷ୍ଠାନ ପକ୍ଷରୁ ଚାରାରୋପଣ, ସ୍ଥାନ: ଟିଏଲ୍‌ସି ରୋଡ୍, ସମୟ: ସକାଳ ୮ଟା।
- ପୂର୍ଣ୍ଣବିଗ୍ରହଙ୍କ ଘୋଷଯାତ୍ରା, ସ୍ଥାନ: ଜାଗୁଳିପାଟଣା, ସମୟ: ଅପରାହ୍ନ ୪ଟା।
- ଗଡ଼ଖୋର୍ଦ୍ଧା ରଥଯାତ୍ରା, ସ୍ଥାନ: ଗଡ଼ଖୋର୍ଦ୍ଧା, ସମୟ: ଅପରାହ୍ନ ୪ଟା।
- ମହାପ୍ରଭୁ ଦଧିବାମନଙ୍କ ଘୋଷଯାତ୍ରା, ସ୍ଥାନ: କୁଦିଆରୀ ଗ୍ରାମ, ଜଟଣୀ, ସମୟ: ଅପରାହ୍ନ ୪ଟା।
- ଲବଣଗିରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା, ସ୍ଥାନ: ଲବଣଗିରି, ଜଟଣୀ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ବିଶିଷ୍ଟ ଶିକ୍ଷାବିତ ବଙ୍କିମ ଚନ୍ଦ୍ର ମହାରଣାଙ୍କ ସ୍ମୃତିସଭା, ସ୍ଥାନ: ବରି, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିର ନବଯୌବନ ଦର୍ଶନ, ସମୟ: ସକାଳ ୭ଟା।
- ଘୋଷଯାତ୍ରା, ସମୟ: ଅପରାହ୍ନ ୪ଟା, ସ୍ଥାନ: ଖଗଡ଼ାପାଳ, ବାଲିଆପାଳ
- ରଥଯାତ୍ରା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ଧାଡ଼ି ପହଣ୍ଡିରେ ରଥାରୂଢ଼ ହେବେ ଚତୁର୍ଦ୍ଧା ମୂର୍ତ୍ତି, ସ୍ଥାନ: ନୀଳଗିରି ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୩ଟା ୩୦।
- ରଥଯାତ୍ରା ଉତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଖୁଆଡ଼, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।
- ଶ୍ରୀ ଗୁଣ୍ଡିଚା ରଥଯାତ୍ରା ବସ୍ତା ବଜାର ପରିକ୍ରମା କରି ମାଉସୀମା ମନ୍ଦିର ପହଞ୍ଚିବ, ସ୍ଥାନ: ଇଶ୍ୱରବର୍ତ୍ତୀ ମନ୍ଦିର ପ୍ରାଙ୍ଗଣ, ବସ୍ତା, ସମୟ: ଅପରାହ୍ନ ୪ଟା।
- ରଥଯାତ୍ରା ଉତ୍ସବ, ସ୍ଥାନ: ନୀଳବାଡ଼ି, ରୂପସା, ସମୟ: ଅପରାହ୍ନ ୪ଟା।
- ଶ୍ରୀ ଗୁଣ୍ଡିଚା ଯାତ୍ରା, ସ୍ଥାନ: ଲଙ୍ଗଳେଶ୍ୱର, ମାନ୍ଧାତା ବଜାର, ଭକ୍ତି କ୍ଷେତ୍ର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଧାମନଗରର ବିଭିନ୍ନ ଅଞ୍ଚଳରେ ଘୋଷଯାତ୍ରା, ସ୍ଥାନ: ରୁଢ଼ାକୁଟି, ବନ୍ଧଡିଆ, ଭଗବାନପୁର, ଦୋବଲ ସୋଧ, ଅସୁରାଳି ବଜାର, ଧୂଷୁରୀ, ଧାମନଗର, ସମୟ: ଅପରାହ୍ନ ୩ଟା।
- ମାଧବଜୀଉଙ୍କ ରଥଯାତ୍ରା, ସ୍ଥାନ: ଆଗରପଡ଼ା, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ମଙ୍ଗଳପୁର, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ସ୍ଥାନ: ଚାନ୍ଦବାଲି ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୪ଟା।
- ତ୍ରିପଲ୍ଲୀ ଜଗନ୍ନାଥଙ୍କ ରଥଯାତ୍ରା, ସ୍ଥାନ: ବିନତରା, ଚାନ୍ଦବାଲି ଏନ୍‌ଏସି, ସମୟ: ଅପରାହ୍ନ ୪ଟା।
- ରଥଯାତ୍ରା, ସ୍ଥାନ: ବାଇପାସ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।
- ଭଦ୍ରକାଳୀ ପୀଠରେ ରଥଟଣା, ସ୍ଥାନ: ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ପୂଜାର୍ଚ୍ଚନା, ଯଜ୍ଞ, ସ୍ଥାନ: ଚଣ୍ଡିଆବିରଞ୍ଚିପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଶ୍ରୀ ଜଗନ୍ନାଥ ମନ୍ଦିରରେ ନେତ୍ରୋତ୍ସବ, ସ୍ଥାନ: ଯୋଡ଼ା, ସମୟ: ସକାଳ ୭ଟା।
- ଶ୍ରୀ ଜଗନ୍ନାଥ ମନ୍ଦିରରେ ନବ ଯୌବନ ଦର୍ଶନ, ଧୂପ, ନିତିକାନ୍ତି, ସ୍ଥାନ: ଯୋଡ଼ା, ସମୟ: ସକାଳ ୯ ଟା, ମଧ୍ୟାହ୍ନ ୧ଟା।
- ଶ୍ରୀ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଇଁ ପହଣ୍ଡି ବିଜେ, ସ୍ଥାନ: ଯୋଡ଼ା, ସମୟ: ଅପରାହ୍ନ ୩ଟା ୩୦।
- ଓଁକାର ସେବାଶ୍ରମ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ, ସ୍ଥାନ: ଗୋଡ଼ିସାହି, ଘସିପୁରା, ସମୟ: ପୂର୍ବାହ୍ନ ୧୦ ଟା।
- ଗଣେଶ କ୍ଲବ ପକ୍ଷରୁ ଚାରାରୋପଣ, ସ୍ଥାନ: ଅଶୋକ ନଗର, ବାଡୋ, ଘସିପୁରା, ସମୟ: ପୂର୍ବାହ୍ନ ୧୦ ଟା।
- ରୁଦ୍ରନାରାୟଣପୁର ଯୁବକ ସଂଘ ପକ୍ଷରୁ ଚାରା ରୋପଣ, ସ୍ଥାନ: ରୁଦ୍ରନାରାୟଣପୁର, ମଛାଳ, ଘସିପୁରା, ସମୟ: ପୂର୍ବାହ୍ନ ୧୧ଟା।
- ବାଡୋରେ ରଥାଯାତ୍ରା, ସ୍ଥାନ: ବାଡୋ, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ଖଲଣାରେ ଗଡ଼ିବ ମହାପ୍ରଭୁଙ୍କ ରଥଯାତ୍ରା, ସ୍ଥାନ: ଖଲଣା, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ଜଗନ୍ନାଥଙ୍କ ମନ୍ଦିରରେ ରଥଟଣା ଉତ୍ସବ, ସ୍ଥାନ: ଢେଙ୍କା, ବଂଚୋ, ଶାଳନିଆ, ଓରାଳି କଳିଙ୍ଗା, ହାଟଡିହୀ, ସମୟ: ଅପରାହ୍ନ ୪ ଟା ଏବଂ ୫ ଟା।

## ମୟୂରଭଞ୍ଜ

- ଉଦଳା ତାଲୁକ ଆଇନସେବା ପକ୍ଷରୁ ଚାରାରୋପଣ, ସ୍ଥାନ: ଦୁତିକାଦେଇପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସନ୍ତରଣ ଚମ୍ପିଆନଶିପ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ସନ୍ତରଣ କୁଣ୍ଡ, ସମୟ: ସକାଳ ୭ ଟା।
- କ୍ଷେତ୍ରଶନ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାରାରୋପଣ, ସ୍ଥାନ: କ୍ଷେତ୍ରଶନ ପଡ଼ିଆ, ବାରିପଦା, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ନେତ ବନ୍ଧନ, ସ୍ଥାନ: ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଦେଉଳସାହି, ସମୟ: ସକାଳ ୯ଟା ୩୦।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ନବଯୌବନ ବେଶ ଦର୍ଶନ ଓ ରଥ ପ୍ରତିଷ୍ଠା, ସ୍ଥାନ: ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା, ଦେଉଳସାହି, ସମୟ: ପୂର୍ବାହ୍ନ ୧୧ ଟା ୩୦।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥଯାତ୍ରାରେ ମା' ଅମ୍ବିକା ଠାକୁରାଣୀଙ୍କ ଦାସୀଙ୍କ ରଥ ପ୍ରଦକ୍ଷିଣ, ସ୍ଥାନ: ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଦେଉଳସାହି, ସମୟ: ଅପରାହ୍ନ ୧ଟା ୩୦।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ଚକାଛଡା, ସ୍ଥାନ: ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଦେଉଳସାହି, ସମୟ: ଅପରାହ୍ନ ୨ଟା ୩୦।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ଛେରା ପହରା, ସ୍ଥାନ: ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଦେଉଳସାହି, ସମୟ: ଅପରାହ୍ନ ୩ ଟା ୩୦।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥ ଉପରକୁ ଶ୍ରୀଗୁଣ୍ଡିଚା ପହଣ୍ଡି ବିଜେ, ସ୍ଥାନ: ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଦେଉଳସାହି, ସମୟ: ଅପରାହ୍ନ ୪ ଟା।

## ଗଞ୍ଜାମ

- ମେଗା ରକ୍ତଦାନ ଶିବିର,ସ୍ଥାନ:ବିଳାସପୁର ଗ୍ରାମ, ଖଲ୍ଲିକୋଟ, ସମୟ:ସକାଳ ୮ଟା।
- ବ୍ୟାସ ପୂଜା, ନଗର ସଂକୀର୍ତ୍ତନ, ଭୋଗଆରତୀ, ସ୍ଥାନ:ଇସ୍କନ ଭେଜିପୁଟ, ଖଲ୍ଲିକୋଟ, ସମୟ:ସକାଳ ୮ଟା।

## କନ୍ଧମାଳ

- ଶ୍ରୀଜଗନ୍ନାଥଙ୍କ ରଥ ଯାତ୍ରା, ସ୍ଥାନ: ଗବାଟବାଡ଼ି ଗ୍ରାମ, ସମୟ: ସକାଳ ୭ଟାରୁ ପୂଜାକର୍ମ ଆରମ୍ଭ।
- ରଥଯାତ୍ରା, ସ୍ଥାନ:ସିମନବାଡି, ସମୟ: ଅପରାହ୍ନ ୩ଟା।
- ରଥଯାତ୍ରା, ସ୍ଥାନ:ସୁଗାନକେତା ଗ୍ରାମ, ସମୟ: ଅପରାହ୍ନ ୨ଟା।
- ରଥ ଯାତ୍ରା, ସ୍ଥାନ: ଗଦାପୁର ଏବଂ କାଟିଙ୍ଗିଆ ଗ୍ରାମ,ସମୟ: ଅପରାହ୍ନ ୨ଟା।

## ଢେଙ୍କାନାଳ

- ଜୟ ଜଗନ୍ନାଥ ସଦସ୍ୟଙ୍କ ପକ୍ଷରୁ ପ୍ରସାଦ ସେବନ, ସ୍ଥାନ: ରଥଗଡା ଗଣେଶ ବଜାର ଢେଙ୍କାନାଳ, ସମୟ: ସକାଳ ୯ଟା।
- ଇସ୍କନ ଢେଙ୍କାନାଳ ଶାଖା ପକ୍ଷରୁ ପ୍ରସାଦ ସେବନ, ସ୍ଥାନ:ଗୋପବନ୍ଧୁ ଟାଉନ ହଲ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ଢେଙ୍କାନାଳ ରଥଯାତ୍ରା, ସ୍ଥାନ: ରଥଗଡ଼ା ଢେଙ୍କାନାଳ, ସମୟ: ଅପରାହ୍ନ ୨ଟା ୫।
- ଶ୍ରୀ ଘୋଷଯାତ୍ରା, ସ୍ଥାନ: ଜୁବୁଲି ଟାଉନ ଢେଙ୍କାନାଳ, ସମୟ: ଅପରାହ୍ନ ୨ଟା ୧୪।
- ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଛକିଲୋ, ସିମିଳିପାଟଣା, ଢେଙ୍କାନାଳ, ସମୟ: ଅପରାହ୍ନ ୨ଟା ୩୦।
- ଶ୍ରୀଗୁଣ୍ଡିଚା ଭଜନ ସମାରୋହ ରୌପ୍ୟ ଜୟନ୍ତୀ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ବାଜିଚୌକ ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା୩୦।
- ମା' ତାରିଣୀଙ୍କ ପୀଠରେ ଭଜନ ସନ୍ଧ୍ୟା, ସ୍ଥାନ: ମା' ତାରିଣୀଙ୍କ ପୀଠ ନିହଲପ୍ରସାଦ ଗଁଦିଆ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଗଣପତି ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ବାଲିଝରା, ପାରାଦୀପ, ସମୟ: ସକାଳ ୮ଟା।
- ବନମହୋତ୍ସବ ସପ୍ତାହ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଡିଏଭି ସ୍କୁଲ ପରିସର, ପିପିଏଲ୍, ପାରାଦୀପ, ସମୟ: ସକାଳ ୯ଟା।
- ଶ୍ରୀ ଗୁଣ୍ଡିଚା ଯାତ୍ରା, ସ୍ଥାନ: ଗୋବର୍ଦ୍ଧନ ପୀଠ, ଗାରୋଇ, ନାଉଗାଁ, ସମୟ: ସକାଳ୯ଟା।
- ଆଦର୍ଶ ପ୍ରୟାସ ସ୍ୱେଚ୍ଛାସେବୀ ସଙ୍ଗଠନ ପାରାଦୀପ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଓ ବନ ମହୋତ୍ସବ, ସ୍ଥାନ: ଉପକାରାଗାର, କୁଜଙ୍ଗ ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଜଗନ୍ନାଥ ଜୀଉ ମଠାଶ୍ରମ ମନ୍ଦିର ପରମ୍ପରା ଓ ସଂସ୍କୃତି ସୁରକ୍ଷା ପରିଷଦ ବୈଠକ, ସ୍ଥାନ: ବଡ଼ମଠ ମହ୍ଲାସାହି, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଜଗନ୍ନାଥଙ୍କ ଘୋଷ ଯାତ୍ରା, ସ୍ଥାନ: ଏରସମା ବ୍ରଜକିଶୋରଦେବ ମନ୍ଦିର,ସରବନ୍ତସ୍ଥିତ ଝାଡୁଆ ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ମହାପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା, ସ୍ଥାନ: ମଧୁବନ ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଶ୍ରୀବଳଦେବଜୀଉଙ୍କ ନବଯୌବନ ଦର୍ଶନ, ସ୍ଥାନ:ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ:ପ୍ରାତଃ ୫ଟା।
- ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ, ଉଦୟ ନଗର, ତିନିମୁହାଣୀ, କେନ୍ଦ୍ରାପଡ଼ା, ସମୟ:ସକାଳ ୯ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ବ୍ରହ୍ମ ତାଳଧ୍ୱଜ ରଥକୁ ଶ୍ରୀ ବଳଦେବଜୀଉଙ୍କ ପହଣ୍ଡି ବିଜେ, ସ୍ଥାନ:ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ:ଅପରାହ୍ନ ୩ଟା।
- ରଥଯାତ୍ରା, ସ୍ଥାନ:ଗରଦପୁର, ସମୟ:ଅପରାହ୍ନ ୪ଟା, ସ୍ଥାନ:ମାହାଳ, ବଙ୍ଗାଳପୁର, ଗରଦପୁର, ସମୟ:ଅପରାହ୍ନ ୩ଟା, ସ୍ଥାନ:କାକଟପୁର, ମହାକାଳପଡା, ସମୟ:ଅପରାହ୍ନ ୪ଟା, ସ୍ଥାନ:ଦେଉଳସାହି, ଓଳାଭର, ରାଜକନିକା, ସମୟ: ଅପରାହ୍ନ ୪ଟା, ସ୍ଥାନ:ଜମପଡା, ମାର୍ଶାଘାଇ, ସମୟ:ଅପରାହ୍ନ ୩ଟା, ସ୍ଥାନ: ଶ୍ରୀ ଲକ୍ଷ୍ମୀବରାହଜୀଉ ମନ୍ଦିର ସମ୍ମୁଖ, ଆଳି, ସମୟ:ଅପରାହ୍ନ ୪ଟା।

## ଯାଜପୁର

- ରଥଯାତ୍ରା, ସ୍ଥାନ: ଭାଲୁଖାଇ ଜଗନ୍ନାଥ ମନ୍ଦିରରୁ ଧର୍ମଶାଳା ମାଉସୀ ମା' ମନ୍ଦିରକୁ ରଥ ଗଡ଼ିବ, ସମୟ: ମଧ୍ୟାହ୍ନ ୧୨ଟା।
- ବ୍ୟାସ ସରୋବର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା,ସ୍ଥାନ: ବ୍ୟାସସରୋବର ପରିସର, ସମୟ: ଅପରାହ୍ନ ୩ଟା।
- ଯାଜପୁର ରୋଡ୍ ନ୍ୟୁ ମାର୍କେଟ ଓ ଚୋର୍ଦ୍ଦାରେ ରଥଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ ଅପରାହ୍ନ ୩ଟା।
- ଯାଜପୁର ଶ୍ରୀଜଗନ୍ନାଥ ଜୀଉ ଟ୍ରଷ୍ଟ ବୋର୍ଡ ପକ୍ଷରୁ ରଥଯାତ୍ରା, ସ୍ଥାନ: ବୈତରଣୀ ନଦୀ କୂଳ ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଟଣା, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ:ପ୍ରାତଃ ୫ଟାରୁ ଅପରାହ୍ନ ୫ଟା।
- ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଟଣା, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ:ସକାଳ ସାଢ଼େ ୭ଟାରୁ ଅପରାହ୍ନ ୩ଟା।
- ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଟଣା, ସ୍ଥାନ:ଦଶପଲ୍ଲା ଜଗନ୍ନାଥ ମନ୍ଦିର, ସମୟ:ସକାଳ ୭ଟାରୁ ଅପରାହ୍ନ ୩ଟା।
- ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଟଣା, ସ୍ଥାନ:ରଣପୁର ଜଗନ୍ନାଥ ମନ୍ଦିର, ସମୟ:ସକାଳ ୭ଟାରୁ ଅପରାହ୍ନ ୫ଟା।
- ମା' ମଙ୍ଗଳାଙ୍କର ବାର୍ଷିକୋତ୍ସବ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ବାଣପୁର ମହାଦେବସାହି, ସମୟ:ପୂର୍ବାହ୍ନ ୧୦ଟା।
- ସଦାଶିବ ଶିଶୁ ଉଦ୍ୟାନ, ପାଠାଗାର ଓ ସଂଗ୍ରହାଳୟର ଉଦଘାଟନୀ ଉତ୍ସବ, ସ୍ଥାନ: ଦଶପଲ୍ଲା ବ୍ଲକ ତେଣ୍ଡାବାଡି ବିଦ୍ୟାଳୟ କ୍ରୀଡା ପ୍ରାଙ୍ଗଣ, ପୂର୍ବାହ୍ନ ସାଢ଼େ ୧୦ଟା।
- ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠାର ପୂର୍ଣ୍ଣାହୁତି, ସ୍ଥାନ: ଦଶପଲ୍ଲା ସହର ସାତପାଟଣା, ସମୟ:ଅପରାହ୍ନ ୪ଟା।
- ଶ୍ରୀଗୁଣ୍ଡିଚାରେ ରଥଟଣା, ସ୍ଥାନ: ଦଶପଲ୍ଲା ସହର ସାତପାଟଣା, ସମୟ:ଅପରାହ୍ନ ୩ଟା।
- ଶ୍ରୀଗୁଣ୍ଡିଚାରେ ରଥଟଣା, ସ୍ଥାନ: ଗୋଡିପଡା, ସମୟ:ଅପରାହ୍ନ ୫ଟା।
- ଶ୍ରୀଗୁଣ୍ଡିଚାରେ ରଥଟଣା, ସ୍ଥାନ: ଶରଣକୁଳ ଲଡୁବାବା ମନ୍ଦିର, ସମୟ:ଅପରାହ୍ନ ୫ଟା।

## ରାୟଗଡ଼ା

- ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ରଥଟଣା, ସ୍ଥାନ: ରାୟଗଡ଼ା ଶ୍ରୀ ଜଗନ୍ନାଥ ମନ୍ଦିରରୁ ଗୁଣ୍ଡିଚା ମନ୍ଦିର, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ବନ ମହୋତ୍ସବ, ସ୍ଥାନ: କେଶିରିଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ନେତ୍ରୋତ୍ସବ, ଶ୍ରୀଗୁଣ୍ଡିଚା ଯାତ୍ରାରେ ପହଣ୍ଡିବିଜେ, ସ୍ଥାନ: ନବରଙ୍ଗପୁର ସମୟ: ଅପରାହ୍ନ ୪ଟା।
- ଶ୍ରୀଜୀଉଙ୍କ ରଥଟଣା, ସ୍ଥାନ: ନବରଙ୍ଗପୁର, ସମୟ: ସନ୍ଧ୍ୟା ୬ଟାରୁ ୬ଟା ୩୦ ମଧ୍ୟରେ।
- ରଥଯାତ୍ରା, ସ୍ଥାନ: ଡାବୁଗାଁ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ଶାବର ଶ୍ରୀକ୍ଷେତ୍ରରେ ରଥଯାତ୍ରା ଉପଲକ୍ଷେଶ୍ରୀ ଜିଉଙ୍କ ପହଣ୍ଡି , ସ୍ଥାନ: ଶାବର ଶ୍ରୀକ୍ଷେତ୍ର ମନ୍ଦିର, କୋରାପୁଟ ସମୟ : ୯ ଟା ୩୦ରୁ ଆରମ୍ଭ।
- ଠାକୁରଙ୍କ ରଥଟଣା, ସ୍ଥାନ: କୋରାପୁଟ ବଡଦାଣ୍ଡ, ସମୟ, ଧ୍ୟାହ୍ନ ୧୨ ଟା ୩୦।

## ସମ୍ବଲପୁର

- ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି ଶିବିର, ସ୍ଥାନ: ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁରୁସତ୍ୟନାରାୟଣ ଉଦ୍ୟାନ, ସମୟ: ସକାଳ ୯ଟା।
- ବ୍ରହ୍ମପୁର ଠାକୁରଙ୍କ ନବଯୌବନ ବେଶ ଦର୍ଶନ, ସ୍ଥାନ: ଝାଡୁଆପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଶିଶୁମାନଙ୍କ ରଥ ଛୁଆ ନୀତି, ସ୍ଥାନ: ଝାଡୁଆପଡା ବ୍ରହ୍ମପୁର ଠାକୁରଙ୍କ ରଥ, ସମୟ: ଅପରାହ୍ନ ୩ଟା ୩୦।
- ଭଜନ ସମାରୋହ, ସ୍ଥାନ: ଗୌଡପାଲି ଗ୍ରାମ, ସମୟ: ଅପରାହ୍ନ ୪ଟା ୩୦।
- ରଥ ଛୁଆଁ କାର୍ଯ୍ୟକ୍ରମ, ସ୍ଥାନ: ଖରିଆପାଲି, ଘେନୁପାଲି ଓ ଫଟାବାହାଲ, ସମୟ: ଅପରାହ୍ନ ୪ଟା।
- ରଥ ଟଣା ନୀତି, ସ୍ଥାନ: ସହର ସ୍ଥିତ ବିଭିନ୍ନ ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୫ଟା।
- ଗୁରୁକୃପା ଭଜନ ସନ୍ଧ୍ୟା, ସ୍ଥାନ: ଗୌଡ଼ପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଜମନକିରା, ସମୟ ସାନ୍ଧ୍ୟା ୫ଟା।

## ବଲାଙ୍ଗୀର

- ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ତାଲଝରଣ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା

## ରାଉରକେଲା

- ବିଭିନ୍ନ ଜଗନ୍ନାଥ କମିଟି ପକ୍ଷରୁ ରଥଯାତ୍ରା,ସ୍ଥାନ: ଉଦିତନଗର, ସେକ୍ଟର-୩, ବାସନ୍ତୀ କଲୋନୀ, ଛେଣ୍ଡ, ପ୍ଲାଣ୍ଟସାଇଟ, ଉଦିତନଗର, ସମୟ: ସକାଳ ୬ଟା।
- ଆରଜିଏଚ୍ ସମ୍ମୁଖରେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ,ସ୍ଥାନ: ଆରଜିଏଚ ପରିସର, ସମୟ: ସକାଳ ୯ଟା ୩୦।
- ରାଜ୍ୟ ଉଷୁ ପ୍ରତିଯୋଗିତା ଉଦ୍‌ଯାପିତ,ସ୍ଥାନ: ମଧୁସୂଦନ ଭବନ, ଛେଣ୍ଡ ସମୟ: ସନ୍ଧ୍ୟା ୬ଟା।
- ମା' ଅନୁଷ୍ଠାନ ପକ୍ଷରୁ ପଥଚାରୀଙ୍କୁ ପଣା ବିତରଣ ସ୍ଥାନ: ବାସନ୍ତୀ କଲୋନୀ, ସମୟ: ଅପରାହ୍ନ ୨ଟା ୩୦।
- ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା, ସ୍ଥାନ ସେକ୍ଟର-୩,ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥ ମନ୍ଦିରରେ ରଥଯାତ୍ରା,ସ୍ଥାନ: କୋଏଲନଗର ଏ ବ୍ଲକ, ସମୟ: ଅପରାହ୍ନ ୨ଟା।
- ନୀଳକଣ୍ଠେଶ୍ୱର ମନ୍ଦିରରେ ଘୋଷଯାତ୍ରା, ସ୍ଥାନ କୋଏଲନଗର ସି ବ୍ଲକ, ସମୟ: ଅପରାହ୍ନ ୨ଟା।

## ବରଗଡ଼

- ରଥଯାତ୍ରା ଅବସରରେ ଦଧିବାମନ ମନ୍ଦିରରେ ନେତ୍ରୋତ୍ସବ, ସ୍ଥାନ: ଭଟଲି ଦଧିବାମନ ମନ୍ଦିର, ସମୟ: ସକାଳ ୮ଟା ୩୦।
- ସେବା ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୋବିନ୍ଦପାଲି ଛକ, ସମୟ: ସକାଳ ୯ଟା।
- ପରିବେଶ, ଗଣତନ୍ତ୍ର ଓ ଧର୍ମ ଉପରେ ସଚେତନତା ସଭା, ସ୍ଥାନ: ଶିଶୁ ଅନନ୍ତ ଆଶ୍ରମ, ସାହୁଟିକ୍ରା, ତୋରା, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ଶ୍ରୀ ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା,ସ୍ଥାନ: ଜଗନ୍ନାଥ ମନ୍ଦିର ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ଠିକିଯୋର ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା, ସ୍ଥାନ:ଜଗନ୍ନାଥ ମନ୍ଦିର ଠିକିଯୋର, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।
- ଘଣ୍ଟାପଡା ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା, ସ୍ଥାନ: ଘଣ୍ଟାପଡା ଜଗନ୍ନାଥ ମନ୍ଦିର, କଣ୍ଟାମାଳ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିବେକାନନ୍ଦ କେନ୍ଦ୍ର ପକ୍ଷରୁ ଯୋଗ ଶିବିରର ଅନ୍ତିମ ଦିବସ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ପ୍ରାତଃ ୫ଟା।
- ଜଗନ୍ନାଥ ମନ୍ଦିରରେ ନେତ୍ର ଉତ୍ସବ, ସ୍ଥାନ: ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଜଗନ୍ନାଥ ମନ୍ଦିରରେ ପହଣ୍ଡି କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଗୋପାଳଜୀ ମନ୍ଦିରରୁ ରଥଟଣା କାର୍ଯ୍ୟକ୍ରମ, ନଗର ପରିକ୍ରମା କରି ମ୍ୟୁନିସିପାଲଟିସାହି ନୃସିଂହ ମନ୍ଦିରରେ ପହଞ୍ଚିବ, ସ୍ଥାନ: ଦେବଗଡ଼ ସହର, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀ ଜୀଉଙ୍କ ପହଣ୍ଡି, ସ୍ଥାନ: କୋଟସମଲାଇ ସ୍ଥିତ ଛଳିଆ ପାହାଡ, ସମୟ: ପୂର୍ବାହ୍ନ ୧୧ଟା।
- ପାତାଳି ଶ୍ରୀକ୍ଷେତ୍ରରେ ରଥଟଣା, ସ୍ଥାନ: କୋଟସମଲାଇ ରଥଦାଣ୍ଡ, ସମୟ: ଅପରାହ୍ନ ୨ଟା।
- ଘୋଷଯାତ୍ରାରେ ରଥଟଣା, ସ୍ଥାନ:ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ରଥଛୁଆଁ , ସ୍ଥାନ: ଲୁତୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ:ସନ୍ଧ୍ୟା ୬ଟା୩୦।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ମାରାଗୁଡା ସାହିତ୍ୟ ସଂସଦର ପୁସ୍ତକ ଉନ୍ମୋଚନ, ସ୍ଥାନ: ମୃତ୍ତିକା ସଂରକ୍ଷଣ ବିଭାଗ ସମ୍ମିଳନୀ କକ୍ଷ, ସମୟ: ସକାଳ ୧୦ଟା।

## ଝାରସୁଗୁଡ଼ା

- ରଥଯାତ୍ରା ଅବସରରେ ନେତ୍ରୋତ୍ସବ, ସ୍ଥାନ: ଝାରସୁଗୁଡ଼ା ସହର ଝଣ୍ଡା ଛକ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା ୫୦।
- କନକ ଦୁର୍ଗାଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତୀ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ କନକ ଦୁର୍ଗା ମନ୍ଦିର, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚତୁର୍ଥରେ ଚନ୍ଦ୍ର ସହ ଅନ୍ୟଗ୍ରହଙ୍କ ସ୍ଥିତି ବନ୍ଧୁମିଳନ ସହ ହସଖୁସିରେ ସମୟ କଟିବ। ପାରିବାରିକ ଜୀବନରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ପଡ଼ୋଶୀଙ୍କ ସମ୍ପର୍କରେ ନ୍ୟୂନତା ଏବଂ ଯାନବାହନ ଚାଳନା ସମୟରେ ଅନ୍ୟମନସ୍କତା ପରିହାର କରଣୀୟ। କଷ୍ଟୋପାର୍ଜିତ ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

**ବୃଷ** ଆଜି ପରିବାର ସଦସ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କର୍ମକ୍ଷେତ୍ରରେ ମାନସିକ ଚାପରେ ପଡ଼ି ବିଭିନ୍ନ ବିଷୟର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସନ୍ତୋଷଜନକ ସୁଫଳ ପାଇବାର ସମ୍ଭାବନା ରହିଛି।

**ମିଥୁନ** ଅର୍ଥନୈତିକ ଅଭିବୃଦ୍ଧି ପାରିବାରିକ ଓ କର୍ମକ୍ଷେତ୍ରରେ ଶାନ୍ତିର ବାର୍ତ୍ତାବହ ଭଳି କାମ କରିବ। ସହକର୍ମୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସାଂଗଠନିକ କ୍ଷେତ୍ରରେ କିମ୍ବା ରାଜନୈତିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବେ।

**କର୍କଟ** ଅନ୍ୟମାନଙ୍କ ସହ ସମ୍ପର୍କକୁ ନେଇ ଅପପ୍ରଚାର ଆଶଙ୍କାକୁ ଏଡ଼ି ହେବ ନାହିଁ। ଦୈହିକ ଅସୁସ୍ଥତା ଦୂରେଇ ଯିବା ସାଙ୍ଗକୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ। ରବିବାରରେ କାହା କଥା ସହ ଅନ୍ୟ କାହାର କଥା ନ ମିଶିବା କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ପ୍ରତିକୂଳ ପରିସ୍ଥିତି ଲାଗିରହିଲେ ମଧ୍ୟ ଯୋଜନାଗୁଡିକ ସମ୍ପୂର୍ଣ୍ଣ ହୋଇପାରିବ।

**ସିଂହ** ପାରିବାରିକ ସ୍ତରରେ ପୂର୍ବରୁ ରହିଥିବା ଅଶାନ୍ତିକୁ ନେଇ ମନଟା ଭଲ ଲାଗି ନ ପାରେ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ପଦସ୍ଥ ବ୍ୟକ୍ତିମାନଙ୍କ ସାହାଯ୍ୟରୁ ସମ୍ମାନିତ ହେବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ କୌଣସି ଅସୁବିଧା ରହିବ ନାହିଁ।

**କନ୍ୟା** ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ମାନସିକ ଅଶାନ୍ତିର କାରଣ ହେବ। କର୍ମକ୍ଷେତ୍ରରେ ଆତ୍ମୀୟ ତଥା ସହକର୍ମୀଙ୍କ ସହଯୋଗ ହେତୁ କାମ ହାସଲ କରିପାରିବେ। ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ, କିନ୍ତୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**ତୁଳା** କୌଣସି ଅଭାବ ନ ଥାଇ ମଧ୍ୟ ପ୍ରତ୍ୟେକ କାମରେ ଦୂରେଇ ରହିବାକୁ ଶ୍ରେୟସ୍କର ମନେକରିବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଆଶା କରୁଥିବା ଜିନିଷ ଅବଶ୍ୟ ପାଇବେ। ଆନୁଷ୍ଠାନିକ କାର୍ଯ୍ୟରେ ସାହାଯ୍ୟ ସହଯୋଗ ଲାଭ କରି ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟହାନିଜନିତ ଅଶାନ୍ତ ରହିବେ, କିନ୍ତୁ ତାହା ବିଶେଷ ଗୁରୁତର ହେବନାହିଁ।

**ବିଛା** ଅନୁରାଧା ନକ୍ଷତ୍ର ସକାଶେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ନିଷ୍ପତ୍ତି ଅମୀମାଂସିତ ରହିଯିବ। ସମସ୍ୟାମୂଳକ ପରିସ୍ଥିତିରେ ନୀରବତା ଅବଲମ୍ବନ କରି ପରିସ୍ଥିତିକୁ ସମ୍ଭାଳି ନେବାରେ ସମର୍ଥ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ମନୋରଞ୍ଜନରେ ଆଗ୍ରହୀ ହେବେ। ଅଫିସିଆଲି କାମରେ ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ।

**ଧନୁ** ନିଜ ଲୋକଙ୍କ ନିକଟରୁ ଦୂରେଇ ଯିବାର ଅନୁଭବ କରିବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଏବଂ କର୍ମାରମ୍ଭ ସକାଶେ ଉତ୍ସାହିତ ହେବେ। କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। କର୍ମକ୍ଷେତ୍ରରେ ଘଟି ଯାଇଥିବା ବିବାଦ ସମ୍ପର୍କରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ।

**ମକର** ଖର୍ଚ୍ଚାନ୍ତଜନିତ ସାମାନ୍ୟ ମନସ୍ତାପ ଆଜିର ଯାତ୍ରାରେ ଅନୁଭବ କରିବେ। ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟରୁ ଅପରାହ୍ନେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରି କାମ ତୁଲାଇନେବେ। କୌଣସି ହିତୈଷୀ ବନ୍ଧୁ କିମ୍ବା ବୃଦ୍ଧ ପିତାମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ।

**କୁମ୍ଭ** ସ୍ୱାସ୍ଥ୍ୟ ବିଶେଷ ଖରାପ ନ ଥିଲେ ମଧ୍ୟ ପୂର୍ଣ୍ଣ ସୁସ୍ଥତାର ଅଭାବ ଅନୁଭବ କରିବେ। ହାତକୁ ନେଇଥିବା କାମକୁ ପୂର୍ଣ୍ଣାଙ୍ଗ କରିବା କ୍ଷେତ୍ରରେ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ କାର୍ଯ୍ୟସିଦ୍ଧି ହେବ ଓ ଅଭିଳଷିତ ଜିନିଷ ପାଇପାରିବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ।

**ମୀନ** ପ୍ରତ୍ୟେକ କାମ ସାମାନ୍ୟ ବିଳମ୍ବରେ ହିଁ ସାଧିତ ହୋଇପାରିବ। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ବିଶେଷ ଉତ୍କଟ ହେବ ନାହିଁ, କିନ୍ତୁ ଆବଶ୍ୟକତା ବହୁ ପରିମାଣରେ ବଢ଼ିଯିବ। ପାରିବାରିକ କ୍ଷେତ୍ର ଓ କର୍ମକ୍ଷେତ୍ର ସମସ୍ୟାଯୁକ୍ତ ଥିଲେ ମଧ୍ୟ ସେଥିସକାଶେ ବ୍ୟଗ୍ରତା ରହିବ ନାହିଁ। ପରୋକ୍ଷ ଶତ୍ରୁତା କାର୍ଯ୍ୟହାନିରୁ ଅନୁଭବରେ ଆସିପାରେ।

ଆଜି ଜୁଲାଇ ୭ ତାରିଖ, ଆଷାଢ଼ ଶୁକ୍ଳ ଦ୍ୱିତୀୟା ରବିବାର, ଶ୍ରୀମନ୍ଦିରରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ, ଶ୍ରୀଗୁଣ୍ଡିଚା ରଥଯାତ୍ରା, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ଜଳାଶୟ ଖନନ, ଦେବତା ପ୍ରତିଷ୍ଠା, ବିଦ୍ୟାରମ୍ଭ ପାଇଁ ଶୁଭଦିନ। ଦିବା ଘ.୦୭।୦୨ ଗତେ ଘ.୦୯।୪୦ ମଧ୍ୟେ, ଦିବା ଘ.୦୧।୩୦ ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୭ ଗତେ ଘ.୦୬।୨୬ ମଧ୍ୟେ ରାହୁକାଳ।

# ଆଜି ୭ ଜିଲାରେ ପ୍ରବଳ ବର୍ଷା

ଭୁବନେଶ୍ୱର,୬।୭(ଅନୁରାଧା ମହାରଣା)

ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ଶନିବାର ବାରିପଦାରେ ସର୍ବାଧିକ ୯୨.୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ତାଳଚେରରେ ୪୩.୦ ମି.ମି., ବୌଦ୍ଧରେ ୩୧.୦ ଓ ନୟାଗଡ଼ରେ ୩୦.୦ ମିମି ବର୍ଷା ହୋଇଛି। ଏହା ବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ବର୍ଷା ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ରବିବାର ରାଜ୍ୟର ଅଧିକାଂଶ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଥିବାବେଳେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଜିଲାରେ ପ୍ରବଳ ବର୍ଷା ହେବ। ଏହି ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୋମବାର ଏସବୁ ଜିଲା ସହ ସୁନ୍ଦରଗଡ଼, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ କନ୍ଧମାଳ ଆଦି ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେହିପରି କୋରାପୁଟ ଓ ମାଲକାନଗିରି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏହି ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୯ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଜିଲାରେ ପ୍ରବଳ ବର୍ଷା ହୋଇପାରେ। ୧୦ ଓ ୧୧ ତାରିଖରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ।

# ୪ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

ଭୁବନେଶ୍ୱର,୬।୭(ଅସମାପିକା ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୪ ଦିନିଆ ଓଡ଼ିଶା ଗସ୍ତରେ ଆସି ଶନିବାର ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଥିଲେ। ସେଠାରୁ ରାଷ୍ଟ୍ରପତି ସିଧାସଳଖ ସୂଚନା ଭବନ ଯାଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିଲେ। ରାତିରେ ରାଷ୍ଟ୍ରପତି ରାଜଭବନରେ ରାତ୍ରିଯାପନ କରିଛନ୍ତି। ରବିବାର ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହେବେ। ଏଥିପାଇଁ ସକାଳୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ପୁରୀ ଯାଇ ରଥଯାତ୍ରାରେ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗସ୍ତ ସମୟରେ ସମସ୍ତ ରୁଟ୍‌କୁ ନୋ ଫ୍ଲାଇଂ ଜୋନ୍ କରାଯିବାକୁ ନିର୍ଦ୍ଦେଶ ରହିଛି।



ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଧରିତ୍ରୀ
DHARITRI
ଧରିତ୍ରୀ 50 Years






# ସୁପ୍ରିମକୋର୍ଟ କରାନ୍ତୁ ପେପର୍ ଲିକ୍ ତଦନ୍ତ

## ସ୍ୱଚ୍ଛତାର ସହ ସାନି ଏନ୍ଇଇଟି-ୟୁଜି ପରୀକ୍ଷା ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ,୬।୭(ପି.ଟି.)

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ସକାଶେ ଏନ୍ଇଇଟି-ୟୁଜି ପରୀକ୍ଷା ପୁଣି ଥରେ କରାଇବା ପାଇଁ କଂଗ୍ରେସ ଶନିବାର ଦାବି କରିଛି। ଏଥିସହିତ ସମସ୍ତ ପ୍ରଶ୍ନପତ୍ର ପ୍ରଘଟ ଦୁର୍ନୀତିର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଯିବାକୁ ବିରୋଧୀ ଦଳ ଦାବି ଜଣାଇଛି। ଏନ୍ସିଇଆର୍ଟି ପାଠ୍ୟପୁସ୍ତକ ହେଉ ବା ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମୋଦି ସରକାର ଆମ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାରେ ଲାଗିପଡ଼ିଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସମାଲୋଚନା କରିଛନ୍ତି।

ଜୁଲାଇ ପ୍ରଥମ ସପ୍ତାହରେ ଏନ୍ଇଇଟି-ୟୁଜି କାଉନ୍ସେଲିଂ ଆରମ୍ଭ ହେବାକୁ ଥିଲା। ତେବେ ପରୀକ୍ଷାକୁ ନେଇ ବିବାଦ ଲାଗିରହିଥିବାରୁ କାଉନ୍ସେଲିଂ ମାସର ଶେଷ ଭାଗ ସୁଦ୍ଧା ଆରମ୍ଭ ହେବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। କେତେକ ମେଡିକାଲ କଲେଜକୁ ଅନୁମତି ପତ୍ର ପଠାଇବା ଏବଂ ଅତିରିକ୍ତ ସିଟ୍ ବଢ଼ାଇବା ପ୍ରକ୍ରିୟା ଜରି ରହିଛି। ଏହା ଶେଷ ହେବା ପରେ କାଉନ୍ସେଲିଂ ଆରମ୍ଭ ହେବ


ମଲ୍ଲିକାର୍ଜୁନ ଖାର୍ଗେ

ବୋଲି କୁହାଯାଉଛି। ଏହାକୁ ନେଇ କଂଗ୍ରେସ କେନ୍ଦ୍ରକୁ ସମାଲୋଚନା କରିଛି। ସମଗ୍ର ଏନ୍ଇଇଟି-ୟୁଜି ପ୍ରସଙ୍ଗ ଦିନକୁ ଦିନ ଅଧିକ ଖରାପ ହେଉଥିବାବେଳେ ଅଜୈବିକ ପ୍ରଧାନମନ୍ତ୍ରୀ ଓ ତାଙ୍କର ଜୈବିକ ଶିକ୍ଷାମନ୍ତ୍ରୀ ସେମାନଙ୍କ ଅକ୍ଷମତା ଓ ଅଣସମ୍ବେଦନଶୀଳତାର ଅଧିକ ପ୍ରମାଣ ଯୋଡ଼ିଛନ୍ତି। ଲକ୍ଷ ଲକ୍ଷ ଯୁବବର୍ଗଙ୍କ ଭବିଷ୍ୟତ ସେମାନଙ୍କ ହାତରେ ଅସୁରକ୍ଷିତ ହୋଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ, ☞ପୃଷ୍ଠା-୧୫

## ଏନ୍ଇଇଟି-ୟୁଜି କାଉନ୍ସେଲିଂ ସ୍ଥଗିତ

ଭୁବନେଶ୍ୱର,୬।୭(ଅସମାପିକା ସାହୁ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ଦ୍ୱାରା ପରିଚାଳିତ ଏନ୍ଇଇଟି-ୟୁଜି କାଉନ୍ସେଲିଂକୁ ସ୍ଥଗିତ ରଖାଯାଇଛି। ପେପର୍ ଲିକ୍କୁ ନେଇ ବିବାଦ ଲାଗି ରହିଥିବାବେଳେ ଜୁଲାଇ ୬ ଶନିବାର ଏହି କାଉନ୍ସେଲିଂ ହେବାର ଥିଲା। ତେବେ ଖୁବ୍ଶୀଘ୍ର ନୂଆ ତାରିଖ ଘୋଷଣା କରାଯିବ ବୋଲି ଏନ୍ଟିଏ କହିଛି। ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଏନ୍ଇଇଟି-ୟୁଜି ପରୀକ୍ଷାଫଳ ଜୁନ୍ ୪ରେ ପ୍ରକାଶ ପାଇଥିଲା। ୬୭ ଜଣ ସର୍ବାଧିକ ୭୨୦ ମାର୍କ ରଖିଥିବାବେଳେ ସେମାନଙ୍କ ମଧ୍ୟରୁ ୬ ଜଣ ଗୋଟିଏ ସେଣ୍ଟରରେ ପରୀକ୍ଷା ଦେଇଥିଲେ। ତେବେ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଥିଲା। ଏପରି କି ପେପର ଲିକ୍କୁ ନେଇ ବିବାଦ ଉପୁଜିଥିଲା। ଏହି ଘଟଣାକୁ ନେଇ ଛାତ୍ରୀଛାତ୍ର ଓ ବିଭିନ୍ନ ସଙ୍ଗଠନ ଆନ୍ଦୋଳନ ଜାରି ରଖିଥିବାବେଳେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଚଳିତବର୍ଷ ହୋଇଥିବା ଏନ୍ଇଇଟି-ୟୁଜି ପରୀକ୍ଷାକୁ ବାତିଲ କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ ହୋଇଛି। ଏଥିଯୋଗୁ ଏହାର କାଉନ୍ସେଲିଂକୁ ସ୍ଥଗିତ ରଖାଯାଇଥିବା କୁହାଯାଉଛି। ତେବେ କାଉନ୍ସେଲିଂ କେବେ ହେବ ସେନେଇ କୌଣସି ସ୍ପଷ୍ଟତା ଆସି ନ ଥିବାବେଳେ ଖୁବ୍ଶୀଘ୍ର ତାରିଖ ଘୋଷଣା କରାଯିବ ବୋଲି ଏନ୍ଟିଏ କହିଛି। ସେପଟେ ଆସନ୍ତା ୮ ତାରିଖରେ ସୁପ୍ରିମକୋର୍ଟରେ ମାମଲାର ଶୁଣାଣିକୁ ଏନ୍ଟିଏ ଅପେକ୍ଷା କରିଥିବା କୁହାଯାଉଛି। ଶୁଣାଣି ପରେ କାଉନ୍ସେଲିଂ ନେଇ ଏନ୍ଟିଏ ନିଷ୍ପତ୍ତି ନେବ ବୋଲି ଜଣାପଡ଼ିଛି।

# ପିଏମ୍ କିଷାନରେ ସାମିଲ ହେବେ ଯୋଗ୍ୟ ଚାଷୀ

ଭୁବନେଶ୍ୱର,୬।୭(ଅନିଲ ଦାସ)

ପ୍ରଧାନମନ୍ତ୍ରୀ(ପିଏମ୍) କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ସାମିଲ କରାଯିବ। ଏଥିପାଇଁ ସରକାର ଆବଶ୍ୟକ ବ୍ୟବସ୍ଥା ଓ ନିୟମ ପ୍ରସ୍ତୁତ କରୁଛନ୍ତି। ଯେଉଁମାନେ ଯୋଗ୍ୟ ହିତାଧିକାରୀ ଅଛନ୍ତି କିନ୍ତୁ ସାମିଲ ହୋଇପାରିନାହାନ୍ତି, ସେମାନଙ୍କୁ ଉକ୍ତ ଯୋଜନାରେ ସାମିଲ କରିବାକୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି।

ଏଥିସହିତ ପ୍ରତ୍ୟେକ ସବ୍ଡିଭିଜନରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର ନିର୍ମାଣ କରାଯିବ। ପ୍ରଥମେ ୫୮ଟି ସବ୍ଡିଭିଜନରେ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ। ଏହାଦ୍ୱାରା ସବୁ ଅଞ୍ଚଳର ଚାଷୀ ଲାଭବାନ ହୋଇପାରିବେ। ରାଜ୍ୟ ସରକାର ସମୃଦ୍ଧ କୃଷକ ନୀତି ପ୍ରସ୍ତୁତ କରୁଛନ୍ତି। ଏଥିରେ କୃଷକମାନଙ୍କୁ ଚାଷ ଆରମ୍ଭରୁ ଫସଲ


କୃଷି ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ବିଭାଗୀୟ ସଚିବ ଅରବିନ୍ଦ ପାଢ଼ୀ ।

## କୃଷି ଭବନ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ବିକ୍ରି ପର୍ଯ୍ୟନ୍ତ ପ୍ରତି ପଦକ୍ଷେପରେ ସହଯୋଗ ଓ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶନିବାର କୃଷି ଭବନ ପରିଦର୍ଶନ କରିବା ସହ ବିଭିନ୍ନ କୃଷକ ସଙ୍ଗଠନ ସହ ଆଲୋଚନା କରିଛନ୍ତି। ସେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କ ☞ପୃଷ୍ଠା-୧୫




## ମାସୁଦ୍ ପେଜେଶ୍କିଆନ୍ ଇରାନ ରାଷ୍ଟ୍ରପତି



ତେହରାନ୍,୬।୭

ଇରାନର ସଂସ୍କାରବାଦୀ ନେତା ମାସୁଦ୍ ପେଜେଶ୍କିଆନ୍ ଶନିବାର ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ କଠୋରପନ୍ଥୀ ସୟିଦ ଜଲିଲିଙ୍କୁ ପରାଜିତ କରିଛନ୍ତି। ଦେଶରେ ଅଧିକ ବ୍ୟାବହାରିକ ତଥା ସଂସ୍କାରମୂଳକ ନୀତି କାର୍ଯ୍ୟକାରୀ କରିବେ ବୋଲି ନିର୍ବାଚନ ପ୍ରଚାର ବେଳେ ପେଜେଶ୍କିଆନ୍ ପ୍ରତିଶ୍ରୁତି ଦେଇଥିଲେ। ସେ ପାଶ୍ଚାତ୍ୟ ଦେଶଗୁଡ଼ିକ ସହିତ ସୁସମ୍ପର୍କ ରଖିବା ସହ ଇରାନ୍ରେ ବହୁବର୍ଷ ଧରି ପ୍ରଚଳିତ ବାଧ୍ୟତାମୂଳକ ହିଜାବ ଆଇନର କାର୍ଯ୍ୟକାରିତାକୁ କୋହଳ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗତ ମାସ ୨୮ରେ ଇରାନ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲେ ମଧ୍ୟ କୌଣସି ପ୍ରାର୍ଥୀଙ୍କୁ ଆବଶ୍ୟକ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ୨ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ପେଜେଶ୍କିଆନ ଏବଂ ଜଲିଲିଙ୍କ ମଧ୍ୟରେ ଶୁକ୍ରବାର ରନ୍ଅଫ୍ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ପେଜେଶ୍କିଆନ୍ଙ୍କୁ ୧୬.୩ ନିୟୁତ ଭୋଟ ମିଳିଥିବାବେଳେ ଜଲିଲିଙ୍କୁ ୧୩.୫ ନିୟୁତ ଭୋଟ ମିଳିଛି। ନିର୍ବାଚନରେ ୩ କୋଟି ଭୋଟର ସେମାନଙ୍କ ☞ପୃଷ୍ଠା-୧୫



# ବାଇଡେନ୍‌ଙ୍କ ବୟସ



ଆକାର ପଟେଲ

ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ବୟସ ୮୧ । ବାଇଡେନ କହିଛନ୍ତି ଯେ, ସେ ନଭେମ୍ବରରେ ନିର୍ବାଚନରୁ ଓହରିବେ ନାହିଁ ଏବଂ ପୁନର୍ବାର ରାଷ୍ଟ୍ରପତି ହେବାକୁ ଚାହୁଁଛନ୍ତି । ଅସୁବିଧା ହେଉଛି, ତାଙ୍କୁ ବର୍ତ୍ତମାନ ନିଜ ଦଳର ଲୋକମାନେ ଓହରିଯିବାକୁ ଅନୁରୋଧ କରୁଛନ୍ତି । ସେମାନେ ଭାବୁଛନ୍ତି ଯେ, ସେ ବୃଦ୍ଧ ହୋଇଗଲେଣି ଏବଂ ଦକ୍ଷତାର ସହ କାର୍ଯ୍ୟ କରିବାକୁ ଅକ୍ଷମ । ସଂସଦୀୟ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକର ନେତାଙ୍କ ଅପେକ୍ଷା ଆମେରିକୀୟ ରାଷ୍ଟ୍ରପତିମାନେ ବ୍ୟାପକ କ୍ଷମତା ପ୍ରୟୋଗ କରୁଥିବାରୁ ସେମାନଙ୍କ ବୟସକୁ ନେଇ ଦୀର୍ଘଦିନ ହେବ ପ୍ରଶ୍ନ ଉଠିଆସିଛି । ରୋନାଲ୍‌ଡ ରେଗାନ୍‌ଙ୍କୁ ୭୩ ବର୍ଷ ବୟସ ହୋଇଥିବାବେଳେ ସେ ତାଙ୍କର ଦ୍ୱିତୀୟ ପାଳି ପାଇଁ ପ୍ରଚାର କରୁଥିଲେ । ବାଇଡେନ ତାଙ୍କ ବିତର୍କ ସମୟରେ ମାନ୍ଦା ଥିଲାବେଳେ ରେଗାନ୍ ଟେଲିଭିଜନ ପ୍ରସାରଣରେ ସିଧାସଳଖ ବୟସ ପ୍ରସଙ୍ଗକୁ ନେଇଥିଲେ । ଯେତେବେଳେ ରାଜନୈତିକ ଖବରଦାତା ହେନେରୀ ବ୍ରୁହିଟ ଉଲ୍ଲେଖ କରିଥିଲେ ଯେ, 'ତୁମେ ଇତିହାସର ସବୁଠୁ ବୟସ୍କ ରାଷ୍ଟ୍ରପତି ।' ରେଗାନ୍ ଏହାର ଉତ୍ତରରେ କହିଥିଲେ, ''ମୁଁ ତୁମକୁ ଜଣାଇବାକୁ ଚାହେଁ ଯେ, ଏହି ନିର୍ବାଚନ ପ୍ରଚାରରେ ମୁଁ ବୟସକୁ ଏକ ପ୍ରସଙ୍ଗ କରିବି ନାହିଁ । ରାଜନୈତିକ ଉଦ୍ଦେଶ୍ୟରେ ମୁଁ ମୋର ପ୍ରତିପକ୍ଷର ଯୁବକ ଏବଂ ଅନଭିଜ୍ଞଙ୍କୁ ଶୋଷଣ କରିବାକୁ ଯାଉ ନାହିଁ ।'' ରେଗାନ୍‌ଙ୍କୁ ତାଙ୍କ ଦ୍ୱିତୀୟ ପାଳି ଶେଷବେଳେ ଯେତିକି ବୟସ ଥିଲା ଏବେ ବାଇଡେନ୍‌ଙ୍କ ବୟସ ତା'ଠାରୁ ଅଧିକ ହୋଇଗଲାଣି ଏବଂ ଅଫିସ ଚଳାଇବା ପାଇଁ ସେ ଅତି ବୟସ୍କ ହୋଇଯାଇଛନ୍ତି । ଆମେରିକାର ସମ୍ବିଧାନରେ ରାଷ୍ଟ୍ରପତି ହେବା ପାଇଁ ସର୍ବନିମ୍ନ ବୟସ (୩୫) ଧାର୍ଯ୍ୟ କରାଯାଇଛି, କିନ୍ତୁ ଏହାର କୌଣସି ସର୍ବୋଚ୍ଚ ସୀମା ନାହିଁ । ଅବଶ୍ୟ, ଏହି ସମୟରେ ବାଇଡେନ ଏବଂ ଟ୍ରମ୍ପଙ୍କ ପୂର୍ବରୁ ଯୁବ ରାଷ୍ଟ୍ରପତିମାନେ ଦାୟିତ୍ୱ ନେଇଛନ୍ତି । ଓବାମା ୪୭ ରେ, ବୁଶ ୫୪ ରେ ଏବଂ କ୍ଲିଣ୍ଟନ ୪୬ବର୍ଷ ବୟସରେ ରାଷ୍ଟ୍ରପତି ହୋଇଥିଲେ । ଦେଖିବାକୁ ବାଇଡେନ ହେଉଛନ୍ତି ସବୁଠୁ ବୟସ୍କ ଏବଂ ଏକ କ୍ୟାବିନେଟ୍‌ର ନେତୃତ୍ୱ ନେଉଛନ୍ତି ; ଯେଉଁଥିରେ ବିଶେଷକରି ଯୁବକ ନାହାନ୍ତି । କ୍ୟାବିନେଟ୍‌ର ବରିଷ୍ଠ ସଦସ୍ୟମାନେ ହେଲେ କମଳା ହାରିସ (୫୯), ପରରାଷ୍ଟ୍ର ସଚିବ ଆଣ୍ଟୋନୀ ବ୍ଲିଙ୍କେନ (୬୨), ଅର୍ଥମନ୍ତ୍ରୀ ଜାନେଟ ୟେଲେନ (୭୭) ଏବଂ ପ୍ରତିରକ୍ଷା ମନ୍ତ୍ରୀ ଲିଓଡ ଅଷ୍ଟିନ (୭୦) । ଏବେ ବ୍ରିଟେନ ସାଧାରଣ ନିର୍ବାଚନରେ କିର୍ ଷ୍ଟର୍ମରଙ୍କଠାରୁ ଋଷି ସୁନକଙ୍କର ପରାଜୟ ଘଟିଛି । ଷ୍ଟର୍ମର ବୟସରେ ସୁନକଙ୍କଠାରୁ ବହୁତ କମ୍ । ଉପ-ପ୍ରଧାନମନ୍ତ୍ରୀ ଆଞ୍ଜେଲା ରେନରଙ୍କୁ ୪୪ ବର୍ଷ, ଅର୍ଥମନ୍ତ୍ରୀ ରାଚେଲ ରିଭ୍‌ସ ୪୫ ବର୍ଷ, ଗୃହମନ୍ତ୍ରୀ ୟଭେଟ କୋପର ୫୫ ଏବଂ ବୈଦେଶିକ ମନ୍ତ୍ରୀ ଡେଭିଡ ଲାମି ୫୧ ବର୍ଷ । ଷ୍ଟାରମରଙ୍କୁ ୬୧ବର୍ଷ ଏବଂ ସେ ବାଇଡେନଙ୍କ ସାନ ପିଢ଼ିର । ଭାରତର ପ୍ରଧାନମନ୍ତ୍ରୀଙ୍କୁ ଆସନ୍ତାବର୍ଷ ୭୫ ବର୍ଷ ବୟସ ହେବ । କିନ୍ତୁ କହିଛନ୍ତି ଯେ, ସେ ଅଫିସରେ ରହିବେ । କ୍ୟାବିନେଟ୍‌ରେ ଶୀର୍ଷ ପୋର୍ଟଫୋଲିଓରେ ଥିବା ଲୋକ ପୂର୍ବଭଳି ରହିଛନ୍ତି । ଏଥିରେ କନିଷ୍ଠ ହେଉଛନ୍ତି ଅମିତ ଶାହା(୫୯) । ତା'ପରେ ରାଜନାଥ ସିଂ (୭୨), ନିର୍ମଳା ସୀତାରାମନ (୬୪), ଏସ୍. ଜୟଶଙ୍କର (୬୯) ଏବଂ ନିତୀନ ଗଡ୍‌କରୀ (୬୭) । ସଂସଦୀୟ ଗଣତନ୍ତ୍ରଗୁଡ଼ିକରେ ଯେଉଁଠି ପାର୍ଲାମେଣ୍ଟ ସହ କାର୍ଯ୍ୟପାଳିକା ଜଡ଼ିତ ରହିଛି, ସେଠାରେ ରାଷ୍ଟ୍ରପତିଙ୍କ ଦ୍ୱାରା ପରିଚାଳିତ ସରକାର ତାଙ୍କ କମ୍ ଶକ୍ତିଶାଳୀ ଏବଂ କିଛି ଆଭ୍ୟନ୍ତରୀଣ ବାଧା ରହିଛି । ଆମେରିକାରେ ଭୟ ହେଉଛି, ବାଇଡେନ୍ ହୁଏତ କିଛି ବିପର୍ଯ୍ୟୟ ଘଟାଇ ପାରନ୍ତି କିମ୍ବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିବାରେ କମ୍ ସକ୍ଷମ ହୋଇପାରନ୍ତି ।

ଅନେକ ଆମେରିକୀୟ ଭୟ କରନ୍ତି ଯେ, ଟ୍ରମ୍ପଙ୍କ ପରାଜୟ ପର ଘଟଣାକୁ ଦେଖିଲେ ସେମାନଙ୍କ ଦେଶର ଗଣତନ୍ତ୍ର ବିପଦରେ ପଡ଼ିଥିଲା । ଟ୍ରମ୍ପ ସମର୍ଥକଙ୍କ ଦ୍ୱାରା କ୍ୟାପଟୋଲ ବିଲଡିଂ ଉପରେ ଆକ୍ରମଣ ହୋଇଥିଲା । ଉପରାଷ୍ଟ୍ରପତି ଟ୍ରମ୍ପଙ୍କୁ ବିଜେତା ଘୋଷଣା କରନ୍ତୁ ବୋଲି ଆକ୍ରମଣକାରୀମାନେ ଚାହୁଁଥିଲେ । ଆମେରିକୀୟମାନେ ନିଶ୍ଚିତ କରିବାକୁ ଚାହୁଁଛନ୍ତି ଯେ ଟ୍ରମ୍ପ ପରାଜିତ ହେଉ ଏବଂ ତାହା ଘଟିବା ପାଇଁ ଡେମୋକ୍ରାଟଙ୍କ ନିକଟରେ ସର୍ବୋତ୍ତମ ସମ୍ଭାବ୍ୟ ପ୍ରାର୍ଥୀ ରହିବା ଆବଶ୍ୟକ । ବାଇଡେନ ଦୀର୍ଘଦିନ ଧରି ଦାବି କରିଆସୁଥିଲେ ଯେ ସେହି ସମ୍ଭାବ୍ୟ ପ୍ରାର୍ଥୀ ସେ ହିଁ ହେବା ଉଚିତ କିନ୍ତୁ ପ୍ରଥମ ବିତର୍କରେ ତାଙ୍କର ପ୍ରଦର୍ଶନକୁ ନେଇ ଅନେକ ସନ୍ଦେହ ଉଠିଛି । ସେ ଆଗକୁ ଯିବେ କି ନାହିଁ ତାହା ସ୍ଥିର କରିବା ପାଇଁ ବାଇଡେନ ନିଷ୍ପତ୍ତି ନେବେ । ତାଙ୍କ ପାଇଁ ଦୁର୍ଭାଗ୍ୟର ବିଷୟ ହେଉଛି, ନିର୍ବାଚନ ପାଇଁ ବାକି ଥିବା କେତୋଟି ମାସ ତାଙ୍କର ଅଧିକ ତ୍ରୁଟି ଓ ଦୁର୍ବଳତା ପ୍ରକାଶ କରିବା ଲାଗି ପର୍ଯ୍ୟାପ୍ତ ସମୟ ହୋଇପାରେ ।

ବାଇଡେନ ଯଦି ପୁଣି ଥରେ ଟେଲିଭିଜନର ସିଧା ପ୍ରସାରଣରେ କହିବାରେ କଠିନତା ପ୍ରକାଶ କରନ୍ତି ତେବେ ତାଙ୍କ ସପକ୍ଷବାଦୀମାନେ ତାଙ୍କୁ ସମର୍ଥନ କରିବା ଦେଖିବା କଷ୍ଟକର ହୋଇଯିବ । ଯଦି ସେ ନିର୍ବାଚନରୁ ଓହରି ଯିବେ ତେବେ କ'ଣ ଘଟିବ ? ଆମେରିକାରେ ବହୁ ଜଟିଳ ଅଞ୍ଚଳରେ ପ୍ରାଇମେରୀ ଭୋଟରମାନେ ଡେମୋକ୍ରାଟ୍‌ଙ୍କ ସମର୍ଥନରେ ଥିବା ଜଣାପଡ଼ିଛି । ସେମାନେ ଗୋଟିଏ ଗୋଷ୍ଠୀର ପ୍ରତିନିଧିଙ୍କୁ ନିର୍ବାଚିତ କରିଛନ୍ତି, ଯେଉଁମାନେ ଏକ ନିର୍ବାଚନ ପ୍ୟାନେଲ ଭାବେ କାର୍ଯ୍ୟ କରିବେ । ଫଳରେ ଜଟିଳ ନାମାଙ୍କନ ଲଢ଼େଇ ହେବ ନାହିଁ । ବାଇଡେନଙ୍କ ସମର୍ଥନରେ ଥିବା ଏହି ପ୍ରତିନିଧିମାନେ ଏବେ ଆଉ କାହାକୁ ବାଛିପାରନ୍ତି । ସେମାନଙ୍କ ମଧ୍ୟରେ ରହିପାରନ୍ତି ଉପରାଷ୍ଟ୍ରପତି କମଳା ହାରିସ ; ଯାହାଙ୍କୁ ଶୀର୍ଷ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିବେଚନା କରାଯାଉଛି, କିନ୍ତୁ ସେ ଲୋକ ପ୍ରିୟ ନୁହନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି କାଲିଫର୍ନିଆ ଗଭର୍ନର ଗାଭିନ ନ୍ୟୁଜମ ଏବଂ ଅନ୍ୟ ରାଜ୍ୟ ନେତାଗଣ, ; ଯେଉଁମାନେ ଜାତୀୟ ସ୍ତରର ବ୍ୟକ୍ତିତ୍ୱ ନୁହନ୍ତି । ଯଦି ସେମାନଙ୍କୁ ମନୋନୀତ କରାଯାଏ, ତେବେ ଟ୍ରମ୍ପଙ୍କ ବିରୋଧରେ ଲଢ଼ିବାକୁ ହେଲେ ସେମାନଙ୍କୁ ଖ୍ୟାତି ଅର୍ଜନ କରିବାକୁ ହେବ । ଡେମୋକ୍ରାଟମାନେ ଏହା ଉପରେ କିଭଳି କାର୍ଯ୍ୟ କରୁଛନ୍ତି ତାହା ଦେଖିବା ଆମମାନଙ୍କ ପାଇଁ କୌତୂହଳପୂର୍ଣ୍ଣ ହେବ । ଯଦି ଟ୍ରମ୍ପ ଜିତନ୍ତି କିମ୍ବା ପୁଣି ହାରନ୍ତି, ତେବେ ତାହା ଆହୁରି ମଜାଦାର ହେବ । ଏଭଳି ସ୍ଥିତିରେ ବାଇଡେନଙ୍କୁ ନଭେମ୍ବରରେ ତାଙ୍କ ପାର୍ଟି ଓ ଆମେରିକାର ଜନସାଧାରଙ୍କୁ ନିଶ୍ଚିତ କରିବାକୁ ପଡ଼ିବ ଯେ, ସେ କେବଳ ରାଷ୍ଟ୍ରପତି ପାଇଁ ଫିଟ୍ ନୁହନ୍ତି ବରଂ ଚାରି ବର୍ଷ ଲାଗି ଦାୟିତ୍ୱରେ ରହିବା ଲାଗି ସକ୍ଷମ ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 7 | | | | | |
| | | 7 | | 6 | | | | 1 |
| | | 4 | | | | | | |
| 1 | | | 3 | 8 | | 5 | | 4 |
| | 2 | | | 7 | | | | |
| | 9 | | | | | | 6 | |
| 9 | | | 8 | | | | 4 | |
| | | | | 4 | 9 | | | 6 |
| | | | | | 1 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 9 | 3 | 5 | 2 | 8 | 7 | 4 |
| 4 | 8 | 3 | 1 | 6 | 7 | 2 | 9 | 5 |
| 2 | 5 | 7 | 8 | 9 | 4 | 1 | 3 | 6 |
| 1 | 2 | 6 | 4 | 3 | 9 | 5 | 8 | 7 |
| 3 | 7 | 4 | 2 | 8 | 5 | 9 | 6 | 1 |
| 8 | 9 | 5 | 7 | 1 | 6 | 3 | 4 | 2 |
| 7 | 6 | 1 | 9 | 2 | 3 | 4 | 5 | 8 |
| 9 | 4 | 8 | 5 | 7 | 1 | 6 | 2 | 3 |
| 5 | 3 | 2 | 6 | 4 | 8 | 7 | 1 | 9 |

ଗତକାଲିର ଉତ୍ତର

# ସେଇ ଚମତ୍କାରୀ ଚକାଆଖି



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ବଡ଼ ଚମତ୍କାରୀ ସେଇ ଚକାଆଖି ଦିଓଟି । ବିଶ୍ୱାସ ଓ ବିଜ୍ଞାନର ଦ୍ୱନ୍ଦ୍ୱ ମଧ୍ୟରେ ସେଇ ଚକାଆଖିର ଆକର୍ଷଣ ଯୁଗେ ଯୁଗେ ଆସ୍ତିକଙ୍କଠୁ ନାସ୍ତିକଙ୍କ ଯାଏ ସଭିଙ୍କୁ ସମ୍ମୋହିତ କରିଆସିଛି । ଏକାନ୍ତ ଅବର୍ଣ୍ଣନୀୟ ସେଇ ଚକାଆଖି ଦିଓଟିର ମହିମା ବର୍ଣ୍ଣନା କରିବାକୁ କାଳ କାଳ ଧରି କବିମାନଙ୍କର କଲମ କମନୀୟ ଛନ୍ଦରେ ଚଞ୍ଚଳ ହୋଇ ଉଠିଛି । ପ୍ରଗଳ୍‌ଭ ହୋଇ ଉଠିଛନ୍ତି ସାଲବେଗଙ୍କଠାରୁ ଆଧୁନିକ ଗୀତିକାରଙ୍କ ଯାଏ ପଣ୍ଡିତ ପଦ୍ୟକାରମାନେ । କେଉଁଠି ହୃଦୟରେ ପୁଳାଏ ଅନୁଚ୍ଚାରିତ ଆବେଗକୁ ଅବରୁଦ୍ଧ କରି କବିତାରେ କୁହାଯାଇଛି– ''ଲୁହର ଅର୍ଘ୍ୟ ବାଢ଼ି ମୁଁ ଆବୃତ୍ତି କରୁଛି ମୋ ଅନୁଭବକୁ । ଭ୍ରମରଟିଏ ପରି ଗୁଣୁଗୁଣୁ ହୋଇ ଗାଉଛି ତୋର ଜଣାଣ । ସମାଧିସ୍ଥ ହୋଇଯାଉଛି ତୋ ଆଗରେ ଏକ କାକୁସ୍ଥ ମୁଦ୍ରାରେ । ଆଖି ଖୋଲିଲାବେଳକୁ ତୁ, ତୋର ଅନିନ୍ଦ୍ୟ ରୂପ । ଲାଗୁଛି, ତୁ ଯେମିତି ଏ ପ୍ରାଣର ସ୍ପନ୍ଦନ, ମୋ ଉଚ୍ଚାରଣର ମନ୍ତ୍ର, ମୋ ସଙ୍ଗୀତର ସ୍ୱର । ତୋର ଆଖି ଦିଓଟିକୁ ଦେଖିଲେ ତ ଭୁଲି ହୋଇଯାଉଛି ସବୁ କିଛି । ଉଭେଇଯାଉଛି ଅବଶିଷ୍ଟ ଦୁନିଆ । ଏତେ ତୃପ୍ତି, ଏତେ ଆଶ୍ୱାସନା ସେଇ ଚକାଆଖି ଦୁଇଟିର !''

ହଁ, ସେଇ ଆଖି ଦିଓଟି ଆମ ଦାରୁଦେବତା ଶ୍ରୀଜଗନ୍ନାଥଙ୍କର । ଗୋଟିଏ ମୃତ ବୃକ୍ଷର ଗଣ୍ଡିରେ ଗଢ଼ା ହୋଇ ଯିଏ ଚିରକାଳ ପ୍ରାଣବନ୍ତ, ବିଶାଳ ଜଗତର ପ୍ରାଣସତ୍ତା ବୋଲି ଯାହାଙ୍କ ନାମ ଜଗନ୍ନାଥ ; ସେଇ ଶ୍ରୀକ୍ଷେତ୍ରବାସୀ କଳାଠାକୁର ହେଉଛନ୍ତି ଜ୍ଞାନ ବିଜ୍ଞାନ ବହିର୍ଭୂତ ଏକ ସର୍ବକାଳୀନ ଚମତ୍କାର । ସେ ଭକ୍ତର ଭକ୍ତିରେ ବନ୍ଧା ଏମିତି ଈଶ୍ୱର ଯେ ଭକ୍ତ ନ ପହଞ୍ଚିଲା ଯାଏ ତାଙ୍କ ରଥର ଚକ ଗଡ଼େନାହିଁ । ପୁଣି ନିତିଦିନ ଷାଠିଏ ପଉଟିର ସୁସ୍ୱାଦୁ ବ୍ୟଞ୍ଜନ ଯାହାଙ୍କ ପାଇଁ ଖଞ୍ଜା ହୋଇଥାଏ, ତାଙ୍କର ପୁଣି ଦାସିଆର ନଡ଼ିଆ ଟେକି ନେବା ପାଇଁ କି ବ୍ୟଗ୍ରତା ! ଭକ୍ତଜନଙ୍କ ପାଇଁ ତାଙ୍କ ଆତୁରତାର ପଟାନ୍ତର ନାହିଁ । ବୁଭୁକ୍ଷୁ ବନ୍ଧୁ ମହାନ୍ତିଙ୍କୁ ରତ୍ନଥାଳିରେ ଖାଦ୍ୟ ପରଷିବା ଭଳି ବିରଳ ପ୍ରଭୁପଣ ବିଶ୍ୱର ଅନ୍ୟ କେଉଁ ଈଶ୍ୱରଙ୍କ ପାଖରେ ଦେଖାଯାଇନାହିଁ । ସେଥିପାଇଁ ତ ସେ ଭକତ ଭାବରେ ବନ୍ଧା ଭକତ ଜୀବନ ଧନ ।

ଅବଶ୍ୟ ଆଧୁନିକତାର ଉଗ୍ର ଆବାହନ ମଧ୍ୟରେ ଆଜିକାର ବିଜ୍ଞାନ ଯୁଗରେ ଦାସିଆ ଓ ବନ୍ଧୁ ମହାନ୍ତିଙ୍କ ଭକ୍ତିର ସାମର୍ଥ୍ୟ କାନକୁ କେବଳ କାହାଣୀ ଭଳି ଶୁଭିବ । ବିଶ୍ୱାସ କରିବାକୁ କଷ୍ଟ ହେବ ଯେ ଭକ୍ତ ଓ ଭଗବାନଙ୍କ ସମ୍ପର୍କ ମଧ୍ୟରେ ମାନ ଅଭିମାନର ବେଶ୍ ମହତ୍ତ୍ୱ ଥାଏ । ଚକାଆଖି କାଳିଆ ଠାକୁରଙ୍କ ବହୁବିଧ ଚମତ୍କାର କେବଳ ସେକାଳର ସାଲବେଗ ବା ଭକ୍ତ ବଳରାମ ଦାଶଙ୍କ ପାଖରେ ଶେଷ ହୋଇ ଯାଇନାହିଁ । ଏହାର ଇତିହାସ ବେଶ୍ ପ୍ରଲମ୍ବିତ, ସେକାଳରୁ ଏକାଳ ପର୍ଯ୍ୟନ୍ତ । ସବୁକଥାର ପ୍ରଣାମ ଖୋଜୁଥିବା ଈଶ୍ୱରବିଦ୍ୱେଷୀ ହେତୁବାଦୀମାନେ ଅବଶ୍ୟ ଏକ ପ୍ରମାଣସିଦ୍ଧ ସିଦ୍ଧାନ୍ତ ପାଇ ନ ପାରନ୍ତି, ମାତ୍ର ଏକଥା ସତ୍ୟ ଯେ, ଯେଉଁ ଭାଷାରେ ଅବା ଯେଉଁ ଭାବରେ ଭକ୍ତ ଜଣେ ତା'



ଭଗବାନଙ୍କ ପାଖରେ ନିଜକୁ ସମର୍ପଣ କରିଦିଏ, ଭଗବାନ ତାହାର ଜବାବ ଦିଅନ୍ତି ; ପ୍ରତିବିଧାନ କରନ୍ତି । ରଥଯାତ୍ରା ଅବସରରେ କେଇବର୍ଷ ତଳର ଅନ୍ୟ ଏକ ରଥଯାତ୍ରାରେ ସଂଘଟିତ ହୋଇଥିବା ଏଇ ଚମତ୍କାରୀ ଘଟଣାଟିକୁ ଲକ୍ଷ୍ୟ କଲେ ରଥାରୂଢ଼ ଚକାଆଖିଙ୍କ ଚମତ୍କାରକୁ ଅନୁଭବ କରିବା ବିଶେଷ କଷ୍ଟ ହେବ ନାହିଁ ।

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବାକୁ ଢେଙ୍କାନାଳର ସପରିବାର ପୁରୀ ଯାଇଥାଆନ୍ତି ମିଶ୍ରବାବୁ । ପରିବାର ବୋଇଲେ ନିଜ ପତ୍ନୀ ଓ ବାର ଏବଂ ଦଶବର୍ଷ ବୟସର ଦୁଇଟି ଝିଅପୁଅ । ବଡ଼ଦେଉଳର ତିନିଦିଅଁଙ୍କୁ ବଡ଼ଦାଣ୍ଡରେ ଦେଖିବାର ଆଗ୍ରହ ଓ ଆବେଗକୁ ନେଇ ମିଶ୍ର ପରିବାରର ସଭିଏ ଅପେକ୍ଷା କରୁଥିଲା ବେଳେ ଅଚାନକ ଅଘଟଣଟାଏ ଘଟିଗଲା । ଭକ୍ତି ସହିତ ନିଜ ଶକ୍ତି ପରୀକ୍ଷା କରିବାକୁ ବଡ଼ଦାଣ୍ଡର ଭିଡ଼ ଭିତରେ ସାମିଲ ହୋଇଥିବା କେହି ଦୁର୍ବୃତ୍ତ ବାରବର୍ଷ ବୟସ୍କା କିଶୋରୀ କନ୍ୟାର କାନ ଛିଣ୍ଡାଇ ସୁନା ରିଂ ପଟିଏ ଟାଣିନେଲା । ସୁକୁମାରୀ ଝିଅଟିର କାନରୁ ବହି ଯାଉଥିବା ରକ୍ତଧାର ଦେଖି ମିଶ୍ରବାବୁ ବିଚଳିତ ହୋଇପଡ଼ିଲେ । ସେ ପତ୍ନୀ, ପୁତ୍ରଙ୍କ ସହିତ ଆହତ କନ୍ୟାଟିକୁ ଧରି ଭିଡ଼ ମଧ୍ୟରୁ ଅପସରିଯିବାକୁ ବସିଛନ୍ତି ; ହଠାତ୍ ଦ୍ୱିତୀୟ ଦୁର୍ଘଟଣାଟି ଘଟିଗଲା । ତାଙ୍କ ବିବ୍ରତ ଭାବର ସୁଯୋଗ ନେଇ ଅନ୍ୟ ଜଣେ ତସ୍କର ତାଙ୍କ ପକେଟ୍‌ରୁ ପର୍ସଟି ଚୋରାଇ ନେଇଛି ଜାଣିଲା ପରେ ମିଶ୍ରବାବୁ ନିଜକୁ ଅସହାୟ ମନେକଲେ ।

ଆହତ ଝିଅର ଚିକିତ୍ସା ଦରକାର, ପରିବାରକୁ ଖୁଆଇବା ଦରକାର, ପୁଣି ଢେଙ୍କାନାଳ ଫେରିବା ପାଇଁ ଗାଡ଼ିଭଡ଼ା ଦରକାର । ଅଥଚ ସେ କପର୍ଦ୍ଦକଶୂନ୍ୟ । କଳିଆରଭୁଜ ଜଗନ୍ନାଥଙ୍କ ମିଥ୍ୟା ପ୍ରଭୁପଣକୁ ପ୍ରଚଣ୍ଡ ଅଭିଶାପ ଦେଇ ମନରେ ମେଞ୍ଚାଏ ଅଭିମାନ ଭରି ସେ ବାହୁଡ଼ା ବାଟରେ ପାଦ ବଢ଼ାଇଲେ । ପଛରେ ଛାଡ଼ି ଆସିଲେ ଅଗଣିତ ଜନସମୁଦ୍ର ମଧ୍ୟରେ ଠାଆକୁଠାଆ ଠିଆ ହୋଇଥିବା ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ । ସେଇ ରଥ ତିନୋଟି ମଧ୍ୟରେ ବିରାଜୁଥିବା ତିନି ଠାକୁରଙ୍କ ମୁହଁଟି ମାନ ତାଙ୍କୁ ଦିଶୁଥିଲା ଦୁଃଖରେ ଅସ୍ଥିର ଓ କ୍ଷୁଧାରେ ଆତୁର ନିଜ ପୁତ୍ର କନ୍ୟା ଓ ପତ୍ନୀଙ୍କ ମୁହଁ ତିନୋଟିଠାରୁ ଅଧିକ ମଳିନ, ଅଧିକ ଦୀପ୍ତିହୀନ ।

ବସ୍‌ଷ୍ଟାଣ୍ଡରେ ପହଞ୍ଚି ସେ ବହୁ ବସ୍‌ର କଣ୍ଡକ୍ଟରମାନଙ୍କୁ ନିଜ ଦୁର୍ଭାଗ୍ୟର କାହାଣୀ ବଖାଣି ସେମାନଙ୍କ ସହଯୋଗ କାମନା କଲେ । କହିଲେ, ଭୁବନେଶ୍ୱରରେ ପହଞ୍ଚି ଜଣେ ବନ୍ଧୁଙ୍କଠାରୁ ଟଙ୍କା ଆଣି ଭଡ଼ା ପଇଠ କରିଦେବେ । ମାନବୀୟ ସଂସ୍କୃତିଠୁ ଯୋଜନ ଦୂରତ୍ୱରେ ଥାଇ କେବଳ ବେପାର କରୁଥିବା ବସ୍ କଣ୍ଡକ୍ଟରମାନେ କେହି ବିଶ୍ୱାସ କଲେ ନାହିଁ । ବରଂ କହିଲେ, ''ରଥଯାତ୍ରା ଭିଡ଼ ଭିତରେ ଦୁଇଗୁଣ ଭଡ଼ାରେ ବି ଯାତ୍ରୀ ଉଠାଇଲେ ଯେତେବେଳେ ବସ୍ ଭିତରେ ଛିଡ଼ା ହେବାକୁ ଜାଗା ନାହିଁ ; ସେତେବେଳେ ବାକି ପାସେଞ୍ଜରଙ୍କୁ କିଏ ପଚାରେ ।'' ମିଶ୍ରବାବୁ ଆହତ ହେଲେ । ପାଗଳଙ୍କ ପରି ଅଚିହ୍ନା ଅଜଣା ଲୋକଙ୍କ ପାଖରେ ହାତ ପାତିଲେ । ମାତ୍ର ବିଶ୍ୱାସ ଯେଉଁଠି ଅମୃତଠାରୁ ଆହୁରି ମହଙ୍ଗା, ସେଠି କିଏ କାହିଁକି ଆଗେଇ ଆସନ୍ତା ମାଗଣାରେ ବିଶ୍ୱାସ ବାଣ୍ଟିବା ପାଇଁ ! 'ଆହା' ବୋଲି କହି ସାହା ହେବାକୁ କିଏ ବା ମିଳନ୍ତେ ସ୍ୱାର୍ଥସର୍ବସ୍ୱଙ୍କ ଭିଡ଼ ଭିତରୁ !

ନନ୍ଦିଘୋଷ ରଥ ଆଡ଼କୁ ଚାହିଁ ଜଗନ୍ନାଥଙ୍କୁ ବହେ ଗାଳିଦେଲେ ମିଶ୍ରବାବୁ– ''ତୁ କୁଆଡ଼େ ଦୁଃଖହାରୀ, ପତିତ ତାରଣ । ଏମିତି ତ୍ରାଣ କରୁଛୁ ମୋ ଆହତ ଝିଅର ! ଭୋକିଲା ପରିବାରର ! ଆଉ ନୁହେଁ, ଏଇଟା ଶେଷ । ମୋ ପାଇଁ ତୁ ନାହୁଁ କି ତୋ ପାଇଁ ମୁଁ ନାହିଁ ।'' ପାଗଳଙ୍କ ପ୍ରଳାପ ପରି ନିଜକୁ ନିଜେ କହୁଥିବା ବେଳେ ଅଚାନକ ସେଇ ଚମତ୍କାରଟି ଘଟିଲା । ବସ୍‌ଷ୍ଟାଣ୍ଡର ଭିଡ଼ ମଧ୍ୟରୁ ଜଣେ ମଧ୍ୟବୟସ୍କ ଲୋକ ଆଗେଇ ଆସିଲେ ଓ ମିଶ୍ରବାବୁଙ୍କ ହାତରେ ପାଞ୍ଚଶହ ଟଙ୍କିଆ ନୋଟଟିଏ ଧରାଇ ଦେଇ କହିଲେ, ''ପ୍ରଥମେ ଯାଆନ୍ତୁ, ହୋଟେଲରେ ପିଲାମାନଙ୍କୁ ପେଟପୂରା ଖାଇବାକୁ ଦିଅନ୍ତୁ । ତା' ପରେ ଗାଡ଼ି ଧରିବେ ।'' ଟଙ୍କା ପାଇଁ ବ୍ୟସ୍ତ ହେବେନି । ଘରେ ପହଞ୍ଚି ଏଇ ଠିକଣାରେ ମୋ ଟଙ୍କା ଫେରାଇ ଦେବେ !! ମିଶ୍ରଙ୍କ ହାତକୁ ଠିକଣା ଲେଖା କାଗଜ ଖଣ୍ଡିଏ ବଢ଼ାଇ ଦେଇ ସେଇ ଅଚିହ୍ନା ଆଗନ୍ତୁକ ଜଣକ ଏକ ଛାଡ଼ୁଥିବା ବସ୍ ଭିତରକୁ ଉଠିଗଲେ ଯେ ତାଙ୍କ ବିଶାଳ ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ମାନବିକତା ପ୍ରତି ନିଜ ସମର୍ପଣ ପ୍ରକଟ କରିବାକୁ ସେ ସାମାନ୍ୟ ସୁଯୋଗ ମଧ୍ୟ ପାଇଲେ ନାହିଁ ।

କଥାଟି ଏଇଠି ସରିଥିଲେ ଆଉ କଥା ନ ଥାନ୍ତା । ମାତ୍ର ଏହାର ପର ପର୍ଯ୍ୟାୟର କଥାଟି ଯେମିତି ମହତ୍ତ୍ୱପୂର୍ଣ୍ଣ, ସେମିତି ରହସ୍ୟମୟ । ନିଜ ପତ୍ନୀ ଓ ପିଲା ଦୁହିଁଙ୍କ ସହ ହୋଟେଲରେ ଖାଇସାରି ବସ୍ ଧରିବାକୁ ଯିବା ପୂର୍ବରୁ ଶ୍ରୀମତୀ ମିଶ୍ରଙ୍କଠୁ ସେ ମୃଦୁ ଭର୍ତ୍ସନା ଶୁଣିଲେ– ''ଜଗନ୍ନାଥଙ୍କୁ ଗାଳି ଦେଉଥିଲ ପରା । ଦେଖିଲ ତ ସେ କାହାକୁ ପଠାଇ ଆମ ଦୁଃଖ ମୋଚନ କଲେ ।'' ନିଜ ଭୁଲ୍ ପାଇଁ ଅନୁତପ୍ତ ହୋଇ ସେଇ ରହସ୍ୟମୟ ସାହାଯ୍ୟକାରୀଙ୍କ କାଗଜଟି ଖୋଲି ତାଙ୍କ ଠିକଣା ଖୋଜିଲା ବେଳକୁ ଦେଖିଲେ ସାଦା ଧଳା କାଗଜଟିଏ, ଯାହା ଉପରେ ଗାରଟିଏ ବି ପଡ଼ିନାହିଁ । ଚକାଆଖିଙ୍କ ଚମତ୍କାରକୁ ଅଙ୍ଗେ ନିଭାଇ ପିଲାଙ୍କ ପରି ରଡ଼ି ପକାଇ କାନ୍ଦି ଉଠିଲେ ମିଶ୍ରବାବୁ ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ: ୮୮୯୫୬୨୪୧୦୫

## ଏଇ ଭାରତରେ

ଆମ୍ବର ବିଭିନ୍ନ କିସମ ପ୍ରାୟ ସମସ୍ତେ ଦେଖିଥିବେ । ପସନ୍ଦ ଅନୁସାରେ ଲୋକେ ସେହି ପ୍ରକାରର ଆମ୍ବଗଛ ଲଗାଇଥାନ୍ତି । କିନ୍ତୁ ଗୋଟିଏ ଗଛରେ ୨୪ ପ୍ରକାରର ଆମ୍ବ ଫଳିବା କଥା କେବେ ଶୁଣିଛନ୍ତି ! କଥାଟା ହୁଏତ ବିଶ୍ୱାସ ହୋଇ ନ ପାରେ । ମାତ୍ର ଏମିତି ଏକ କାମ କରି ଦେଖାଇଛନ୍ତି ଉତ୍ତରପ୍ରଦେଶ ମେରଟ୍‌ର ନଦିମ୍ ଖାନ୍ । ସେ ତାଙ୍କ ବାଡିରେ ଏକ ଗଛ ଲଗାଇଛନ୍ତି, ଯେଉଁଥିରେ ୨୪ ପ୍ରକାରର ଆମ୍ବ ଫଳିଛି । ପ୍ରକୃତରେ ନଦିମ ଆମ୍ବ ଖାଇବାକୁ ବହୁତ ଭଲ ପାଆନ୍ତି । ଆଉ ଆମ୍ବ ପ୍ରତି ଏହି ଆକର୍ଷଣ ତାଙ୍କୁ ଆମ୍ବ ଗଛ ଲଗାଇବା ପାଇଁ ପ୍ରେରଣା ଦେଇଥିଲା । ସେଥିପାଇଁ ସେ ନିଜ ବାଡିରେ ଆମ୍ବ ଗଛ ଲଗାଇବେ ବୋଲି ଚିନ୍ତା କରିଥିଲେ । ତା'ପରେ ସେ ଆମ୍ବ ଗଛ ବି ଲଗାଇଥିଲେ । ପରେ ଅଧିକ କିସମର ଆମ୍ବ ଲଗାଇବାକୁ ଇଚ୍ଛା କରିଥିଲେ । ଆଉ ହଠାତ୍ ତାଙ୍କ ମନକୁ ଆସିଥିଲା କି ଗୋଟିଏ ଗଛରେ ସବୁ ପ୍ରକାରର ଆମ୍ବ ଚାଷ କରିବେ । ଏହି ଲକ୍ଷ୍ୟରେ ଗୋଟିଏ ଗଛରେ ୩୦ରୁ ଅଧିକ କିସମର ଆମ୍ବର କଲମି ପ୍ରକ୍ରିୟା ପ୍ରୟୋଗ କରିଥିଲେ ଓ ସଫଳ ହୋଇଥିଲେ । ଏହାପରେ ସେଥିରେ ୨୪ ପ୍ରକାରର ଆମ୍ବ ଫଳିଥିଲା ।

# ସମୟ ବଦଳିଗଲାଣି



ଡ. ସନ୍ତୋଷ କୁମାର ମହାପାତ୍ର

ଗତ କିଛି ବର୍ଷରେ ପରିସ୍ଥିତି ବଦଳିଗଲାଣି । ମଣିଷ ଅଧିକ ସ୍ୱାର୍ଥପର ହୋଇଗଲାଣି । ଶାସକ ଶ୍ରେଣୀର ଆଭିମୁଖ୍ୟରେ ପରିବର୍ତ୍ତନ ଘଟିଲାଣି । ବେକାରି, ଦାରିଦ୍ର୍ୟ, ବୈଷମ୍ୟ, ଦରଦାମ ବୃଦ୍ଧି ସମସ୍ୟାର ସମାଧାନ କରିବା ତଥା ଶିକ୍ଷା ଓ ସ୍ୱାସ୍ଥ୍ୟ ସହଜରେ କିପରି ଲୋକଙ୍କୁ ପ୍ରାପ୍ତ ହେବ, ସେ କଥା ଆଲୋଚନା କରିବାକୁ କାହାର ସମୟ ନାହିଁ । ଗଣମାଧ୍ୟମ ଧନୀ, କ୍ଷମତାଶାଳୀଙ୍କ ସ୍ୱାର୍ଥ ପାଇଁ ବେଶି କାର୍ଯ୍ୟ କରୁଛି । ଅନ୍ୟର ଦୁଃଖ ବୁଝିବାକୁ ଥିଲାବାଲାଙ୍କ ସମୟ ନାହିଁ । ପରିସ୍ଥିତି ଦିନକୁ ଦିନ ଅଧିକ ଜଟିଳ ହେଉଛି ।

କିଏ ଏଠି ଟଙ୍କାର ପାହାଡ଼ ଉପରେ ବସିଛି ତ କିଏ ଏଠି ଦିନରାତି ଖଟିକି ବି ନିଜର ଏବଂ ପରିବାରର ଅଭାବ ପୂରଣ କରିପାରୁନି । ପ୍ରତିଦିନ କିଏ ଦୁର୍ଘଟଣାରେ ମରୁଛି ତ କିଏ ରୋଗରେ ମରୁଛି । ଆଉ କେଉଁଠି ଗୋଟିଏ ଗୋଟିଏ ପରିବାର ନିଶ୍ଚିହ୍ନ ହୋଇଯାଉଛି । ପଇସା ଅଭାବରୁ ଅଧାରୁ କିଏ ପାଠପଢ଼ା ବନ୍ଦ କରୁଛି ତ କେଉଁଠି ମା' ଅଭାବରେ ଛୁଆକୁ ବିକିଲାଣି । ବୃଦ୍ଧ ବା ବୃଦ୍ଧା ଅବସ୍ଥାରେ ଆଜି ଅଧିକାଂଶ ଅବହେଳିତ । ଗରିବ ଦୂଷିତ ପରିବେଶରେ କଷ୍ଟରେ ଜୀବନ କାଟୁଛନ୍ତି । କୋଟି କୋଟି ବେକାରି, ଅସହାୟ ଜୀବନ ବିତାଉଛନ୍ତି । କରୋନା ମହାମାରୀ ସମୟରେ ଜୀବନ କେତେ ଅନିଶ୍ଚିତ ତାହା ସମସ୍ତେ ଅନୁଭବ କରିଛନ୍ତି । ଧନୀମାନେ ଖାଦ୍ୟ ନଷ୍ଟ କଲାବେଳେ ବା ଆବଶ୍ୟକତା ଠାରୁ ଅଧିକ ଖାଇ ରୋଗରେ ପଡ଼ିଲାବେଳେ ଅନେକଙ୍କୁ ମୁଠାଏ ଭାତ ପାଇଁ ଅହରହ ସଂଗ୍ରାମ କରିବାକୁ ପଡୁଛି । ଦରଦାମ ଅତ୍ୟନ୍ତ ଭୟଙ୍କର, ପନିପରିବା ମୂଲ୍ୟ ଆକାଶଛୁଆଁ । ଗରିବଙ୍କ ପାଇଁ କିଣିବା ସମ୍ଭବ ନୁହେଁ । ପୁଷ୍ଟିହୀନତା ଏବଂ ଦାରିଦ୍ର୍ୟର ଏକ ଭୟଙ୍କର ଚକ୍ରରେ ଅନେକ ଭାରତୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ଦାରିଦ୍ର୍ୟ ପୁଷ୍ଟିହୀନତାର କାରଣ ହୋଇଥାଏ, ଯାହା ପରବର୍ତ୍ତୀ ସମୟରେ ଦାରିଦ୍ର୍ୟକୁ ବୃଦ୍ଧି କରିଥାଏ । ପରିସ୍ଥିତି ଏତେ ଭୟଙ୍କର ଯେ, ପ୍ରତି ଚାରିଜଣ ଭାରତୀୟଙ୍କ ମଧ୍ୟରୁ ତିନିଜଣ ସୁସ୍ଥ ଖାଦ୍ୟ ପାଇବାରୁ ବଞ୍ଚିତ । ବିଶ୍ୱ ଖାଦ୍ୟ ଓ କୃଷି ସଂସ୍ଥା ଅନୁଯାୟୀ ବିଶ୍ୱରେ ୪୨.୧% ଲୋକ ସୁସ୍ଥ ଖାଦ୍ୟ ପାଇବାରୁ ବଞ୍ଚିତ ହୋଇଥିଲାବେଳେ ଭାରତରେ ଏହା ମୋଟ ଜନସଂଖ୍ୟାର ୭୪.୧% । ଭାରତରେ ଦାରିଦ୍ର୍ୟ ନାହିଁ ବୋଲି ପ୍ରଚାର କରାଯାଉଛି । ବିଶ୍ୱ ବ୍ୟାଙ୍କ ଅନ୍ତର୍ଜାତୀୟ ଦାରିଦ୍ର୍ୟ ରେଖା (ପ୍ରତି ଦିନ କ୍ରୟ ଶକ୍ତି ସମତା $୨.୧୫), ଅନୁସାରେ ୨୦୨୧ରେ ୧୧.୯% ଭାରତୀୟ ଚରମ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । କିନ୍ତୁ ନିମ୍ନ ମଧ୍ୟ ଆୟକାରୀ ରାଷ୍ଟ୍ରମାନଙ୍କ ଦାରିଦ୍ର୍ୟ ରେଖା (ପ୍ରତି ଦିନ କ୍ରୟ ଶକ୍ତି ସମତା $୩.୬୫), ଦୃଷ୍ଟିରୁ ବିଚାର କଲେ ୪୦%ରୁ ଊର୍ଦ୍ଧ୍ୱ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ।

୨୦୨୪ର ୱାର୍ଲ୍ଡ ଇନ୍‌ଇକ୍ୱାଲିଟି ଲ୍ୟାବ୍ ରିପୋର୍ଟ ଅନୁସାରେ ଭାରତର ସର୍ବୋଚ୍ଚ ୧%ଙ୍କ ଆୟ ଜାତୀୟ ଆୟର ଅଂଶରେ ବିଶ୍ୱରେ ସର୍ବୋଚ୍ଚ ସ୍ତରରେ ରହିଛି ଏବଂ ଆୟ ବୈଷମ୍ୟ ବ୍ରିଟିଶ ସମୟଠାରୁ ଅଧିକ । ୨୦୦୦ରେ ଭାରତର ୧% ବା ଧନୀଙ୍କ ପାଖରେ ଜାତୀୟ ଆୟର ୧୫.୧% ଥିଲାବେଳେ ୨୦୨୨-୨୩ରେ ଏହା ୨୨.୬%କୁ ବୃଦ୍ଧି ପାଇଛି, ଯାହା ୧୯୨୨ ପରେ ସର୍ବାଧିକ । ସମ୍ପଦ ଦୃଷ୍ଟିରୁ ୨୦୦୨ରେ ଭାରତର ୧% ବା ଧନୀଙ୍କ ପାଖରେ



ଜାତୀୟ ସମ୍ପଦର ୨୫.୪% ଥିଲାବେଳେ ୨୦୨୨-୨୩ରେ ଏହା ୪୦.୧% ବୃଦ୍ଧି ପାଇଛି । ଏହି ବୈଷମ୍ୟ ୧୯୬୧ ପରଠାରୁ ସର୍ବାଧିକ । ଭାରତରେ ସମୁଦାୟ ବିଲିୟନେୟାରଙ୍କ ସଂଖ୍ୟା ୧୯୯୧ରେ ୧ ଥିଲାବେଳେ ୨୦୨୪ରେ ୨୦୦କୁ ବୃଦ୍ଧି ପାଇଛି ।

ବାସ୍ତବରେ ମଣିଷ ମନରେ କ'ଣ ଥାଏ, ପ୍ରତିମୁହୂର୍ତ୍ତରେ କ'ଣ ଭାବୁଥାଏ, କିଏ କେଉଁ ପରିସ୍ଥିତିରେ କିପରି ବ୍ୟବହାର କରିବ, ତାହା ଜାଣିବା କଷ୍ଟକର । ମଣିଷ ପ୍ରାଚୁର୍ଯ୍ୟ ଭିତରେ ଥିଲାବେଳେ ତାହାଠାରୁ କିଏ କେତେ ଅଧିକ ଦୁଃଖରେ ଅଛି, ବିଭିନ୍ନ ସମସ୍ୟାରେ ଅଛି ତାହା ଭାବେ ନାହିଁ, ବରଂ ତାହାଠାରୁ କିଏ ଅଧିକ ଉନ୍ନତ ସ୍ଥିତିରେ ଅଛି ତାହା ଭାବିଥାଏ ଏବଂ ଦୁଃଖ ପାଇଥାଏ । ଏଣୁ ଯେଉଁମାନେ ଅତ୍ୟନ୍ତ ଆନନ୍ଦ ଜୀବନ ବିତାଉଛନ୍ତି, ସେମାନେ କ୍ୱଚିତ ସମାଜର ଗରିବ ଓ ଅବହେଳିତ ଶ୍ରେଣୀର ଲୋକଙ୍କର ଦୁଃଖ ବୁଝିପାରନ୍ତି । ସମସ୍ତେ ଜାଣିଛନ୍ତି ଜୀବନରେ ମୃତ୍ୟୁ ଧ୍ରୁବ ସତ୍ୟ, ତଥାପି ମଣିଷ କ୍ଷମତା ଓ ଅର୍ଥଲୋଭର ବଶବର୍ତ୍ତୀ ହୋଇ ଅନେକ ସମୟରେ ଭୁଲିଯାଏଯେ ମୃତ୍ୟୁତାକୁ ମଧ୍ୟ ଦିନେ ସ୍ପର୍ଶ କରିବ । ଧନୀ, କ୍ଷମତାଶାଳୀ, ଉଦ୍ୟୋଗପତି, ନିବେଶକ ଭୁଲିଯାଆନ୍ତି ଯେ ତାଙ୍କର ଦୟା, ବଦାନ୍ୟତା, ସହାନୁଭୂତି କୋଟି ଲୋକଙ୍କ ଜୀବନରେ ଟିକେ ହସ ଫୁଟାଇପାରିବ ।

ଆଜିର ମାନବ ସଭ୍ୟତାର ଦ୍ରୁତ ଅଭିବୃଦ୍ଧି ସତ୍ତ୍ୱେ ମଣିଷ ଆଗ ଅପେକ୍ଷା ବେଶି ଅହଙ୍କାରୀ, ଲୋଭୀ, ଗର୍ବୀ, ପ୍ରତିହିଂସା ପରାୟଣ, ସମ୍ବେଦନହୀନ ହୋଇଛି ଓ କ୍ଷମତା ଓ ଅର୍ଥ ପଛରେ ବେଶି ଧାଇଁଛି । ପୁନଶ୍ଚ ମଣିଷ ଯେତେବେଳେ ଅଧିକ କ୍ଷମତାଶାଳୀ ଓ ବିତ୍ତଶାଳୀ ହୁଏ, ସେ ନିଜ ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କଠାରୁ ଦୂରେଇଯାଏ । କେବଳ ସେତିକି ନୁହେଁ, କ୍ୱଚିତ ଲୋକ କ୍ଷମତାର ସଦୁପଯୋଗ କରିଥାନ୍ତି ଓ କ୍ଷମତା ଥାଇ ମଧ୍ୟ ସେମାନଙ୍କୁ ଅହଂକାର ସ୍ପର୍ଶ କରିନଥାଏ । ପୁନଶ୍ଚ ମଣିଷ ଯେତେବେଳେ କ୍ଷମତା ପଛରେ ଧାଏଁ ବା କ୍ଷମତା ହାସଲ ବଜାୟ ରଖିବା ଜୀବନର ପ୍ରମୁଖ ଲକ୍ଷ୍ୟ ହୁଏ, ସେତେବେଳେ ସେ ଅସହିଷ୍ଣୁ, ଅହଙ୍କାରୀ, ସମ୍ବେଦନହୀନ ଓ ପ୍ରତିହିଂସା ପରାୟଣ ହୋଇଯାଏ । ଦେଶର କୋଟି କୋଟି ଜନତା କିପରି ଦୁଃଖରେ ଅଛନ୍ତି ତାହା ଭୁଲିଯାଏ । ଗତ ଲୋକ ସଭା ନିର୍ବାଚନରେ (ଓଡ଼ିଶାରେ ଉଭୟ ଲୋକ ସଭା ଓ ବିଧାନସଭା ନିର୍ବାଚନରେ), ରାଜନେତାଙ୍କ (ସବୁ ନୁହେଁ) କ୍ଷମତାର ମୋହ ଦେଖିବାକୁ ମିଳିଥିଲା । ସେବା ନୁହେଁ, କ୍ଷମତା ପାଇଁ ଉଗ୍ର ପ୍ରଚାର, ରୋଡ଼ ଶୋ, ରାଲି, ପ୍ରତିଦ୍ୱନ୍ଦ୍ୱୀ ବିରୋଧରେ କୁତ୍ସାରଚନା, ହିଂସା, କୋଟି କୋଟି କଳାଟଙ୍କାର ଅପବ୍ୟୟ ଏତେମାତ୍ରାରେ ଦେଖିବାକୁ ମିଳିଥିଲା ଯେ ଜଣେ ଗଣତନ୍ତ୍ରପ୍ରେମୀ, ଚିନ୍ତକ, ମାନବବାଦୀ, ଦେଶପ୍ରେମୀ ଅତ୍ୟନ୍ତ ଦୁଃଖ ଓ କଷ୍ଟ ପାଇଛନ୍ତି । ଯେଉଁମାନେ ଜୀବନକୁ ଉତ୍ସର୍ଗ କରି, ବଳିଦାନ ଦେଇ ଭାରତକୁ ସ୍ୱାଧୀନ କରିଥିଲେ, ସେମାନେ ଟଙ୍କା କ୍ଷମତା ପାଇଁ କ'ଣ ଏପରି ଲଢ଼େଇ ହେବ ବୋଲି ଭାବିଥିଲେ ? ସ୍ୱାଧୀନତାର ମୁଖ୍ୟ ଲକ୍ଷ୍ୟଠାରୁ ଆଜି ଆମର ଅନେକ ନେତା ଦୂରେଇ ଯାଇଛନ୍ତି । ଆଜି ରାଜନୀତି ଏକ ଭଲ ନିବେଶ ବା ଉଦ୍ୟୋଗୀ କାର୍ଯ୍ୟକଳାପ ହୋଇଛି ।

ମୋ: ୯୪୩୭୨୦୮୭୬୨

## ପାଠକ ଶ୍ରେଷ୍ଠ ବିଚାରକ

### କାର୍ଯ୍ୟାଳୟ ନିଶାମୁକ୍ତ ହେଉ

ମହାଶୟ,

ସରକାର ବେଧଡ଼କ ମଦ ବିକନ୍ତି । ରାଜସ୍ୱ ସାଉଁଟନ୍ତି । ଯାଦୁଆ ବିକୁଛି ଯାଦୁ ମଲମ ନ୍ୟାୟରେ ମଦ୍ୟପଙ୍କୁ ସାବାଡ଼ କରିବାକୁ ତ ପୋଲିସ ଲଗାଯାଉଛି, ସେମାନଙ୍କ ନିକଟରୁ ଜରିମାନା ଆଦାୟ ହେଉଛି । ଦୁଇପଟୁ ଲାଭବାନ୍ ନୀତିରେ ସରକାରୀ କଳ । ମଦ୍ୟପ କର୍ମଚାରୀଙ୍କ ଦ୍ୱାରା ରାଷ୍ଟ୍ର ମାନବ ସମ୍ବଳ ବିନିଷ୍ଟ ହେବା ହିଁ ସାର । ସର୍ବ ପ୍ରଥମେ ସରକାର ନିଶ୍ଚିତ କରନ୍ତୁ ଯେ ସରକାରଙ୍କ କୌଣସି କର୍ମଚାରୀ ମଦ୍ୟପାନ କରିବେ ନାହିଁ । ଚାକିରି ଆବେଦନର ସର୍ତ୍ତାବଳୀ ସେୟା ରହୁ । ଚାକିରିଆ ପିଅନଠୁ ମୁଖ୍ୟ ଉଚ୍ଚପଦସ୍ଥ ଅଧିକାରୀ ପର୍ଯ୍ୟନ୍ତ ଶପଥପାଠ ଜରିଆରେ ଜଣାନ୍ତୁ ଯେ, ସେମାନେ ମଦ ନିଶା ନିଅନ୍ତି ନାହିଁ । ଲୋକପ୍ରତିନିଧି ଜନସାଧାରଣଙ୍କୁ ଜଣାନ୍ତୁ ଯେ ସେମାନେ ମଦ୍ୟପାନ କରନ୍ତି ନାହିଁ । ତେବେ ଜନସାଧାରଣଙ୍କ ଭିତରେ ଥିବା ମଦ୍ୟପ ଲୋକେ ସଚେତନ ହୋଇ ମଦ ଛାଡ଼ିବା ପାଇଁ ଶପଥ ନେବେ ।

–ଅଜୟ କୁମାର ସାମନ୍ତରାୟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୫୦ ବର୍ଷ ତଳର ଧରିତ୍ରୀ

୭ ଜୁଲାଇ ୧୯୭୫

- ମୋଲମେଦର ପୂର୍ବ ଦିଗରେ ଗାଇଙ୍ଗ ନଦୀରେ ଗୋଟିଏ ମଟରଲଞ୍ଚ ବୁଡ଼ିଯିବା ଫଳରେ ୩୦ ଜଣରୁ ଅଧିକ ଲୋକଙ୍କ ମୃତ୍ୟୁ ।
- ୱାଇ.ପି. ରାଓ କେନ୍ଦ୍ର ଗମନାଗମନ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ମାନମନ୍ଦିରଗୁଡ଼ିକର ଡାଇରେକ୍ଟର ଜେନେରାଲ ନିଯୁକ୍ତ ।
- କେପ ଭର୍ଡେ ଆଇଲାଣ୍ଡ ପୃଥିବୀର ନୂତନତମ ସ୍ୱାଧୀନ ଦେଶରେ ପରିଗଣିତ ହେବା ସହ ସେନର ପେରେରା ପ୍ରଥମ ରାଷ୍ଟ୍ରପତି ଭାବେ ମନୋନୀତ ହୋଇଛନ୍ତି ।

## ଚିରନ୍ତନୀ

ସେ ଚାହାଣି ଲାଗି
ଧରାର ଯୌବନ ରହେ ଯୁଗେ ଯୁଗେ
କେତେ ନିଶି ଜାଗି
ସେ ଚାହାଣି ଲାଗି
ବ୍ରହ୍ମଚାରୀ ଯୋଗେଶ୍ୱର ଯୋଗନିଦ୍ରା
ଯାଏ କେତେ ଭାଙ୍ଗି
ସେ ଚାହାଣି ଯଉବନେ ଜଗାଏ ପ୍ରଳୟ
ମରୁପଥେ ବୁହାଏ ମଳୟ ।
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଚାଣକ୍ୟ ହସ୍ପିଟାଲ ସିଲ୍

କଟକ,୬।୭(ଶିଳ୍ପା ପ୍ରିୟଦର୍ଶିନୀ)

- ୨୦୧୫ରୁ ରେଜିଷ୍ଟ୍ରେଶନ ଅବଧି ଶେଷ
- ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନାହିଁ

କଟକ ରାଣୀହାଟ ଅଞ୍ଚଳରେ ଥିବା ଚାଣକ୍ୟ ହସ୍ପିଟାଲକୁ ଶନିବାର ସିଲ୍ କରାଯାଇଛି। ଜାତୀୟ ମାନବାଧିକାର କମିଶନ୍(ଏନ୍ଏଚ୍ଆର୍ସି)ଙ୍କ ନିର୍ଦ୍ଦେଶକ୍ରମେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ହସ୍ପିଟାଲରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଉକ୍ତ ହସ୍ପିଟାଲର ରେଜିଷ୍ଟ୍ରେଶନ ଅବଧି ୨୦୧୫ରୁ ଶେଷ ହୋଇଥିବାବେଳେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନ ଥିବା ଜଣାପଡିଥିଲା। ତେଣୁ ଉକ୍ତ ହସ୍ପିଟାଲକୁ ସିଲ୍ କରାଯାଇଛି। ଏନେଇ କଟକର ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ଚିନ୍ତାମଣି ମିଶ୍ର କହିଛନ୍ତି, ଉକ୍ତ ହସ୍ପିଟାଲର ରେଜିଷ୍ଟ୍ରେଶନ ଅବଧି ଶେଷ ହୋଇଛି। ଏଥିସହ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନାହିଁ। ସେହିପରି ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ କହିଛନ୍ତି, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନ ଥିବା ଓ ବିନା ରେଜିଷ୍ଟ୍ରେଶନରେ କଟକ ସହରରେ ଅନେକ ହସ୍ପିଟାଲରେ ରୋଗୀ ଚିକିତ୍ସା କରାଯାଉଛି। ଏହାକୁ ଚିହ୍ନଟ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ଏଭଳି ହସ୍ପିଟାଲ ସମ୍ପର୍କରେ ଯଦି କୌଣସି ଖବର ମିଳେ ତୁରନ୍ତ ସେଠାରେ ଚଢ଼ାଉ କରାଯିବ। ଅପରପକ୍ଷରେ ଚାଣକ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ ପ୍ରଦୀପ୍ତ କୁମାର ବରାଳ କହିଛନ୍ତି, ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପାଇଁ ଆବେଦନ କରିଛୁ। ହେଲେ ଏହା ମିଳିବାରେ ବିଳମ୍ବ ହୋଇଛି। ଶନିବାର ଅଗ୍ନି ନିରାପତ୍ତା ଟିମ୍ ହସ୍ପିଟାଲକୁ ଆସି ଯାଞ୍ଚ କରିବାକୁ ଥିବାବେଳେ ଏହା ପୂର୍ବରୁ ପ୍ରଶାସନର ଟିମ୍ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନର ଅଧିକାରୀ, ଜୋନ୍ ଏସିପି ଗିରିଶ ଚକ୍ରବର୍ତ୍ତୀଙ୍କ ସମେତ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।


ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଣକ୍ୟ ହସ୍ପିଟାଲରେ ଚଢ଼ାଉ କରାଯାଉଛି।

ସୂଚନାଯୋଗ୍ୟ, ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ବାବଲପୁରର କିଶୋର ଚନ୍ଦ୍ର ଦାଶ(୪୭) ସାମାନ୍ୟ ଦୁର୍ଘଟଣାର ଶିକାର ହୋଇ ଚାଣକ୍ୟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ଅବହେଳାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଅପରପକ୍ଷରେ ଏହି ହସ୍ପିଟାଲ ବିନା ରେଜିଷ୍ଟ୍ରେଶନରେ ଚାଲୁଥିବା ଜଣାପଡ଼ିଥିଲା। ହାଇକୋର୍ଟ ଆଇନଜୀବୀ ନିଶିକାନ୍ତ ମିଶ୍ର ଓ ଶ୍ରୀ ଅଖଣ୍ଡ ମିଳିତ ଭାବେ ଏନ୍ଏଚ୍ଆର୍ସିରେ ଏନେଇ ମାମଲା ଦାଏର କରିଥିଲେ। ଏହି ଅଭିଯୋଗକୁ ଏନ୍ଏଚ୍ଆର୍ସି ଗୁରୁତର ସହିତ ବିଚାର କରି ଉକ୍ତ ହସ୍ପିଟାଲ ସହ ବିନା ଲାଇସେନ୍ସରେ ଚାଲିଥିବା ଅନ୍ୟ ହସ୍ପିଟାଲ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଓଡ଼ିଆ ପୁଅ ବିମଳଙ୍କୁ 'ଶୌର୍ଯ୍ୟ ଚକ୍ର' ସମ୍ମାନ

ଭୁବନେଶ୍ୱର/ଆଳି, ୬।୭(ଶର୍ମିଷ୍ଠା ପାଣିଗ୍ରାହୀ/ ବନମାଳୀ ସେନାପତି)

ନୌସେନାରେ କାର୍ଯ୍ୟରତ ଓଡ଼ିଆ ପୁଅ ଲ୍ୟୁଟ୍ନାଣ୍ଟ ବିମଳ ରଞ୍ଜନ ବେହେରାଙ୍କୁ ସାହସିକତା ପାଇଁ 'ଶୌର୍ଯ୍ୟଚକ୍ର' ସମ୍ମାନ ମିଳିଛି। ରାଷ୍ଟ୍ରପତି ଭବନରେ ଶନିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ବିମଳଙ୍କ ଘର କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ। ସେ ୨୦୧୯ରେ ନୌସେନାରେ ଯୋଗଦେଇଥିଲେ ଓ ଏବେ ବିଶାଖାପାଟଣାରେ କାର୍ଯ୍ୟରତ ଅଛନ୍ତି। ୨୦୨୩ ମାର୍ଚ୍ଚରେ ଓଏନ୍ଜିସି ଇନ୍ଧନ ଉତ୍ପାଦନ ସଂରକ୍ଷଣ ଓ ଅଫ୍ଲୋଡିଂ ଜାହାଜରେ ଅପରେଶନାଲ ଏମର୍ଜେନ୍ସି ନେଇ ରିପୋର୍ଟ କରିଥିଲା। ଜାହାଜର ଇନ୍ଧନ ଉତ୍ତୋଳନ ବ୍ୟବସ୍ଥାରେ ମାଛଧରା ଜାଲ ଫସିଯିବାରୁ ହଠାତ୍ କାର୍ଯ୍ୟ ବନ୍ଦ କରିବାକୁ ପଡ଼ିଥିଲା। ଏଥିପାଇଁ ଭାରତୀୟ ନୌସେନାର ସହାୟତା ଲୋଡାଯାଇଥିଲା। ଏହି ବିପଦପୂର୍ଣ୍ଣ ଅପରେଶନରେ ଜଣେ ଲିଡ୍ ଡାଇଭିଂ ଭାବରେ ନିର୍ଭୀକ ହୋଇ ଆଗକୁ ବଢ଼ିଥିଲେ ଲ୍ୟୁଟ୍ନାଣ୍ଟ ବେହେରା। ଯେଉଁଠି ଜାହାଜ ଫସିଥିଲା, ସେଠାରେ କିଛି ଫୁଟ ଗଭୀରତା ପର୍ଯ୍ୟନ୍ତ ଡାଇଭିଂ କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ଥିଲା। ତଥାପି ସେ ଡାଇଭିଂ ଅପରେଶନକୁ ଆଗକୁ ବଢ଼ାଇବା ସହ ସଫଳତାର ସହିତ ଟାର୍ଗେଟ ହାସଲ ପାଇଁ ସାହସର ସହ କାର୍ଯ୍ୟ ଆରମ୍ଭ କରିଥିଲେ। ଆବଶ୍ୟକ ପ୍ରସ୍ତୁତି ସହ ବିମଳ ୨୦୨୩ ମାର୍ଚ୍ଚ ୧୨ ରାତି ପ୍ରାୟ ୧୦ଟାରେ ଗଭୀର ଜଳରାଶିରେ ପ୍ରବେଶ କରିଥିଲେ। ସାହସିକତାର ସହ ୧୮ ଫୁଟ ତଳକୁ ଓହ୍ଲାଇଥିଲେ। ପାଣି ମାଡ଼ରେ ବିନା ବିଶ୍ରାମରେ ଡାଇଭିଂ ଜାରି ରଖିଥିଲେ। ପ୍ରଚଣ୍ଡ ପ୍ରତିକୂଳ ପରିସ୍ଥିତିରେ ସେ ଜାହାଜର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ୧୦୦ ଫୁଟ ପାରକରି ଲକ୍ଷ୍ୟସ୍ଥଳ ଟରେଟ ଏରିଆକୁ ଯାଇ ସଫଳତାର ସହ କାର୍ଯ୍ୟ କରିଥିଲେ। ବ୍ୟକ୍ତିଗତ ସୁରକ୍ଷାକୁ ଭ୍ରୂକ୍ଷେପ ନ କରି ବିମଳ ଯେଉଁ ବୀରତ୍ୱ ଓ ସାହସିକତା ଦେଖାଇଥିଲେ, ସେଥିପାଇଁ ତାଙ୍କୁ ଏହି ସମ୍ମାନଜନକ 'ଶୌର୍ଯ୍ୟ ଚକ୍ର' ସମ୍ମାନ ପ୍ରଦାନ ଲାଗି ଚୟନ କରାଯାଇଥିଲା।


ଲ୍ୟୁଟ୍ନାଣ୍ଟ ବିମଳ ରଞ୍ଜନ ବେହେରାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ଶୌର୍ଯ୍ୟ ଚକ୍ର' ସମ୍ମାନ ପ୍ରଦାନ କରୁଛନ୍ତି।




# ସାପ କାମୁଡ଼ାରେ ୪ ମାସର ଶିଶୁ ମୃତ

## ମା' କୋଳରେ ଶୋଇଥିବା ବେଳେ ଚାଲିଗଲା ଜୀବନ

**ଆନନ୍ଦପୁର, ୬।୭(ସୁଶାନ୍ତ କୁମାର ସାହୁ):** କେନ୍ଦୁଝର ଜିଲା ଆନନ୍ଦପୁର ରତୁଆଁ ଗାଁରେ ଶନିବାର ଏକ ଦୁଃଖଦ ଦୁଘଟଣା ଘଟିଛି। ମା' କୋଳରେ ଶୋଇଥିବା ବେଳେ ସାପ କାମୁଡ଼ାରେ ୪ମାସର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଚନ୍ଦନ ମାଝିଙ୍କ ଝିଅ ପିହୁ।

ସୂଚନା ଅନୁଯାୟୀ, ଶିଶୁକନ୍ୟାଙ୍କୁ ଧରି ମା' ଘରେ ଶୋଇଥିଲେ। ଶୁକ୍ରବାର ରାତିଅଧରେ ଶିଶୁକନ୍ୟା ଉଠି କାନ୍ଦିବାରୁ ତାଙ୍କୁ ଶାନ୍ତ କରି ଶୁଆଇ ଦେଇଥିଲେ। କିଛି ସମୟ ପରେ ଗୁରୁତର ହେବାରୁ ତାଙ୍କୁ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ରାତିରେ କୌଣସି ଏକ ବିଷାକ୍ତ ସାପ କାମୁଡିଥିବାରୁ ଶିଶୁଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ପରିବାର ଲୋକଙ୍କୁ ଜଣାଇଛନ୍ତି। ଆନନ୍ଦପୁର ଥାନାରେ ଏକ ମାମଲା(ନଂ.୧୯/୨୪) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।









# ବଡ଼ଦାଣ୍ଡରେ ସେବକ ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୭(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ପୁରୀ ବଡ଼ଦାଣ୍ଡରେ ରଥଯାତ୍ରା ଅବ୍ୟବହିତ ପୂର୍ବରୁ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ସ୍ୱଚ୍ଛତା ଓ ପରିଚ୍ଛନ୍ନତାର ବାର୍ତ୍ତା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଝାଡୁ ଧରି ବଡ଼ଦାଣ୍ଡ ଉପରୁ ଅଳିଆ ସଫା କରିଥିଲେ। ମହାପ୍ରଭୁ ବଡ଼ଦାଣ୍ଡ ଉପରେ ରଥରେ ଯିବା ପୂର୍ବଦିନ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ସମସ୍ତଙ୍କୁ ସଚେତନ କରିବାରେ ଏକ ବଡ଼ ଉଦାହରଣ। ଏହି ଅବସରରେ ସମସ୍ତେ ପରିବେଶକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ସହିତ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏମ୍‌ପି, ବିଧାୟକ ଓ ହଜାର ହଜାର ଶ୍ରଦ୍ଧାଳୁଙ୍କ ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ଯୋଗ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂଦେଓ ପୁରୀ ବଡ଼ଦାଣ୍ଡରେ ଝାଡୁ ମାରୁଛନ୍ତି।

## ତୀର୍ଥଯାତ୍ରୀ ବସ୍‌କୁ ଧକ୍କାଦେଲା ଟ୍ରେଲର ଡ୍ରାଇଭର ମୃତ, ୧୧ ଆହତ

**ଭଦ୍ରକ, ୬।୭ (ସନାତନ ରାଉତ):** ୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଚିଙ୍ଗୁଡ଼ିପୁରଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ତୀର୍ଥଯାତ୍ରୀ ବସ୍‌କୁ ପଛପଟୁ ଧକ୍କା ଦେବାରୁ ଟ୍ରେଲର ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ଜଣ ତୀର୍ଥଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ପରିଚୟ ମିଳିପାରି ନାହିଁ।

ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ଅଙ୍ଗୁରୁ ଅଞ୍ଚଳରୁ ୨ଟି ବସ୍ ତୀର୍ଥଯାତ୍ରୀଙ୍କୁ ନେଇ ପୁରୀ ଆସିଥିଲା। ପୁରୀରେ ଜଗନ୍ନାଥ ଦର୍ଶନ ସାରି କାଶୀ ଅଭିମୁଖେ ଯାଉଥିବା ବେଳେ ଚିଙ୍ଗୁଡ଼ିପୁର ଛକଠାରେ 'ଶ୍ରୀବିଜୟ ଦୁର୍ଗା' ନାମକ ତୀର୍ଥଯାତ୍ରୀ ବସ୍‌କୁ ପଛପଟୁ ଟ୍ରେଲର ଧକ୍କା ଦେଇଥିଲା। ଟ୍ରେଲର ଡ୍ରାଇଭରଙ୍କ ସହ ଆହତ ୨ ପୁରୁଷ ଓ ୯ ମହିଳା ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଟ୍ରେଲର ଡ୍ରାଇଭରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତମାନେ ସୁସ୍ଥ ଥିବା ଜଣାପଡ଼ିଛି। ଉକ୍ତ ବସ୍‌ରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ଆହତ ତୀର୍ଥଯାତ୍ରୀମାନଙ୍କ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ପାଇଁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସେମାନେ ଆସିବା ପରେ ଯାତ୍ରୀମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ପଠାଯିବ।







## ଗତବର୍ଷ ତୁଳନାରେ ବଢ଼ୁଛି ଡେଙ୍ଗୁ ରୋଗୀ ସଂଖ୍ୟା

**ସଇଁତଳାରେ ରାଜ୍ୟସ୍ତରୀୟ ଟିମ୍‌ର ସ୍ଥିତି ଯାଞ୍ଚ**

**ଭୁବନେଶ୍ୱର, ୬।୭(ଅସମାପିକା ସାହୁ):** ବର୍ଷାଋତୁ ଆରମ୍ଭରୁ ବ୍ୟାପିଲାଣି ଡେଙ୍ଗୁ। ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ ଚିନ୍ତା ବଢ଼ିଛି। ବିଶେଷକରି ଗତବର୍ଷ ତୁଳନାରେ ରାଜ୍ୟରେ ଏ ବର୍ଷ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଅଧିକ ରହିଛି। ଗତବର୍ଷ ଏହି ସମୟ ସୁଦ୍ଧା ୨୨୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଚଳିତ ବର୍ଷ ୩୮୯ ଛୁଇଁଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୦୦ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିଭଳି ସୁନ୍ଦରଗଡ଼ରୁ ୩୮ ଓ ବଲାଙ୍ଗୀରରୁ ୩୩ ରୋଗୀ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

ଅପରପକ୍ଷେ ବଲାଙ୍ଗୀର ଜିଲା ସଇଁତଳା ସହରରେ ଡେଙ୍ଗୁ ଆତଙ୍କ ପରେ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ବଢ଼ିଯାଇଛି। ଏକକାଳୀନ ବହୁସଂଖ୍ୟକ ଡେଙ୍ଗୁ ରୋଗୀ ଚିହ୍ନଟ ପରେ ଘଟଣାସ୍ଥଳକୁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଯାଇ ସ୍ଥିତି ଅନୁଧ୍ୟାନ କରୁଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ସଇଁତଳାର ଗୋପବନ୍ଧୁ ପଡ଼ାରୁ କେତେଜଣ ଲୋକ ତେଲଙ୍ଗାନା କାମ କରିବାକୁ ଯାଇଥିଲେ। ସେମାନଙ୍କ ପରିବାର ଲୋକଙ୍କଠାରୁ ଡେଙ୍ଗୁ ବ୍ୟାପିଛି। କେବଳ ଗୋପବନ୍ଧୁ ପଡ଼ାରୁ ଏପର୍ଯ୍ୟନ୍ତ ୨୩ ପଜିଟିଭ ଚିହ୍ନଟ ହୋଇଛନ୍ତି। ଭୁବନେଶ୍ୱରରୁ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଇ ସ୍ଥିତି ଅନୁଧ୍ୟାନ କରୁଛି। କିଭଳି ରୋଗ ନ ବ୍ୟାପିବ ସେଥିପାଇଁ ଚେଷ୍ଟା କରାଯାଉଛି। ଟେଷ୍ଟିଂ ବଢ଼ାଯାଇଛି ଏବଂ ରାଜ୍ୟର ସବୁ ହସ୍ପିଟାଲରେ ଡେଙ୍ଗୁ ୱାର୍ଡ ଖୋଲିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।



























# ସୁବର୍ଣ୍ଣପୁରରେ ନିଆରା ରଥଯାତ୍ରା

**ମାଉସୀମା' ମନ୍ଦିର, ଯେଉଁଠି ଏକାସଙ୍ଗେ ପୂଜା ପାଆନ୍ତି ୩ଠାକୁର ଓ ନୃସିଂହ**





ଆଜି ପବିତ୍ର ରଥଯାତ୍ରା। ପହଣ୍ଡି ପରେ ରଥାରୂଢ଼ ହୋଇ ତିନିଠାକୁର ମାଉସୀ ମା' ମନ୍ଦିରକୁ ଯିବେ। ଏଥିପାଇଁ ସୁବର୍ଣ୍ଣପୁର ମାଉସୀମା' ମନ୍ଦିରରେ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଏଠାକାର ରଥଯାତ୍ରା ଓ ମାଉସୀମା' ମନ୍ଦିରରେ ଏକ ସ୍ୱତନ୍ତ୍ରତା ରହିଛି। ଏଠାରେ ରତ୍ନବେଦିରେ ତିନିଠାକୁରଙ୍କ ସହ ପ୍ରଭୁ ନୃସିଂହ ପୂଜା ପାଇଥାନ୍ତି। ସୁବର୍ଣ୍ଣପୁର ଗଡଭିତର ଜଗନ୍ନାଥ ମନ୍ଦିର ଠାରୁ ଅଧିକ ଉଚ୍ଚ ଓ କାରୁକାର୍ଯ୍ୟପୂର୍ଣ୍ଣ ଗୁଣ୍ଡିଚା ମନ୍ଦିର। ଏହି ମନ୍ଦିରର ଉଚ୍ଚତା ପ୍ରାୟ ୮୦ ଫୁଟ୍। ବଡବଜାର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏହି ମନ୍ଦିରର ମୁଖ୍ୟ ଆରାଧ ଦେବତା ହେଉଛନ୍ତି ଲକ୍ଷ୍ମୀନୃସିଂହ। ଅଷ୍ଟଧାତୁରେ ନିର୍ମିତ ନୃସିଂହଙ୍କ ମୂର୍ତ୍ତିର ଗଠନଶୈଳୀ ଆକୃତି ବିରଳ। ମନ୍ଦିରରେ ଭଗବାନ ନୃସିଂହ ମୁଖ୍ୟ ଆରଧ ଭାବେ ପୂଜା ପାଉଛନ୍ତି। ମନ୍ଦିରରେ ନୃସିଂହଙ୍କ ପ୍ରତିଷ୍ଠା ସହ ପ୍ରତ୍ୟହ ପୂଜା ପଦ୍ଧତି ପରମ୍ପରା ମହାରାଜା ନୀଳାଦ୍ରି ସିଂହଦେଓଙ୍କ ସମୟରୁ ପ୍ରଚଳିତ ହୋଇଆସୁଛି। ଭଗବାନ ନୃସିଂହଙ୍କ ବ୍ୟତୀତ ମନ୍ଦିରରେ ଅନ୍ୟାନ୍ୟ ଦେବଦେବୀ ପ୍ରତିମା ଓ ଶାଳଗ୍ରାମ ପୂଜା ପାଉଛନ୍ତି। ବିମାନ, ମୁଖଶାଳା ଓ ଜଗମୋହନ ମଣ୍ଡପ ଏହି ମନ୍ଦିରର ଶୋଭା ବଢାଉଛି। ଏହାଛଡା ମନ୍ଦିର ପାର୍ଶ୍ୱରେ ଦୋଳମଣ୍ଡପ ଓ ରୋଷଶାଳା ନିର୍ମିତ ହୋଇଛି। ମନ୍ଦିରର ସବୁଠୁ ଆକର୍ଷଣୀୟ ଅଂଶ ହେଉଛି ଚାରିଦ୍ୱାର ବିଶିଷ୍ଟ ବିରାଟକାୟ ଜଗମୋହନ ମଣ୍ଡପ। ମନ୍ଦିର ବେଢାର ପୂର୍ବଦିଗରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା, ପଶ୍ଚିମରେ କାଳୀ, ଉତ୍ତରରେ ଶିବ ଓ ଦକ୍ଷିଣରେ ହନୁମାନଙ୍କ ବିରାଟକାୟ ଚିତ୍ରମୂର୍ତ୍ତି ନିର୍ମିତ ହୋଇଛି। ଜଗନ୍ନାଥ ପୂଜା ପଦ୍ଧତିରେ ନୃସିଂହ ଭଗବାନ ହେଉଛନ୍ତି ମୂଳ ବିଗ୍ରହ। ଜଗନ୍ନାଥଙ୍କର ଯାତ୍ରା ଏବଂ ରୀତିନୀତିର ନିୟାମକ ହେଉଛନ୍ତି ନୃସିଂହ। ରଥଯାତ୍ରା ଓ ବାହୁଡାଯାତ୍ରା ସବୁଠି ପାଳନ ହେଉଥିବା ବେଳେ ନୃସିଂହ ଉପାସନା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମାଉସୀମା' ମନ୍ଦିରରେ ନୃସିଂହଙ୍କ ଅବସ୍ଥାନ ଏବଂ ଉପାସନା ଜଗନ୍ନାଥ ସଂସ୍କୃତିକୁ ଅଧିକ ସମୃଦ୍ଧ କରିଛି। ପ୍ରଭୁ ନୃସିଂହଙ୍କ ପର୍ବପର୍ବାଣୀ ମଧ୍ୟରେ ନୃସିଂହ ଚତୁର୍ଦ୍ଦଶୀ ଯାତ୍ରା, ଚନ୍ଦନ ଯାତ୍ରା, ରଥଯାତ୍ରା, ରାସଯାତ୍ରା ଓ ଦୋଳଯାତ୍ରା ପ୍ରଧାନ ହୋଇଥିଲେ ମଧ୍ୟ ରଥଯାତ୍ରା ଏହି ମନ୍ଦିରର ସର୍ବଶ୍ରେଷ୍ଠ ପର୍ବ। ଜଗନ୍ନାଥ ଏବଂ ନୃସିଂହ ଅଭିନ୍ନ ହୋଇଥିଲେ ହେଁ ରଥଯାତ୍ରା ସମୟରେ ଉଭୟ ଏକସଙ୍ଗରେ ଗୋଟିଏ ଗର୍ଭଗୃହରେ ପୂଜା ପାଇବା ଏହି ପୂର୍ବ ଗଡଜାତ ମାଟିର ହିଁ ସ୍ୱତନ୍ତ୍ରତା ବୋଲି କୁହାଯାଏ।

**– ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର**

# ମହାପ୍ରଭୁଙ୍କ ଲୀଳାକ୍ଷେତ୍ର କାଙ୍କଣଶିଖରୀ





ଚିଲିକାର ଉତ୍ତର କୂଳ ନଇରୀ ଗ୍ରାମରେ ହରିହରେଶ୍ୱର ମନ୍ଦିର ରହିଛି। ମାଦଳା ପାଞ୍ଜିରେ ହରିହରେଶ୍ୱର ହରିଶ୍ୱରମଣ୍ଡପ ଭାବେ ପରିଚିତ। ୧୭୩୧ ମସିହା ତକି ଖାଁ ଆକ୍ରମଣ ସମୟରେ ମହାପ୍ରଭୁ ଏଠାରେ ୭ ମାସ ୨୭ଦିନ ଲୀଳା କରିଥିଲେ। ୧୭୩୨ ମସିହାରେ ମହାପ୍ରଭୁଙ୍କ ଏଠାରେ ରଥଯାତ୍ରା ହୋଇଥିଲା। ରଥଯାତ୍ରା ଆୟୋଜନର ମୁଖ୍ୟ ପୁରୋଧା ଥିଲେ ଗଜପତି ରାମଚନ୍ଦ୍ର ଦେବଙ୍କ ପୁତ୍ର କୃଷ୍ଣ ରାୟ। ଯୁବରାଜଙ୍କ ପରାମର୍ଶକ୍ରମେ ଗ୍ରାମବାସୀ ଗ୍ରାମର ପୂର୍ବ ଦିଗରେ ନିଘଞ୍ଚ ଜଙ୍ଗଲରେ ଗୋଟିଏ ବିରାଟ ବରଗଛ ନିକଟରେ ତୋଳିଥିଲେ ଅସ୍ଥାୟୀ ଗୁଣ୍ଡିଚା ଘର। ଅନତି ଦୂରରେ ମହାପ୍ରଭୁଙ୍କ ଉପାସନା ପାଇଁ ଟାଙ୍ଗରା ଭୂଇଁରେ କୂଅ ଖୋଳାଇଥିଲେ। ୩ଟି ଶଗଡ଼ରେ ମହାପ୍ରଭୁଙ୍କୁ ହରିଶ୍ୱରମଣ୍ଡପରୁ ବିଜେ କରିଥିଲେ ଗୁଣ୍ଡିଚା ଘରକୁ। ଲୀଳା ସାରି ମହାପ୍ରଭୁ ସ୍ୱମନ୍ଦିରକୁ ଫେରିଯାଇଥିଲେ। ତେବେ ୨୯୧ ବର୍ଷ ପରେ ବି ବଡଦାଣ୍ଡ ଭାବେ ପ୍ରସିଦ୍ଧି ରହିଛି। ସେହିଦିନରୁ ବରଗଛଟି ଗୁଣ୍ଡିଚାବାଡି ଏବଂ କୂଅକୁ ଗୁଣ୍ଡିଚା କୂଅ ଭାବେ ପ୍ରସିଦ୍ଧ। ମହାବାତ୍ୟାରେ ବରଗଛ ଏବଂ ନଡା ଛପର ଗୁଣ୍ଡିଚା ଘର ମାଟିରେ ମିଶିଯାଇଛି। ମାତ୍ର ଇତିହାସର ମୂକସାକ୍ଷୀ ଭାବେ ଗୁଣ୍ଡିଚା କୂଅ ରହିଯାଇଛି। ସେହି ବର୍ଷ ପରଠାରୁ ଆଉ ରଥଯାତ୍ରା ସେଠାରେ ହୋଇ ନାହିଁ। ଗୁଣ୍ଡିଚାଘରକୁ ନେଇ ମଧ୍ୟ ଅନେକ କଥା ରହିଛି। ଦକ୍ଷିଣରେ ଗଙ୍ଗାଝର। ଏହାର ଦକ୍ଷିଣକୁ ଯମୁନା ନିର୍ଝର। ଏହାର ଅନତି ଦୂରରେ ଗଢ଼ିଉଠିଛି କୋଟେଇଶୁଣି ମନ୍ଦିର। ୧୭୩୨ ମସିହାରେ ତକିଖାଁର ବାଣପୁର ଆକ୍ରମଣ ସମୟରେ ମହାପ୍ରଭୁ ୪ମାସ ପାଇଁ ହରିଶ୍ୱର ମଣ୍ଡପରୁ ଯାଇ କାଙ୍କଣଶିଖରୀରେ ଲୀଳା କରିଥିଲେ। ଚିଲିକାର ଚାରିପଟ ନୀଳଜଳରାଶି ମଧ୍ୟରେ କାଙ୍କଣଶିଖରୀ କୁଦ। ସେତିକିବେଳେ ସେବାୟତମାନେ ଯମୁନା ନିର୍ଝର ମଧୁର ଜଳ ନେଇ ଘନ ବନସ୍ତ କାଙ୍କଣଶିଖରୀରେ ମହାପ୍ରଭୁଙ୍କୁ ପୂଜା କରୁଥିଲେ। ଏବେ ସେଠାରେ ଚତୁର୍ଦ୍ଧାବିଗ୍ରହ ପୂଜା ପାଉଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ନବକଳେବର ସମୟର ନନ୍ଦିଘୋଷ ଚକ ଦିଆଯାଇଛି। ନୀଳ ଜଳରାଶିରେ ମହାପ୍ରଭୁଙ୍କ ନନ୍ଦିଘୋଷ ଓ ତାଳଧ୍ୱଜ ନାମିତ ଡଙ୍ଗାରେ ମହାପ୍ରଭୁଙ୍କ ଘୋଷଯାତ୍ରା ଆୟୋଜିତ ହେଉଛି। ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ଏଠାରେ ସମସ୍ତ ପର୍ବପର୍ବାଣି କରାଯାଉଛି।

**– ପ୍ରଭାତ ପାଣିଗ୍ରାହୀ, ଖୋର୍ଦ୍ଧା**

# ଅସୀମ କରୁଣାର ଉତ୍ସ



ଅନନ୍ତ ମହାନ୍ ଗୁଣ ମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଗୁଣ ହେଲା ଅଳ୍ପ ଉପାସନାରେ ଅଶେଷ କୃପା ପ୍ରଦାନ କରିବା। ମହାପ୍ରଭୁ ଶ୍ରୀଜଗନ୍ନାଥ ଅସୀମ କରୁଣାର ଉତ୍ସ। ପ୍ରଭୁଙ୍କ ଚରଣରେ ସାମାନ୍ୟ ଟିକିଏ ଭକ୍ତି ଜାତ ହେଲେ ତାଙ୍କ ଶ୍ରୀଅଙ୍ଗରୁ କରୁଣାର ମହାନଦୀ ନିର୍ଗତ ହୋଇଯାଏ। ଏହି ଲକ୍ଷଣ ପୂର୍ଣ୍ଣ ଭାବବତ୍ତାର ଲକ୍ଷଣ। ପୂର୍ଣ୍ଣ ପୁରୁଷୋତ୍ତମଙ୍କ ବ୍ୟତୀତ ଅସୀମ କରୁଣା ପ୍ରଭୁଙ୍କର ଅନ୍ୟ ରୂପରେ ଦୁର୍ଲଭ। କିନ୍ତୁ ପୂର୍ଣ୍ଣ ପୁରୁଷୋତ୍ତମ ସ୍ୱୟଂ ଭଗବାନ ଶ୍ରୀଜଗନ୍ନାଥ ଅତ୍ୟନ୍ତ ଭକ୍ତିପ୍ରିୟ। ହୃଦୟର ଭକ୍ତି ବିନା ଅନ୍ୟ କୌଣସିଥିରେ ସେ ପରିତୃପ୍ତ ହୁଅନ୍ତି ନାହିଁ। ନିଷ୍କପଟ ଚିତ୍ତରେ ପ୍ରାଣଖୋଲି ଭାବ ବିହ୍ୱଳିତ ହେଉଥିବା ଭକ୍ତର ସେ ଅଧୀନ ହୋଇଥାଆନ୍ତି। ଜ୍ଞାନ, ଯୋଗ, ତପସ୍ୟା ପ୍ରଭୃତି କଠୋର ସାଧନାର ଆବଶ୍ୟକତା ନାହିଁ ଶ୍ରୀଜଗନ୍ନାଥଙ୍କୁ ଅନୁଭବ କରିବା ନିମନ୍ତେ। କେବଳ ଭକ୍ତି ଦ୍ୱାରା ପ୍ରଭୁ ନିଜକୁ ଭକ୍ତ ପାଖରେ ସମର୍ପି ଦିଅନ୍ତି, ଭକ୍ତର ଭୃତ୍ୟ ହୋଇଯାଆନ୍ତି। ଏଣୁ ଶ୍ରୀଜଗନ୍ନାଥଙ୍କୁ ଭକ୍ତାଧୀନ, ଭକ୍ତବତ୍ସଳ ପ୍ରଭୃତି ଆଖ୍ୟା ତତ୍ତ୍ୱଦର୍ଶୀ ମହାତ୍ମାଗଣ ପ୍ରଦାନ କରିଛନ୍ତି। ଏପରି ମହିମାମୟ ପ୍ରଭୁଙ୍କୁ ଛାଡ଼ି ଆଉ କେଉଁ ଦେବତାଙ୍କୁ ବା ଆଶ୍ରୟ କରିବା!














## ଆଡପ ଅବଢ଼ା

ଶ୍ରୀଗୁଣ୍ଡିଚା ମନ୍ଦିରରୁ ବାହାରୁଥିବା ଅବଡାକୁ ଆଡପ ଅବଢ଼ା କୁହାଯାଏ। ଶ୍ରୀମନ୍ଦିର ଉପାସନାରେ ଆଡପ ଅବଢ଼ା ମହାପ୍ରସାଦ ଭାବରେ ଗୃହୀତ। ଦାରୁବ୍ରହ୍ମଙ୍କ ପାଖରେ ସମାନ ପୂଜାବିଧିରେ ଭୋଗ ହେଉଥିବାରୁ ଏହାକୁ ଅନ୍ନବ୍ରହ୍ମ ମଧ କୁହାଯାଏ। ମହାପ୍ରଭୁ ଆଡପ ଅବସ୍ଥାନ କାଳରେ ବ୍ରାହ୍ମଣ, ବୈଷ୍ଣବ, ସାଧୁସନ୍ଥ, ଦୁଃଖୀରଙ୍କ୍କୁ ଆଡପ ଅବଢ଼ା ଭୋଜନ ଦେବା ଲାଗି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଶ୍ରୀମନ୍ଦିରରେ ବାର ବର୍ଷ ପ୍ରସାଦ ସେବନରେ ଯେଉଁ ପୁଣ୍ୟ ମିଳେ ଶ୍ରୀଗୁଣ୍ଡିଚା ମନ୍ଦିରରେ ବ୍ରାହ୍ମଣଙ୍କୁ ଭୋଜନ ଦେଇ ଗୋଟିଏ ଦିନ ପ୍ରସାଦ ସେବନ କଲେ ସମପରିମାଣର ପୁଣ୍ୟ ମିଳେ ବୋଲି କୁହାଯାଏ। ଶ୍ରୀଗୁଣ୍ଡିଚା ପର ଦିନ ଅର୍ଥାତ୍, ଆଷାଢ଼ ଶୁକ୍ଳ ତୃତୀୟାଠାରୁ ବାହୁଡା ଦଶମୀ ପର୍ଯ୍ୟନ୍ତ ଆଡପ ମଣ୍ଡପରେ ଅନ୍ନଭୋଗ ହେବାର ବିଧି ରହିଛି।



## ଯମୁନା କୂଅ

ଶ୍ରୀଗୁଣ୍ଡିଚା ରୋଷ ଘର ବାହାର ଅଗଣାରେ ଥିବା କୂଅକୁ 'ଯମୁନା କୂଅ' କୁହାଯାଏ। ରୋଷ ଅଗଣାରେ ଥିବା କୂଅକୁ 'ଗଙ୍ଗା କୂଅ' କୁହାଯାଏ। ଏହି ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ଛଅଟି ରୋଷ ଘର ରହିଛି। ଏହି ଛଅଟି ରୋଷ ଘର ମଧ୍ୟରୁ କୋଠଭୋଗ ରୋଷ ଘର ଅନ୍ୟତମ। କୋଠଭୋଗ ରୋଷରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିମିତ୍ତ ସମସ୍ତ ଅମୁଣିଆ ପ୍ରସ୍ତୁତ ହୋଇଥାଏ। ଉକ୍ତ କୋଠରୀରେ ୪ଟି ଅନ୍ନ ଚୁଲି ଏବଂ ୩ଟି ପିଠା ଚୁଲି ରହିଛି। ଅନ୍ୟ ପାଞ୍ଚଟି ରୋଷ ଘରେ ବରାଦୀ ଭୋଗ ଏବଂ ମଠ ଭୋଗ ପ୍ରସ୍ତୁତ ହୋଇଥାଏ।







# ୨୯୪ବର୍ଷରେ ଗରଦପୁର ରଥଯାତ୍ରା



କେନ୍ଦ୍ରାପଡ଼ା ଜିଲାର ଗରଦପୁର ଏକ ଐତିହ୍ୟ ସମ୍ପନ୍ନ ଗ୍ରାମ। ବିଲୁପ୍ତ କାଣୀ ନଦୀ ଓ ପବିତ୍ର ଗୁପ୍ତ ଗଙ୍ଗା ବା ଚିତ୍ରୋତ୍ପଳା ନଦୀର ଉପକଣ୍ଠରେ ଗଢି ଉଠିଥିଲା ଏହିଗାଁ। ଉକ୍ତ ଗ୍ରାମ ସହିତ ଜଡିତ ହୋଇ ରହିଛି ଉତ୍କଳୀୟ ଜଗନ୍ନାଥ ସଂସ୍କୃତି ଓ ରାଜାରାଜୁଡାଙ୍କ ଶାସନର କୀର୍ତ୍ତିରାଜି। ଲୋକକଥା ଓ କିମ୍ବଦନ୍ତୀ କହେ ଗରଦା ନାମକ ଏକ ରାକ୍ଷସୀକୁ ରାଜା ସୁଜାତ ଦେବ ମାରିଥିବାରୁ ଏହି ଗ୍ରାମର ନାମ ଗାରଡ଼ପୁର ଥିଲା। ପରବର୍ତ୍ତୀ ସମୟରେ ଗରଦପୁର ହୋଇଛି। ଲୋକକଥା ଅନୁଯାୟୀ, ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ରଦେବଙ୍କ ରାଜତ୍ୱ ସମୟରେ ଗାରଡ଼ପୁରଠାରେ ୧୪୬୦ ମସିହାରୁ ଚତୁର୍ଦ୍ଧାମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ମନ୍ଦିରର ବିକାଶ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶାରେ ମୋଗଲ ଶାସନ ଚାଲିଥିଲା। ପୁରୀରେ ଭୋଇ ରାଜବଂଶର ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବ ରାଜୁତି କରୁଥିଲେ। ସେ ପୁରୀର ବୀରରାମଚନ୍ଦ୍ରପୁର ଶାସନରୁ ଦିଗାମ୍ବର ଦେବଙ୍କୁ ୧୭୩୦ ମସିହାରେ ଗରଦପୁରର ଶାସନକର୍ତ୍ତା ଭାବେ ଅଭିଷିକ୍ତ କରାଇଥିଲେ। ସେହିଦିନଠାରୁ ଗରଦପୁରର ବଳଦେବଜୀଉ ମନ୍ଦିରର ପୁନରୁଦ୍ଧାର ହୋଇଛି। ଚଳିତବର୍ଷ ଗରଦପୁରର ପାରମ୍ପରିକ ରଥଯାତ୍ରା ୨୯୪ ବର୍ଷରେ ପହଞ୍ଚିଛି।

ଗରଦପୁରରେ ଚତୁର୍ଦ୍ଧାମୂର୍ତ୍ତି ପୁରୀ ଶ୍ରୀମନ୍ଦିର ରୀତିନୀତି ଅନୁସାରେ ପୂଜା ପାଇ ଆସୁଛନ୍ତି। ରାଜା ଦିଗାମ୍ବର ଦେବ ପୁରୀର ବୀରଭଦ୍ରପୁର ଓ ବାଣପୁର ବ୍ରାହ୍ମଣମାନଙ୍କୁ ଆଣି ପୂଜକ ଭାବେ ନିଯୁକ୍ତି କରିଥିଲେ। ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରିବା ସହ ମନ୍ଦିରର ସେବା ପାଇଁ ଛତିଶ ପାଟକ ଖଞ୍ଜିଥିଲେ। ଶ୍ରୀବଳଦେବଜୀଉ ମନ୍ଦିରର ମାଲିକାନାସ୍ୱତ୍ୱ ବାରିମୂଳ ରାଣୀ ଶ୍ୟାମାଦେବୀଙ୍କ ମାଲିକାନାରେ ରହିଥିଲା ଓ ପରେ କେନ୍ଦ୍ରାପଡ଼ାର ରାଧେଶ୍ୟାମ ନରେନ୍ଦ୍ରଙ୍କ ହାତକୁ ଯାଇଥିଲା ଓ ସେ ଏହି ମନ୍ଦିରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରୁଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବଜ୍ରବାଣର ଦାମୋଦର ଦାସ ଏହାର ଦାୟିତ୍ୱ ନେଇଥିଲେ। ୧୮୯୬ ମସିହାରେ ଗରଦପୁରର ସତ୍ୟବାଦୀ ପାଣି ଓ ନୀଳାଦ୍ରି ପଣ୍ଡା ଠାକୁରଙ୍କ ସ୍ୱତ୍ୱକୁ ଲକ୍ଷ୍ମୀନାରାୟଣ ଜଗଦେବଠାରୁ ମାଲିକାନାସ୍ୱତ୍ୱ ହାସଲ କରିଥିଲେ। ଦାମୋଦର ଦାସଙ୍କ ସମୟରୁ ଗରଦପୁରରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି।

ଗରଦପୁରର ବହୁ ବୟୋଜ୍ୟେଷ୍ଠ ବ୍ୟକ୍ତି କୁହନ୍ତି, ଗରଦପୁରର ରାଜା ଦିଗାମ୍ବର ଦେବ ବ୍ରାହ୍ମଣ ଥିଲେ ଓ ରାଜା ପୁରୀରୁ ଗରଦପୁରକୁ ଆସିବା ସମୟରେ ତାଙ୍କ ଆରାଧ୍ୟ ମଦନ ମୋହନଙ୍କୁ ସାଙ୍ଗରେ ଆଣି ଗରଦପୁରରେ ନିଜ ଉଆସ ନିକଟରେ ଅବସ୍ଥାପିତ କରିଥିଲେ। ବଳଦେବଜୀଉ ମନ୍ଦିର ପୂଜକ ନରେନ୍ଦ୍ର ପଣ୍ଡା, ରମାକାନ୍ତ ପାଣି, ରଞ୍ଜନ ପଣ୍ଡା, ଉମାକାନ୍ତ ପାଣି, ଶିବପ୍ରସାଦ ପଣ୍ଡା, ରାମନାଥ ଶୁକ୍ଳ ପ୍ରମୁଖ କୁହନ୍ତି, ପୁରୀରେ ଗଜପତି ଠାକୁର ରାଜା ଭାବେ ଛେରାପହଁରା କରୁଥିବା ବେଳେ ଗରଦପୁରଠାରେ ପରମ୍ପରା ଅନୁସାରେ ଶୁଭମ ପାଣି ଓ ପ୍ରସନ୍ନ ପଣ୍ଡା କରୁଛନ୍ତି।

– ରବୀନ୍ଦ୍ର ନାଥ ବାରିକ, ପାଟକୁରା




# ବାନ୍ଧକଳାରେ ତିନି ଠାକୁର



ବାନ୍ଧକଳା ସହ ଘନଶ୍ୟାମ

ବୀରମହାରାଜପୁର ବ୍ଲକ ଟିକିରାପଡାର ଜାତୀୟ ପୁରସ୍କାରପ୍ରାପ୍ତ ଯୁବ ବାନ୍ଧଶିଳ୍ପୀ ଘନଶ୍ୟାମ ମେହେର ବାନ୍ଧରେ ତିଆରି କରିଛନ୍ତି ଶ୍ରୀଜୀଉ। ଅତି ସୂକ୍ଷ୍ମ ସୂତା ବ୍ୟବହାର କରି ସେ ବୁଣିଛନ୍ତି ୱାଲ୍ ହ୍ୟାଙ୍ଗିଂ, ଯେଉଁଥିରେ ମହାପ୍ରଭୁ ବଳଭଦ୍ର, ଜଗତରନାଥ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ଚିତ୍ରକୁ ଏହି ବାନ୍ଧକଳାରେ ଜୀବନ୍ତ କରି ପାରିଛନ୍ତି। ୪୮ ଇଞ୍ଚ ପ୍ରସ୍ଥ ଓ ୩୫ ଇଞ୍ଚ ଦୈର୍ଘ୍ୟର ଏହି ୱାଲ ହ୍ୟାଙ୍ଗିଂରେ ସେ ସୁନେଲି, ମେରୁନ, ଲାଲ, ସବୁଜ, ମେହେନ୍ଦି, ନୀଳ, ଧଳା, କଳା ଓ ଧୂସର ଭଳି ୯ଟି ପ୍ରାକୃତିକ ରଙ୍ଗ ବ୍ୟବହାର କରିଛନ୍ତି। ଏହି କାମ ସମ୍ପୂର୍ଣ୍ଣ ପାଇଁ ତାଙ୍କୁ ଏକାକୀ ୪ମାସ ସମୟ ଲାଗିଛି। ଏ ପର୍ଯ୍ୟନ୍ତ ସେ ପ୍ରାୟ ୬୦୦ ପ୍ରକାର ୱାଲ ହ୍ୟାଙ୍ଗିଂ ନିର୍ମାଣ କରିଛନ୍ତି। ଗଣେଶ, ଜଗନ୍ନାଥଙ୍କ ସୁନାବେଶ, ରାଜରାଜେଶ୍ୱରୀ ବେଶରେ ସମଲେଇ, ବୁଦ୍ଧଦେବ, ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି, ନନ୍ଦିଘୋଷ ରଥ, କୋଣାର୍କ, ଇଣ୍ଡିଆ ଗେଟ ଓ ବନ୍ୟପ୍ରାଣୀଙ୍କ ଚିତ୍ରକୁ ଏହି ବାନ୍ଧକଳାରେ ସେ ଜୀବନ୍ତ କରିପାରିଛନ୍ତି। ପିଲାଟି ବେଳୁ ସେ ବାନ୍ଧକଳା ପ୍ରତି ଆକୃଷ୍ଟ ହୋଇଥିଲେ। କୌଳିକ ବୃତ୍ତିକୁ ଆପଣାଇବା ପରେ ବାପା ରବି ବେହେରଙ୍କୁ ବାନ୍ଧକଳାରେ ସହାୟତା କରୁଥିଲେ। ବାପାଙ୍କ ପରଲୋକ ପରେ ଘନଶ୍ୟାମ ସେହି କଳାକୁ ଆହୁରି ଆଗକୁ ନେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏବେ ସେ ଲୁଗାବୁଣା, ବାନ୍ଧକାମ, କଲରିଂ, ଗ୍ରାଫ୍ ଡିଜାଇନିଂରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ସମୟ ସହ ତାଳ ଦେଇ ନୂତନ ଡିଜାଇନ କରି ସେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି।

– ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର









# ଲାଞ୍ଚ: ବୋଲଗଡ଼ କନିଷ୍ଠ ଯନ୍ତ୍ରୀଙ୍କ ସମେତ ୨ ଗିରଫ




ଭୁବନେଶ୍ୱର,୬।୭ (ସୂର୍ଯ୍ୟକାନ୍ତ ବେହେରା)/ ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ)

## ବିଭିନ୍ନ ସ୍ଥାନରେ ଚଢ଼ାଉ, ୨,୩୮,୨୦୦ ଟଙ୍କା ଜବତ

ଭିଜିଲାନ୍ସ ଜାଲରେ ଫସିଛନ୍ତି ଖୋର୍ଦ୍ଧା ଜିଲାର ଆଉ ଜଣେ ସରକାରୀ ବାବୁ। ଶୁକ୍ରବାର ବେଗୁନିଆ ତହସିଲ ଅନ୍ତର୍ଗତ ସିକୋ ରାଜସ୍ୱ ନିରୀକ୍ଷକ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବାବେଳେ ଶନିବାର ବୋଲଗଡ଼ ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ (ଜେଇ) ତଥା ଗ୍ରାମ ପଞ୍ଚାୟତ ଟେକ୍ନିକାଲ ଆସିଷ୍ଟାଣ୍ଟ ନୃସିଂହ ନାଥ ପ୍ରଧାନ ଲାଞ୍ଚ ନେଇ ଗିରଫ ହୋଇଛନ୍ତି। ଏଥିସହ ଲାଞ୍ଚଟଙ୍କା ଗ୍ରହଣ କରିଥିବା ତାଙ୍କ ବ୍ୟକ୍ତିଗତ ସହାୟକ ମନୋରଞ୍ଜନ ମହାପାତ୍ରଙ୍କୁ ମଧ୍ୟ ଗିରଫ କରାଯାଇଛି।

ଏମ୍‌ପି ପାଣ୍ଠି ବିନିଯୋଗରେ ବୋଲଗଡ ବ୍ଲକ ଖଙ୍ଗୁରିଆ ଗ୍ରାମପଞ୍ଚାୟତର ଏକ ଗ୍ରାମରେ ସାଂସ୍କୃତିକ କୋଠାଘର ନିର୍ମାଣ ହୋଇଥିଲା। ବିଲ୍ ପାସ୍ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ପ୍ରଧାନ ଲାଞ୍ଚ ଦାବି କରିଥିଲେ। ଏନେଇ ଭୁବନେଶ୍ୱର ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଯୋଜନା ମୁତାବକ, ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ବାବଦକୁ ୧୯ହଜାର ୨ଶହ ଟଙ୍କା କନିଷ୍ଠ ଯନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ମନୋରଞ୍ଜନ ମହାପାତ୍ର ଗ୍ରହଣ କରିଥିଲେ। ଏହିସମୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ମନୋରଞ୍ଜନଙ୍କଠାରୁ ଉକ୍ତ ଟଙ୍କା ଜବତ କରିଥିଲା। କନିଷ୍ଠ ଯନ୍ତ୍ରୀ ପ୍ରଧାନଙ୍କ ଇଙ୍ଗିତରେ ଟଙ୍କା ଗ୍ରହଣ କରିଥିବା ମନୋରଞ୍ଜନ କହିବା ପରେ ଭିଜିଲାନ୍ସ ଟିମ୍ ଉଭୟଙ୍କ ନାମରେ ଦଫା ୭ ପିସି ଆକ୍ଟରେ ଏକ ମାମଲା ନଂ.୧୪/୨୦୨୪ ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଲାଞ୍ଚ ଟଙ୍କା ଜବତ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ଟିମ୍ କନିଷ୍ଠ ଯନ୍ତ୍ରୀ ପ୍ରଧାନଙ୍କ ଅଫିସ, ଅନୁଗୋଳସ୍ଥିତ ପୈତୃକ ଘର, ସମ୍ପର୍କୀୟଙ୍କ ଘର ଏବଂ ବୋଲଗଡରେ ଥିବା ସରକାରୀ କ୍ୱାର୍ଟର୍ସରେ ଚଢାଉ କରି ଯାଞ୍ଚ କରିଥିଲା। ଏହି ସମୟରେ ପ୍ରଧାନଙ୍କ ସରକାରୀ କ୍ୱାର୍ଟର୍ସରୁ ୨ ଲକ୍ଷ ୧୬ ହଜାର ୯୦୦ ଟଙ୍କା ମିଳିଛି। ସେହିଭଳି ଉଭୟ ଅଭିଯୁକ୍ତଙ୍କୁ ଯାଞ୍ଚ ବେଳେ ୨୧ ହଜାର ୩୮୦ ଟଙ୍କାକୁ ମିଶାଇ ମୋଟ ୨ ଲକ୍ଷ ୩୮ ହଜାର ୨୦୦ ଟଙ୍କା ଜବତ ହୋଇଛି। ଏନେଇ ଭିଜିଲାନ୍ସ ଟିମ୍ ଅଧିକ ତଦନ୍ତ କରୁଥିବାରୁ ସମ୍ପତ୍ତି ପରିମାଣ ବଢ଼ିପାରେ ବୋଲି ସୂଚନା ମିଳିଛି।

# ବାପାଙ୍କୁ ଆଜୀବନ ଜେଲ

## ୫ବର୍ଷର ପୁଅକୁ ପଥରରେ ଛେଚି ହତ୍ୟା ମାମଲା

ବାରିପଦା,୬।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

୫ବର୍ଷର ପୁଅକୁ ପଥରରେ ଛେଚି ହତ୍ୟା ମାମଲାର ବିଚାର କରି ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ସେସନ ଜଜ୍(୧) ଜଜ୍ ସତ୍ୟନାରାୟଣ ପାତ୍ର ଦୋଷୀ ବାପାଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏହାସହ ୫୦ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀ ହେଲେ କୁଳିଅଣା ଥାନା ଅଧୀନ ବାଲଡିହା ଗ୍ରାମର ଚେପ ଦେହୁରୀ(୪୦)। ସୂଚନାଯୋଗ୍ୟ, ବଡ଼ସାହି ଥାନା ଅଧୀନ ଯଦୁନାଥପୁର ପଞ୍ଚାୟତର ବେଲଡୁଙ୍ଗୁରୀ ଗ୍ରାମରେ ଚେପ କିଛିଦିନ ଧରି ଶ୍ୱଶୁରଘରେ ରହିଆସୁଥିଲେ। ୨୦୨୦ ଅକ୍ଟୋବର ୨୩ ରାତି ୨ଟା ବେଳେ ସେ ଘରକୁ ଫେରି ପୁଅ ସୁଦାନ(୫)କୁ ପାଇ ନ ଥିଲେ। ଏହାକୁ ନେଇ ତାଙ୍କର ରାଗ ବଢ଼ି ଯାଇଥିଲା। ପରେ ଆଈ କୋଳରେ ପୁଅ ସୁଦାନ ଶୋଇଥିବା ଦେଖି ଉତ୍ତ୍ୟକ୍ତ ଚେପ ତାକୁ ଉଠାଇ ଆଣି ଏକ ପଥରରେ ମୁଣ୍ଡକୁ ଛେଚି ଦେଇଥିଲା। ଫଳରେ ରକ୍ତ ଜୁଡୁବୁଡୁ ହୋଇ ଘଟଣାସ୍ଥଳରେ ସୁଦାନର ମୃତ୍ୟୁ ଘଟିଥିଲା। ଚେପ ପୁଅର ମୃତଦେହକୁ ଲୁଚାଇବାକୁ ଉଦ୍ୟମ କରୁଥିବା ବେଳେ ଗାଁ ଲୋକେ ତାଙ୍କୁ କାବୁ କରି ନେଇଥିଲେ। ପୋଲିସ ଏକ ନରହତ୍ୟା ମାମଲା (ନଂ.୧୩୩/୨୦) ରୁଜୁ କରି ଅଭିଯୁକ୍ତ ଚେପଙ୍କୁ ଗିରଫ କରିଥିଲା। ୧୧ଜଣ ସାକ୍ଷୀଙ୍କ ବୟାନ, ପୋଲିସ, ସାଇଣ୍ଟିଫିକ ଟିମ୍, ପୋଲିସର ତଦନ୍ତ ଓ ଡାକ୍ତରୀ ରିପୋର୍ଟକୁ ଭିତ୍ତିକରି କୋର୍ଟ ଶୁଣାଣି କରିଛନ୍ତି। ସରକାରୀ ପିପି କୃଷ୍ଣଚନ୍ଦ୍ର ଦାସ ମାମଲା ପରିଚାଳନା କରିଥିଲେ।

# ପ୍ରେମଜନିତ ହତ୍ୟା ଅଭିଯୋଗ ଆଣିଲେ ପରିବାର



## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଧର୍ମଶାଳା/କାଏମା/ ବ୍ରହ୍ମବରଦା,୬।୭ (ବଟକୃଷ୍ଣ ପରିଡ଼ା/ ଶିବପ୍ରସାଦ ମହାନ୍ତି/ ଯଯାତି କେଶରୀ ବେହେରା)

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଅରାବଳ ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକଭାବେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଅଜୟ କୁମାର ସାମଲଙ୍କ ପୁଅ ପବିତ୍ର ସାମଲ। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ତାଙ୍କ ପରିବାର ଓ ସ୍ଥାନୀୟ ଲୋକେ କେଲୁଅ ସେତୁ ଉପରେ ଟାୟାର ଜାଳି ବରୁହାଁ-ବାଲିଚନ୍ଦ୍ରପୁର ରାସ୍ତା ଅବରୋଧ କରିଛନ୍ତି। ପୋଲିସ ସନ୍ଦେହରେ ଜଣେ ଯୁବତୀ ଓ ତାଙ୍କ ମା'ଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଯୁବକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ପବିତ୍ର ୩ ବର୍ଷ ହେଲା ଭଗବାନପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟାରେ ସେ ନିଜ ବୁଲେଟ ଧରି ନିକଟ ସମ୍ପର୍କୀୟଙ୍କ ଘରକୁ ଶୋଇବାକୁ ଯାଇଥିଲେ। ହେଲେ ଶନିବାର ଭୋର ୫ଟା ସମୟରେ ଉକ୍ତ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମ ମଝିରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଯୁବକଙ୍କ ବାପା ଅଜୟ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପବିତ୍ରଙ୍କ ମୃତଦେହ ନିକଟରେ ଜଣେ ଯୁବତୀଙ୍କ ଆଧାର କାର୍ଡ, ଓଢ଼ଣି, ବୁଲେଟ ଓ ମୋବାଇଲ ପଡ଼ିଥିବା ଦେଖି ଏହା ପ୍ରେମଜନିତ ହତ୍ୟା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏପରିକି ଉକ୍ତ ଯୁବତୀଙ୍କ ପରିବାର ଲୋକେ ପବିତ୍ରଙ୍କୁ ହତ୍ୟା କରିଥିବା କହିଥିଲେ। ଫଳରେ ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାର ଉଚିତ ତଦନ୍ତ ଦାବିରେ ସେମାନେ ଆନ୍ଦୋଳନ କରିଥିଲେ। ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଏସ୍‌ଆଇ ଅନିତା ଜେନା, ଏଏସ୍‌ଆଇ ବିଜୟ କୁମାର ବେହେରା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ଭଦ୍ରକରୁ ୫ ଜଣିଆ ସାଇଣ୍ଟିଫିକ ଟିମ୍ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ। ଏହାପରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଏନେଇ ଏକ ମାମଲା ନଂ.୫୪୭/୨୪ ରୁଜୁ ହୋଇଥିବା ଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ଶ୍ୱଶୁରଘରକୁ ଜ୍ୱାଇଁଙ୍କ ବୋମାମାଡ଼

ଆଠଗଡ଼,୬।୭(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ଜାଗିଆପଡ଼ା ଗ୍ରାମରେ ଶୁକ୍ରବାର ରାତିରେ ଶ୍ୱଶୁର ଘର ଉପରକୁ ଜ୍ୱାଇଁ ବୋମାମାଡ଼ କରିଥିବା ଅଭିଯୋଗ ହୋଇଛି। ତେବେ ଏଥିରେ କାହାର କୌଣସି କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି। ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ଜ୍ୱାଇଁ ତଥା ତିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ଗ୍ରାମର ଅରବିନ୍ଦ ସାହୁଙ୍କୁ ଥାନାରେ ଅଟକ ରଖିଛି।

୧୦ବର୍ଷ ପୂର୍ବେ ଆଠଗଡ ଥାନା ଅନ୍ତର୍ଗତ ଜାଗିଆପଡା ଗ୍ରାମର ରବୀନ୍ଦ୍ର ସାହୁଙ୍କ ଝିଅ ବନିତାଙ୍କୁ ଅରବିନ୍ଦ ପ୍ରେମ ବିବାହ କରିଥିଲେ। ସେମାନଙ୍କ ୨ଟି ପିଲା ଅଛନ୍ତି। କିଛି ଦିନ ହେବ ବନିତାଙ୍କୁ ଅରବିନ୍ଦ ମାନସିକ ତଥା ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ଏନେଇ ବନିତା ପିଲାଙ୍କୁ ଧରି ବାପଘରକୁ ପଳାଇ ଆସିଥିଲେ। ଶୁକ୍ରବାର ରାତିରେ ଅରବିନ୍ଦ ଶ୍ୱଶୁରଘରକୁ ଯାଇ ବନିତାଙ୍କୁ ସାଙ୍ଗରେ ନେବାକୁ କହିଥିଲେ। ବନିତା ରାଜି ନ ହେବାରୁ ଅରବିନ୍ଦ ଏକ ସୁତୁଲି ବୋମା ଶ୍ୱଶୁରଙ୍କ ଘର କାନ୍ଥ ଉପରକୁ ଫିଙ୍ଗିଥିଲେ। ଏନେଇ ବନିତାଙ୍କ ଭାଇ ପ୍ରଶାନ୍ତ ଆଠଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।


**ADMISSION OPEN**

*Admission in Vocational Stream*
*Govt. Vocational Higher Secondary School*
*S.V.M. College, Jagatsinghpur*

Trades available - IT & ITes (CT), MLT
IT & ITes :- BFC (Phy, Chem, Math)
BFC (Hist, Pol. Sc., Eco)

**ADMISSION FEE**
MLT Trade - Rs. 1,100/- / It & ITes Trade - Rs. 2,100/-

**RE-ADMISSION FEE**
MLT Trade - Rs. 650/- / IT & ITes Trade - Rs. 1,550/-

**OUR FACILITIES**
- Smart Class Room
- Smart Laboratory
- Industrial Visit
- Apprenticeship Training
- Career Counselling
- Placement Assistance (Age-18)
- Physical Education
- Annual Function
- Parents Teachers Meeting
- In Time Assessment & Evaluation
- E-Library & Offline Library

**Our Contacts**
8480728180 / 9668070021



**TPNODL**
**TP NORTHERN ODISHA DISTRIBUTION LIMITED**
(A Tata power and Odisha Govt. Joint Venture)
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) July 6th, 2024**

TP Northern Odisha Distribution Limited invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2024-25/2500000714 | Rate contract for Hiring safety trainers at TPNODL |
| 2 | TPNODL/OT/2024-25/2500000719 | Rate Contract for Industrial DC router |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.
**Chief- Contracts & MM**



**FREE HOTEL MANAGEMENT COURSES AT SIHM, BALANGIR (ONLY FOR SUNDARGARH DISTRICT)**

Eligible students belonging to all sections (SC/ST/OBC/Gen) from the mining affected Blocks of Sundargarh District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh. The Block level Counselling cum Admission programme will be conducted at the below mentioned block offices.

| Name of the Block / Municipality Office | Date of Counselling/Admission Camp |
|---|---|
| 1. Sundargarh Municipality, Subdega, Bargaon | 09.07.2024 |
| 2. Kutra, Rajgangpur Municipality, Rourkela Municipal Corporation | 10.07.2024 |
| 3. Birmitrapur Municipality, Lathikata, Kuarmunda, Nuagaon | 11.07.2024 |
| 4. Gurundia, Bonaigarh, Lahunipara, Koida | 12.07.2024 |
| 5. Hemgir, Lephripada, Tangarpali | 16.07.2024 |

**STATE INSTITUTE OF HOTEL MANAGEMENT, BALANGIR (ODISHA)**
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9437140772, 8018581031



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, दुमका**
**(rdsddumka1@gmail.com)**

**अल्पकालीन ई-निविदा आमंत्रण सूचना**

ई-निविदा सूचना संख्या- **RDSD/DMK/MMGSY/05/2024-25**
1.कार्य की विस्तृत विवरणी :-

| क्रम संख्या | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य पूर्ण करने की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | दुमका जिला के मसलिया प्रखंड अन्तर्गत धोबना पंचायत के ग्राम जरूवाडीह एवं बाबूडीह के बीच नदी में उच्च स्तरीय पुल निर्माण। | 2,31,42,800 | 4,63,000 | 10,000.00 | 15 माह |
| 2. | दुमका जिला के मसलिया प्रखंड अन्तर्गत बड़ाडुमरिया पंचायत के ग्राम भोक्ताडीह से आसना मोड़ के बीच शीला नदी में उच्च स्तरीय पुल निर्माण। | 2,49,82,200 | 5,00,000 | 10,000.00 | 15 माह |
| 3. | दुमका जिला के दुमका प्रखंड अन्तर्गत दरबारपुर पंचायत के ग्राम रोहड़ापाड़ा कदम टोला एवं रानीबहाल सीमा के बीच पुल निर्माण। | 1,57,00,300 | 3,15,000 | 10,000.00 | 12 माह |

2. वेबसाइट में निविदा प्रकाशन की तिथि :- 13.07.2024
3. ई-निविदा प्राप्ति की तिथि एवं समय :- दिनांक 13.07.2024 से दिनांक 22.07.2024 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
5. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।
6. निविदा खोलने का स्थान :- e-Procurement Cell, कार्यपालक अभियंता का कार्यालय ग्रामीण विकास विशेश प्रमंडल दुमका।
7. निविदा खोलने की तिथि एवं समय :- दिनांक 24.07.2024 अपराह्न 2:00 बजे
8. निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता,ग्रामीण विकास विशेष प्रमंडल,दुमका।
9. ई-निविदा प्रकोष्ठ का दुरभाष संख्या :- 7091279444
10. परिमाण विपत्र की राशि घट-बढ़ सकती है तदनुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमंडल,दुमका

PR 328870 Rural Work Department(24-25).D



**GOVERNMENT OF ODISHA** No. O-97
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, JAJPUR**
rwdivision_jaraka@yahoo.co.in

**'E' PROCUREMENT NOTICE NO. RWD-II/JJPR-II-02//2024-25**

1. Name of Work : Construction of Building work in the District of Jajpur for the yr. 2024-25
2. Total No. of Work : 1 No. of Building Works
3. Estimated Cost (Approx.) : As indicated against each work in the NIT
4. Period of Completion : As indicated against each work in the NIT
5. Class of Contractors : As indicated against each work in the NIT

**Other details as follows:**
a) Procurement Officer : Superintending Engineer, Rural Works Division-II, Jajpur at Jaraka
b) Availability of tender online & submission of bid : 10.07.2024 at 11.00 A.M. to 25.07.2024 upto 5.00 P.M.
c) Last date & time of seeking of tender clarification : 24.07.2024 upto 5.00 P.M.
d) Opening of Tender (Technical) : 26.07.2024 at 11.30 A.M.

Further details can be seen from the Govt. website: **www.tendersodisha.gov.in**.

Sd./- Executive Engineer
OIPR-25080/11/0003/2425 Rural Works Division-II, Jajpur at Jaraka



**ପୌର ପରିଷଦ, କୋରାପୁଟ**
ଧରିତ୍ରୀ, ଭୁବନେଶ୍ୱର ରଥଯାତ୍ରା - ୨୦୨୪ ଉପଲକ୍ଷେ ପ୍ରକାଶିତ ସ୍ୱତନ୍ତ୍ର ସଂସ୍କରଣ ଉପଲକ୍ଷେ
ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
"କୋରାପୁଟ ସହରକୁ ଏକ ସ୍ୱଚ୍ଛ, ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ ସହର ରୂପେ ଗଢ଼ିତୋଳିବା ଆମର ଲକ୍ଷ୍ୟ"

* ଓଦା ଓ ଶୁଖିଲା ମଇଳାକୁ ପୃଥକୀକରଣ କରି ମଇଳା ସଂଗୃହୀତ ଗାଡ଼ିରେ ହିଁ ଦିଅନ୍ତୁ।
* ନିଜ ପରିବେଶ ସଫା ରଖି ଡେଙ୍ଗୁ ରୋଗଠାରୁ ଦୂରେଇ ରୁହନ୍ତୁ।
* ପରିଷଦ ଅଞ୍ଚଳରେ ନୂତନ ଘର ନିର୍ମାଣ ପୂର୍ବରୁ ଗୃହ ନକ୍ସା ଅନୁମୋଦନ କରାଇ ନିଅନ୍ତୁ।
* ନିଜ ଘରେ ସେପ୍ଟିକ୍ ପାଇଖାନା ନିର୍ମାଣ କରନ୍ତୁ।
* ପରିଷଦ ଅଞ୍ଚଳରେ ବ୍ୟବସାୟ କରୁଥିବା ସମସ୍ତ ବ୍ୟବସାୟୀ ଟ୍ରେଡ୍ ଲାଇସେନ୍ସ କରିବା ଅନିବାର୍ଯ୍ୟ।
* ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ।
* ରାସ୍ତା କଡ଼ରେ ଗୃହ ନିର୍ମାଣ ସାମଗ୍ରୀ ଯଥା - ବାଲି, ଇଟା, ପଥର, ଗୋଡ଼ି ଏବଂ ଗୃହ ନିର୍ମାଣର ଅବ୍ୟବହୃତ ଅଂଶଗୁଡ଼ିକ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ।
* ପରିଷଦର ଟିକସ୍, ଫିସ୍, ଦୋକାନ ଭଡ଼ା ଆଦି ଠିକ୍ ସମୟରେ ପୈଠ କରନ୍ତୁ।
* ନିଜନିଜ ଘର ବାଡ଼ିରେ, ଖାଲି ଜାଗାରେ ଗଛ ଲଗାଇ ପରିବେଶର ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ସହରକୁ ସବୁଜ ସୁନ୍ଦର କରି ଗଢିତୋଳନ୍ତୁ।
* ଆସନ୍ତୁ ସମସ୍ତେ ମିଳିମିଶି ଆଗାମୀ ଦିନରେ କୋରାପୁଟ ପୌର ପରିଷଦକୁ ଏକ ସ୍ୱଚ୍ଛ, ସୁନ୍ଦର ଓ ସବୁଜ କୋରାପୁଟରେ ଗଢ଼ି ତୋଳିବା।

ଶ୍ରୀମତୀ ସବିତା ପଣ୍ଡା, ଉପାଧକ୍ଷା ଓ ସମସ୍ତ ପାରିଷଦବୃନ୍ଦ
ଶ୍ରୀଯୁକ୍ତ ଲଲାଟ ରଞ୍ଜନ ସେଠୀ, ଅଧକ୍ଷ



**"ସ୍ୱଚ୍ଛ ସୁନାବେଡ଼ା ସୁସ୍ଥ ସୁନାବେଡ଼ା"**
**ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡ଼ା**

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥ ଯାତ୍ରା ଉପଲକ୍ଷେ ସୁନାବେଡ଼ା ପୌରପରିଷଦ ତା'ର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି।
ଏ ସହର ଆପଣଙ୍କର, ଏହାର ସୁରକ୍ଷା ତଥା ସୌନ୍ଦର୍ଯ୍ୟର ରକ୍ଷଣା ବେକ୍ଷଣ ନିମନ୍ତେ ସହଯୋଗର ହାତ ବଢ଼ାନ୍ତୁ। ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା।

**ଅନୁରୋଧ**
୧. ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ସବୁଜ ଏବଂ ନୀଳ ରଙ୍ଗର ଡଷ୍ଟବିନ ବ୍ୟବହାର କରନ୍ତୁ।
୨. ପ୍ରତିଦିନ ସଫେଇ କର୍ମଚାରୀମାନଙ୍କୁ ଓଦା ଏବଂ ଶୁଖିଲା ଅଳିଆ ପୃଥକ୍ ଭାବରେ ହସ୍ତାନ୍ତର କରନ୍ତୁ।
୩. ଖାଲିଥିବା ସରକାରୀ ଜମିକୁ ଜବର ଦଖଲକରନ୍ତୁ ନାହିଁ।
୪. ଗୃହ ନିର୍ମାଣ ସାମଗ୍ରୀ ଜମାକରି ରାସ୍ତାଘାଟ ଅବରୋଧ କରନ୍ତୁ ନାହିଁ।
୫. ଗୃହ ପାଳିତ ପଶୁଙ୍କୁ ରାସ୍ତା ଘାଟରେ ବୁଲିବାକୁ ଛାଡ଼ନ୍ତୁ ନାହିଁ।
୬. ପରିଷଦ ଦ୍ୱାରା ନିର୍ମିତ ପାର୍କ, ଜିମ୍, ଗୋଷ୍ଠୀ କେନ୍ଦ୍ର ଆଦିର ରକ୍ଷଣାବେକ୍ଷଣରେ ସାହାଯ୍ୟ କରନ୍ତୁ।
୭. ପରିଷଦ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ଟିକସ ଠିକ୍ ସମୟରେ ପ୍ରଦାନ କରନ୍ତୁ ଏବଂ ପରିଷଦର ଉନ୍ନୟନ ନିମନ୍ତେ ସହାୟ ହୁଅନ୍ତୁ।
୮. ଖୋଲା ସ୍ଥାନରେ ମଳତ୍ୟାଗ ନ କରି, ପାଇଖାନା ବ୍ୟବହାର କରନ୍ତୁ।
୯. ପରିଷଦ ଦ୍ୱାରା ନିର୍ମିତ ଡ୍ରେନମାନଙ୍କରେ ଅଳିଆ ଆବର୍ଜନା ପକାଇ ଡ୍ରେନ ଅବରୋଧ କରନ୍ତୁ ନାହିଁ।
୧୦. ଏହି ସହରର ସବୁଜ ଏବଂ ସୌନ୍ଦର୍ଯ୍ୟକରଣ ନିମନ୍ତେ ବୃକ୍ଷ ରୋପଣ କରନ୍ତୁ।

ଶ୍ରୀଯୁକ୍ତ ନାରାୟଣ ନାୟକ, ଓ.ରା.ସେ, ନିର୍ବାହୀ ଅଧିକାରୀ, ପୌରପରିଷଦ, ସୁନାବେଡ଼ା
ଡ. ରାଜେନ୍ଦ୍ର କୁମାର ପାତ୍ର, ନଗରପାଳ, ପୌରପରିଷଦ, ସୁନାବେଡ଼ା
ଶ୍ରୀମତୀ ରିତୁ କଣ୍ଡା, ଉପନଗରପାଳ, ପୌରପରିଷଦ, ସୁନାବେଡ଼ା
ସମସ୍ତ ପାରିଷଦ ବୃନ୍ଦ, ପୌରପରିଷଦ, ସୁନାବେଡ଼ା



**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

T-34: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ଓଡ଼ିଶା ସରକାର **ତା୦୮।୦୭।୨୦୨୪ରିଖକୁ** ସରକାରୀ ଛୁଟିଦିନ ଭାବରେ ଘୋଷଣା କରିଛନ୍ତି। ଏଥିପାଇଁ ଆଗାମୀ ସୋମବାର **ତା୦୮।୦୭।୨୦୨୪ଦିନ** **ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ।**

ଅତିରିକ୍ତ ମୁଖ୍ୟ ଶାସନ ସଚିବ
**ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ**
OIPR-09014/11/0007/2425



रजिस्ट्री सं. डी.एल.-33004/99 REGD. NO. D. L.-33004/99

सत्यमेव जयते
**भारत का राजपत्र**
**The Gazette of India**
सी.जी.-डी.एल.-अ.-22052024-254304
CG-DL-E-22052024-254304
असाधारण
EXTRAORDINARY
भाग II—खण्ड 3—उप-खण्ड (ii)
PART-II-Section 3-Sub-section (ii)
प्राधिकार से प्रकाशित
PUBLISHED BY AUTHORITY

सं. 1957] नई दिल्ली, मंगलवार, मई 21, 2024/वैशाख 31, 1946
No. 1957] NEW DELHI, TUESDAY, MAY 21, 2024/VAISAKHA 31, 1946

ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ
ବିଜ୍ଞପ୍ତି
ନୂଆଦିଲ୍ଲୀ, ୨୧ ମଇ ୨୦୨୪

ଏସ.ଓ ୨୦୫୬ (ଇ) ରାଷ୍ଟ୍ରୀୟ ରାଜମାର୍ଗ ଅଧିନିୟମ ୧୯୫୬ (୧୯୫୬ ର ୪୮) (ଏହାପରଠାରୁ କଥିତ ଅଧିନିୟମ ରୂପେ ଦର୍ଶଯାଇଛି)ର ଧାରା ୩ଏ ର ଉପଧାରା (୧) ଅନୁସାରେ କ୍ଷମତା ପ୍ରୟୋଗ ପୂର୍ବକ କେନ୍ଦ୍ର ସରକାର ସନ୍ତୋଷତା ପ୍ରକାଶ ପରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ନିମ୍ନସୂଚୀ ପ୍ରକାରେ ଦିଆଯାଇଥିବା ସଂକ୍ଷିପ୍ତ ବିବରଣୀ ଅନୁସାରେ ଓଡ଼ିଶା ରାଜ୍ୟର ଜଗତସିଂହପୁର ଜିଲ୍ଲାରେ କିମି ୬୫.୭୫୫ ରୁ କିମି ୭୭ ଗ୍ରାମ (ସମୂହ) ନାମ-ନିମିଡିହି, ପାରଦୀପଗଡ଼, ଉଦୟବଟ, ତାଲୁକ-କୁଜଙ୍ଗ ଭୂମିର ବିସ୍ତାରଣରେ ଏନଏଚ-୫୩ର ନିର୍ମାଣ (ପ୍ରଶସ୍ତିକରଣ/ ଦୁଇ ଲେନ ସହ ପେଭଡ ସୋଲଡର/ଚାରି ଲେନିଂ ଇତ୍ୟାଦି)ର ରକ୍ଷଣାବେକ୍ଷଣ, ପରିଚାଳନା ଓ କାର୍ଯ୍ୟକାରୀ ନିମନ୍ତେ ଉକ୍ତ ଜମିର ଅଧିଗ୍ରହଣ ପାଇଁ ଏତଦ୍ୱାରା ଅଭିପ୍ରାୟ ଘୋଷଣା କରୁଛନ୍ତି ।

କଥିତ ଜମି ଉପରେ ଯଦି କୌଣସି ବ୍ୟକ୍ତିଙ୍କର ଆଗ୍ରହ ରହିଥାଏ ତେବେ ଅଫିସିଆଲ୍ ଗେଜେଟରେ ଉକ୍ତ ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ୨୧ ଦିନ ମଧ୍ୟରେ କଥିତ ଅଧିନିୟମର ଧାରା ୩ (ଗ) ର ଉପଧାରା (୧) ଅଧିନରେ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ସେ ପ୍ରକାର ଜମିର ଉପଯୋଗ ଉପରେ ତାଙ୍କର ପ୍ରତିବାଦକୁ ଜଣାଇ ପାରିବେ ।

ଏପ୍ରକାର ସମସ୍ତ ପ୍ରତିବାଦଗୁଡ଼ିକୁ ପ୍ରାଧିକୃତ କର୍ତ୍ତୃପକ୍ଷ, ତହସିଲଦାର, କୁଜଙ୍ଗଙ୍କୁ ଲିଖିତ ଆକାରରେ ଦର୍ଶାଇବାକୁ ହେବ ଓ ସେ ଏହାର ଭିତ୍ତିଭୂମି ପ୍ରସ୍ତୁତ କରିବେ ତଥା ପ୍ରାଧିକୃତ କର୍ତ୍ତୃପକ୍ଷ ପ୍ରତିବାଦକାରୀଙ୍କ ପାଇଁ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ ଆଇନଗତ ପ୍ରାକ୍ଟିସନରଙ୍କ ଜରିଆରେ ଏହାର ଶୁଣାଣି ପାଇଁ ସୁଯୋଗ ପ୍ରଦାନ କରିବେ ଏବଂ ସେ ପ୍ରକାର ସମସ୍ତ ପ୍ରତିବାଦଗୁଡ଼ିର ଶୁଣାଣି ପରେ ଓ ସେ ପ୍ରକାର ପରବର୍ତ୍ତୀ ଅନୁସନ୍ଧାନ ପରେ, ଯଦି ଥାଏ, ପ୍ରାଧିକୃତ କର୍ତ୍ତୃପକ୍ଷ ଆବଶ୍ୟକ ମନେ କଲେ ଏହିସବୁ ପ୍ରତିବାଦ ଗୁଡ଼ିକୁ ଆଦେଶ ଦ୍ୱାରା ଗ୍ରହଣ କରିପାରିବେ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ ।

କଥିତ ଅଧିନିୟମର ଧାରା ୩ (ଗ) ର ଉପଧାରା (୨) ଅଧିନରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଯେକୌଣସି ଆଦେଶକୁ ଅନ୍ତିମ ବୋଲି ବିବେଚନା କରାଯିବ ।

ଏହି ବିଜ୍ଞପ୍ତି ଅଧିନରେ ଅଧିଗୃହିତ ହେବାକୁ ଥିବା ଜମିର ଲ୍ୟାଣ୍ଡ ପ୍ଲାନ ଓ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ହେବ ଓ ତାହାକୁ ଇଚ୍ଛୁକ ବ୍ୟକ୍ତିମାନେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଉପରୋକ୍ତ କାର୍ଯ୍ୟାଳୟରୁ ଅନୁସନ୍ଧାନ କରିପାରିବେ ।

ସୂଚୀ
ଓଡ଼ିଶା ରାଜ୍ୟର ଜଗତସିଂହପୁର ଜିଲ୍ଲାରେ କିମି ୬୫.୭୫୫ ରୁ କିମି ୭୭ ଗ୍ରାମ (ସମୂହ) ନାମ-ନିମିଡିହି, ପାରଦୀପଗଡ଼, ଉଦୟବଟ, ତାଲୁକ-କୁଜଙ୍ଗ ଭୂମିର ବିସ୍ତାରଣରେ ଏନଏଚ-୫୩ ର ନିର୍ମାଣ ଭୂମିର ବିସ୍ତାରଣରେ ନିର୍ମାଣ ସହିତ କିମ୍ବା ନିର୍ମାଣ ନଥାଇ ଅଧିଗୃହିତ ହେବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ ।

File Number: Cha/Paradip/8Lane/LA/3(a)/Kujanga/3A
ABHAY JAIN, Dy. Secy.
District: Jagatsinghpur
https://egazette.gov.in/WriteReaDdata/2024/254304.pdf
Publication Date:21 May 2024
https://bhoomirashi.gov.in
ଟିପ୍ପଣୀ: ଏହି ବିଜ୍ଞପ୍ତିର ଫିଜିକାଲ କପି କାଲା/ପିଆଇୟୁ/ପିଏମୟୁ/ଆଞ୍ଚଳିକ କାର୍ଯ୍ୟାଳୟ/ଇଡି ରେ ମଧ୍ୟ ଉପଲବ୍ଧ ଏବଂ ଜମି ମାଲିକମାନେ ମଧ୍ୟ ସେଠାରେ ଦେଖିପାରିବେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସହଭାଗିତା ରାଜ୍ୟକୁ ଆହୁରି ବିକାଶର ଶିଖରରେ ପହଞ୍ଚାଇବ

**ଭୁବନେଶ୍ୱର, ୬।୭ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ ଅଗ୍ରଣୀ କମ୍ପାନୀ ସମୂହ ଦୀର୍ଘବର୍ଷ ଧରି ରାଜ୍ୟରେ କାର୍ଯ୍ୟ କରୁଛନ୍ତି। ଏପରି କି ଓଡ଼ିଶା ସରକାରଙ୍କ ସହ ଆମର ସହଭାଗିତା ରାଜ୍ୟକୁ ଆହୁରି ଅଧିକ ବିକାଶର ଶିଖରରେ ପହଞ୍ଚାଇବ ବୋଲି ଶନିବାର ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଓଡ଼ିଶାର ନୂତନ ଭାବେ ନିଯୁକ୍ତ ହୋଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ ଅବସରରେ ଏଭଳି କିଛି ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶନିବାର ଏକ ସୌଜନ୍ୟମୂଳକ ସାକ୍ଷାତ ସହ ନୂତନ ଭାବେ ଗଠିତ ହୋଇଥିବା ରାଜ୍ୟ ସରକାରଙ୍କୁ ସେ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟରେ



ବର୍ତ୍ତମାନ ଏବଂ ଭବିଷ୍ୟତର ବିକାଶ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଏପରିକି ରାଜ୍ୟ ସଚିବାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ଯୋଗ ଦେଇ ଅଗ୍ରୱାଲ ଓଡ଼ିଶାର ଅଗ୍ରଗତି ପାଇଁ ବେଦାନ୍ତ ଗ୍ରୁପର ନିରନ୍ତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ସେହିଭଳି ସହଯୋଗର ନୂତନ କ୍ଷେତ୍ରଗୁଡିକ ଚିହ୍ନଟ କରିବା ଉପରେ ବ୍ୟାପକ ଆଲୋଚନା ହୋଇଥିଲାବେଳେ ଓଡ଼ିଶାର ପରିବର୍ତ୍ତନଶୀଳ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରି ରାଜ୍ୟର ଶିଳ୍ପ ଏବଂ ସାମାଜିକ ତଥା ଅର୍ଥନୈତିକ ବିକାଶକୁ ବୃଦ୍ଧି କରିପାରିବ। ବିଶେଷ କରି ନୂତନ ସରକାରଙ୍କ ଦୃଷ୍ଟିକୋଣ ଏବଂ ନେତୃତ୍ୱ ଉପରେ ସେ ନିଜର ଆତ୍ମବିଶ୍ୱାସ ପ୍ରକଟ କରିଛନ୍ତି। ଏ ନେଇ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ କହିଛନ୍ତି, ଓଡ଼ିଶାର ଉଲ୍ଲେଖନୀୟ ଅଭିବୃଦ୍ଧି ଏହାର ଲୋକଙ୍କ କଠିନ ପରିଶ୍ରମ ଏବଂ ପ୍ରତିବଦ୍ଧତାର ପ୍ରମାଣ। ବେଦାନ୍ତର ସଫଳତା ପାଇଁ ଓଡ଼ିଶା ରାଜ୍ୟ ଗୁରୁତ୍ୱପୂର୍ଣ୍ଣ। ଏହାର ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ବିକାଶ ପାଇଁ ଆମେ ସମର୍ପିତ ଅଟୁ। ଏପରିକି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ମୋର ସାକ୍ଷାତ ଅତ୍ୟନ୍ତ ଫଳପ୍ରଦ ଥିଲା ଏବଂ ଆମେ ଓଡ଼ିଶାର ଅଭିବୃଦ୍ଧି ପାଇଁ ଆମର ସହଭାଗୀ ଦୃଷ୍ଟିକୋଣ ବିଷୟରେ ଆଲୋଚନା କରିଥିଲୁ। ସେହିପରି ମୋହନ ଚରଣ ମାଝୀଙ୍କ ଦକ୍ଷ ନେତୃତ୍ୱରେ ଆମର ଦୀର୍ଘଦିନର ସହଭାଗିତା ଆଗକୁ ବଢ଼ିବା ସହିତ ରାଜ୍ୟକୁ ଆହୁରି ଅଧିକ ବିକାଶର ଶିଖରରେ ପହଞ୍ଚାଇବାରେ ସହାୟକ ହେବ। ଉଲ୍ଲେଖଯୋଗ୍ୟ, ବେଦାନ୍ତ ଗ୍ରୁପ୍ ଓଡ଼ିଶାରେ ୧,୦୦,୦୦୦ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ କରିଥିବାବେଳେ ବିଶ୍ୱର ଯେକୌଣସିଠାରେ ଏହା ହେଉଛି ସର୍ବବୃହତ୍ ପୁଞ୍ଜି ବିନିଯୋଗ। ଏହି ପୁଞ୍ଜି ବିନିଯୋଗ ଦ୍ୱାରା ୧.୮ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ଝାରସୁଗୁଡା ଠାରେ ବିଶ୍ୱର ସର୍ବବୃହତ୍ ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ ସ୍ମେଲଟର ପ୍ଲାଣ୍ଟ ଏବଂ ୩.୫ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ଠାରେ ଏକ ବିଶ୍ୱସ୍ତରୀୟ ଆଲୁମିନା ରିଫାଇନେରୀ ପ୍ରତିଷ୍ଠା ହୋଇଛି।

# ପାୱାରଗ୍ରୀଡ୍‌ର ସିଏସ୍‌ଆର୍ ପ୍ରୋଗ୍ରାମ



**ଭୁବନେଶ୍ୱର,୬।୭(ଅନୁରାଧା ମହାରଣା)**

ପାୱାର ଗ୍ରୀଡ୍ କର୍ପୋରେଶନ ଅଫ ଇଣ୍ଡିଆ ଲିମିଟେଡ୍ ବା ପାୱାର ଗ୍ରୀଡ୍ ପକ୍ଷରୁ କାର୍‌ଗିଲସ୍ଥିତ ସରକାରୀ ଡିଗ୍ରୀ କଲେଜ ଡିସି କାର୍‌ଗିଲ ପାଇଁ ୯ କିଲୋଲିଟର କ୍ଷମତା ବିଶିଷ୍ଟ ଏକ ଟ୍ରକ୍‌ଚାଳିତ ୱାଟର ଟ୍ୟାଙ୍କର୍ ପ୍ରଦାନ କରାଯାଇଛି। ଏପରି କି କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପ୍ରୋଗ୍ରାମ ଅଧୀନରେ ଏହି ଟ୍ୟାଙ୍କର ଦିଆଯାଇଛି। ଏହି ଅବସରରେ ପାୱାରଗ୍ରୀଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏନ୍‌ଆର୍-୨) ରାଜେଶ କୁମାର କାର୍‌ଗିଲ ଜିଲା ବିକାଶ କମିଶନର ବାଲାସାହେବ ସୁସେଙ୍କ ଉପସ୍ଥିତିରେ ଏହି ଟ୍ୟାଙ୍କର କଲେଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ କାର୍ଯ୍ୟନିର୍ବାହୀ କାଉନ୍‌ସିଲର ଏଲଏଏଚ୍‌ଡିସି ମହମ୍ମଦ ଜାଫର ଅଖନୁନ୍, ସିନିୟର ଜେନେରାଲ ମ୍ୟାନେଜର (ଲଦାଖ) ଅର୍ଶଦ ଇକବାଲ ଶାହା, ଜେନେରାଲ ମ୍ୟାନେଜର (ଏଚ୍‌ଆର୍) ବିନୋଦ ପ୍ରକାଶ ବକସାଲାଙ୍କ ସହ ପାୱାରଗ୍ରୀଡ୍ ଏବଂ କାର୍‌ଗିଲ ଜିଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ, କାର୍‌ଗିଲ ସରକାରୀ ଡିଗ୍ରୀ କଲେଜର କର୍ମଚାରୀ ଏବଂ ଛାତ୍ରମାନେ ଉପସ୍ଥିତ ଥିଲେ। ପ୍ରଦାନ କରାଯାଇଥିବା ଏହି ଟ୍ୟାଙ୍କରର ମୂଲ୍ୟ ପ୍ରାୟ ୨୯.୫୯ ଲକ୍ଷ ଟଙ୍କା ବୋଲି ସୂଚନା ରହିଛି। ସୂଚନାଥାଉ କି, ଉକ୍ତ କଲେଜରେ ବିଭିନ୍ନ ପାଠ୍ୟକ୍ରମରେ ୩୦୦୦ ରୁ ଅଧିକ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଏହା ଜିଲାର ସବୁଠାରୁ ବଡ଼ କଲେଜ ହୋଇଥିବାବେଳେ ଦୈନନ୍ଦିନ ବ୍ୟବହାର ପାଇଁ ଜଳ ସମସ୍ୟା ରହିଥିଲା। ଏହି ସମସ୍ୟାର ସମାଧାନ ପାଇଁ କଲେଜ କର୍ତ୍ତୃପକ୍ଷ ଜିଲା ମାଜିଷ୍ଟ୍ରେଟଙ୍କ ସହ ଆଲୋଚନା କରି ସରକାରଙ୍କୁ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ଯୋଗାଣ ପାଇଁ ପାୱାରଗ୍ରୀଡ୍‌କୁ ୱାଟର ଟ୍ୟାଙ୍କର୍ ଯୋଗାଇବାକୁ ଅନୁରୋଧ କରିଥିଲେ। ପରବର୍ତ୍ତୀ ସମୟରେ, ଡିଗ୍ରୀ କଲେଜ ଓ ପାୱାରଗ୍ରୀଡ୍ ମଧ୍ୟରେ ଏହି ଟ୍ୟାଙ୍କର୍ ଯୋଗାଇବା ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏନେଇ କଲେଜ ଅଧ୍ୟକ୍ଷ ପାୱାରଗ୍ରୀଡ୍‌କୁ କୃତଜ୍ଞତା ଜଣାଇଛନ୍ତି। ପାୱାରଗ୍ରୀଡ୍ ସୂଚନାନୁସାରେ ବର୍ତ୍ତମାନ ପର୍ଯ୍ୟନ୍ତ ୟୁଟି ଲଦାଖରେ ପାୱାରଗ୍ରୀଡ୍ ଦ୍ୱାରା ୩ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ କାର୍ଯ୍ୟକାରୀ ହୋଇସାରିଛି।

# ପ୍ରଥମ ତ୍ରୈମାସିକରେ ୫.୨୫ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ

**ଭୁବନେଶ୍ୱର, ୬।୭ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ 'ଟାଟା ଷ୍ଟିଲ୍' ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକର ଫଳାଫଳ (ଉତ୍ପାଦନ ଓ ଡେଲିଭରି) ବିଷୟରେ ବିସ୍ତୃତ ଭାବେ ଭାବେ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀର ଅଶୋଧିତ ଇସ୍ପାତ ଉତ୍ପାଦନ ୫.୨୫ ନିୟୁତ ଟନ୍ ହୋଇଥିଲାବେଳେ ବାର୍ଷିକ ଭିତିରେ ଏହା ୫% ବୃଦ୍ଧି ପାଇଛି। ରକ୍ଷଣାବେକ୍ଷଣ ପାଇଁ କାରଖାନା ବନ୍ଦ କରାଯାଇଥିବା କାରଣରୁ ତ୍ରୈମାସିକ

TATA STEEL

ଭିତ୍ତିରେ ଉତ୍ପାଦନ କମ୍ ହୋଇଛି। ଭାରତରେ କମ୍ପାନୀର ଡେଲିଭରି ଏହି ସମୟ ମଧ୍ୟରେ ୪.୯୪ ନିୟୁତ ଟନ୍ ହୋଇଛି, ଯାହା ବାର୍ଷିକ ଭିତ୍ତିରେ ୩% ବୃଦ୍ଧି ପାଇଛି। ଡେଲିଭରି ଦୃଷ୍ଟିରୁ ଏହା କମ୍ପାନୀର ସର୍ବକାଳୀନ ଶ୍ରେଷ୍ଠ ତ୍ରୈମାସିକ ସାବ୍ୟସ୍ତ ହୋଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଅଟୋମୋଟିଭ୍ ଓ ସ୍ୱତନ୍ତ୍ର ଉତ୍ପାଦ ବର୍ଗରେ ଡେଲିଭରି ୧୪% ବୃଦ୍ଧି ପାଇ ୦.୮ନିୟୁତ ଟନ୍ ହୋଇଛି। ଯାତ୍ରୀବାହୀ ଯାନ, ବାଣିଜ୍ୟିକ ଯାନ ଭଳି କ୍ଷେତ୍ରରେ ବଜାର ତୁଳନାରେ ଅଧିକ ଅଭିବୃଦ୍ଧି ହାସଲ ହୋଇଛି। ସେହିପରି ବ୍ରାଣ୍ଡେଡ୍ ଉତ୍ପାଦ ଓ ଖୁଚୁରା ବର୍ଗରେ ଡେଲିଭରି ବାର୍ଷିକ ଭିତ୍ତିରେ ୬% ବୃଦ୍ଧି ପାଇ ୧.୭ନିୟୁତ ଟନ୍ ହୋଇଛି। ଟାଟା ଟିସ୍‌କନ୍‌ର ଡେଲିଭରି ବାର୍ଷିକ ଭିତ୍ତିରେ ୧୫% ବୃଦ୍ଧି ପାଇଥିବା ବେଳେ ଟାଟା ଆଷ୍ଟ୍ରମ୍ ଓ ଟାଟା ଷ୍ଟିଲିଅମ୍ ପାଇଁ ବିକ୍ରି ଦୃଷ୍ଟିରୁ ଏହା ସର୍ବକାଳୀନ ଶ୍ରେଷ୍ଠ ବର୍ଷ ସାବ୍ୟସ୍ତ ହୋଇଛି। ସେହିପରି ଶିଳ୍ପ ଉତ୍ପାଦ ଓ ପ୍ରକଳ୍ପରେ ଡେଲିଭରି ୧.୮ନିୟୁତ ଟନ୍ ହୋଇଛି, ଯେଉଁଥିରେ ଇଞ୍ଜିନିୟରିଂ କ୍ଷେତ୍ରରେ ସର୍ବାଧିକ ବିକ୍ରି ହାସଲ ହୋଇଛି। ଟାଟା ଷ୍ଟିଲ୍ ଆସିଆନାରୁ ରାଜସ୍ୱ ୬୪୪କୋଟି ଟଙ୍କା ହୋଇଛି, ଯାହା ବାର୍ଷିକ ଭିତ୍ତିରେ ୭୩% ବଢ଼ିଛି ଏବଂ ସ୍ୱତନ୍ତ୍ର ଗ୍ରାହକ ସଂଖ୍ୟାରେ ୫୦% ବୃଦ୍ଧି ଘଟିଛି।

# ରଥଯାତ୍ରାରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣକୁ ଗୁରୁତ୍ୱ

**ଭୁବନେଶ୍ୱର, ୬।୭ (ଅଭୟ ଦାଶ)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ ସହ ନିରବଚ୍ଛିନ୍ନ ବିଜୁଳି ଯୋଗାଣକୁ ଗୁରୁତ୍ୱ ଦିଆଯାଇଛି। ଏପରିକି ୧୬୯ଏମ୍‌ଭିଏ କ୍ଷମତା ସହ ପୁରୀ ରଥଯାତ୍ରା ସମୟରେ ଆବଶ୍ୟକ ଥିବା ୭୩ ମେଗାୱାଟର ବିଦ୍ୟୁତ୍ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀ ପ୍ରସ୍ତୁତ ହୋଇଛି। ପୁରୀ ସହରରେ ଉନ୍ନତ ଲୋଡ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ ୪ଟି ପିଟିଆର୍‌କୁ ୮ଏମ୍‌ଭିଏରୁ ୧୨.୫/୧୬ ଏମ୍‌ଭିଏକୁ ବୃଦ୍ଧି କରାଯାଇଛି। ଏହି ସମୟ ମଧ୍ୟରେ ନିରବଚ୍ଛିନ୍ନ ଏବଂ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ କର୍ମଚାରୀ, ବିଜ୍‌ନେସ୍ ଆସୋସିଏଟ୍ସ, ଟିପିସିଓଡିଏଲ୍ ଏବଂ ଓଇଏମ୍‌ର ସୁଇଚ ଗିଅର ବିଶେଷଜ୍ଞଙ୍କୁ ଅନ୍ତର୍ଭୁକ୍ତ କରି ଟିପିସିଓଡିଏଲ୍ ୮୦୦ କର୍ମଚାରୀଙ୍କୁ ନିୟୋଜିତ କରିଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, ପୁରୀର ରଥଯାତ୍ରା କାର୍ଯ୍ୟକ୍ରମ ପ୍ରତି ଆମର ସମର୍ପଣ ଅତୁଟ ରହିଛି। ଏପରିକି ଆମେ ଆମର ଭିତ୍ତିଭୂମିକୁ ସୁଦୃଢ କରିବା ସହିତ ମାନବ ସମ୍ବଳର ଠିକ୍ ବ୍ୟବହାରକରି ନିରବଚ୍ଛିନ୍ନ ବିଜୁଳି ଯୋଗାଣ ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ରହିଛୁ। ବିଶେଷକରି ସମସ୍ତଙ୍କ ପାଇଁ ସୁରକ୍ଷିତ ଓ ଆନନ୍ଦଦାୟକ ରଥଯାତ୍ରା ଅନୁଭୂତି ସୁନିଶ୍ଚିତ କରିବା ସହ ସେବା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପାଇଁ ଟିପିସିଓଡିଏଲ୍ ପ୍ରତିଶ୍ରୁତିବଦ୍ଧ।


# Classified Everyday
**0674-2580101, 2549949**


MATRIMONIAL

**BRIDE WANTED**

Khandayat boy 32+/ B.Tech/MBA/SBI Manager/ "SUHAG"- 9938199964, 9090486408. D-674


REAL ESTATE

**SALE**

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-679

Ready to move 3BHK duplex sale Gudiapokhari, Bank Loan- 9827152441. D-675

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.- 3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

Now Matrimonial ads. only on Wednesday & Sunday Book 1 Get 1 FREE

**(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/- sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452.** D-75758

BDA plot for sale 50x75 Kalinga Nagar, paper ready (1.80cr. negotiable). Only owners to contact-(7008717032, 9437028705). D-565

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-671

Plot for sale Balasore 40 dismil near Hotel Zaika International, both side road, Owner. 8763066010. D-586

କଟକ- ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar ଏବଂ Sum-2 ହସ୍ପିଟାଲଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-75970

**Gharabadi boundary plot at ପୁରୀ ମାଳତୀ ପାଟପୁର sqft.-1200/-, 40ft. road, near Bus Stand & Rly Station. 7008067338, 9090746445.** D-75971

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965


CONSTRUCTION

**Construct your dream home @460/-, 850/-, 1325/- with branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-680




ତମାଣ୍ଡୋ ବଜାର ନିକଟରେ ଦୋତାଲା ୩ଟା ରୁମ୍ (13'x26'), ଚଉଡ଼ା ବାରଣ୍ଡା, କମ୍ପ୍ୟୁଟର, ଟ୍ୟୁଟୋରିଆଲ୍, ଜିମ୍, ଗୋଦାମ ପାଇଁ ବ୍ୟବହାର ଉପଯୋଗୀ। ଯୋଗାଯୋଗ- 9337415674, 9437607869 ୧୨୦୦ବର୍ଗଫୁଟ। ଧ-୬୦୯୮୧

**Tolet- Commercial for Office, Clinic, Show room near Capital Hospital (Govt.), BBSR. Contact- 9439195327.** D-658

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Relax, Refresh your body, Mind at Saikrupa Spa with best therapies. 8984068077.** D-678

Relax, refresh your body, mind by expert therapist. Contact: 9938843929. D-76132

Newly open health benefits spa special offer @999 Bapujinagar, 8018429809. D-76131

**Full body massage experience, good looking therapist @ 999 (Bhubaneswar). 9078484455.** D-676

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

Kerala body Massage best Therapist Bhubaneswar. 9337672475. D-614

Fully relaxed body massage trained therapist. Central SPA. 9556483961. D-75757

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

Affidavit before Executive Magistrate, Dhenkanal, I, Rashmita Prusty, W/o. Rabindra Kumar Prusty, At/P.O./P.S.-Bharatpur, Dist.- Khorda have changed my name from Tuni Prusty (nick name) to Rashmita Prusty for LIC Policy- 585279106 and all purposes. D-75436

By virtue of an affidavit No.-17394 dt.5.7.24 sworn before the Notary Public, Sambalpur, I, Pramod Kumar Barpanda, R/o. A/4, Gurunanak Complex, Panchagochhia, P.O./P.S.- Baraipali, Dist.- Sambalpur-768006 declare that in the Passport bearing No.- M-3314282 my name has been written as Pramod Kumar Panchanan Barpanda instead of Pramod Kumar Barpanda. That both the names belongs to one and same person. D-677

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰ଚିରଞ୍ଜିତା ମହାନ୍ତି**
ଆବିର୍ଭାବ- ୧୪।୧୧।୧୯୪୧
ତିରୋଧାନ- ୨୭।୦୬।୨୦୨୪
ତୁମ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଆଜି ଏକାଦଶାହରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପୁତ୍ର: ସିଦ୍ଧାର୍ଥ, ସୁବ୍ରତ, ସୁଶାନ୍ତ, ଶ୍ରୀମନ୍ତ, ସମ୍ବିଦ, କନ୍ୟା: କ୍ରୀଷ୍ଣା, କଲ୍ୟାଣୀ, ଜାମାତା: ସୁଭାଶିଷ, ପୁତୁରା: ନୀହାର ଓ ନାତି, ନାତୁଣୀ ସମସ୍ତ ପୁତ୍ରବଧୂ ଏବଂ ଆତ୍ମୀୟସ୍ୱଜନ।
ଧ-୬୮୧

**୨୩ତମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ଚିତ୍ତରଞ୍ଜନ ଦାସ**
ପଟିଆ, ଭୁବନେଶ୍ୱର
ଆବିର୍ଭାବ : ୨୪।୦୬।୧୯୨୪
ତିରୋଧାନ : ୨୨।୦୬।୨୦୦୧
ଚାହୁଁ ଚାହୁଁ ୨୩ ବର୍ଷ ବିତିଗଲା, ଆପଣଙ୍କ ଅନୁପସ୍ଥିତ ଆମମାନଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ନୀତି ଆଦର୍ଶରେ ଆମେ ଅନୁଗାମୀ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଏବେ ବି ଆମ ଜୀବନର ଉତ୍ସ। ପ୍ରଭୁଙ୍କଠାରେ ପ୍ରାର୍ଥନା ଆପଣଙ୍କ ଅମର ଆତ୍ମା ଶାନ୍ତିରେ ରହୁ।
ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ
ଧ-୬୮୩

**ଏକାଦଶାହ ଉପଲକ୍ଷେ**



**୰ଅଶୋକ କୁମାର ସାହୁ**
ପ୍ଲଟ୍ ନଂ.-୧୭୧/୪୨୦୯, ଶ୍ରୀ ବିହାର, ଖୋର୍ଦ୍ଧା
ଆବିର୍ଭାବ: ୨୧।୧୨।୧୯୪୮
ତିରୋଧାନ: ୨୭।୦୬।୨୦୨୪
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ମର୍ଣ୍ଣିଷପଣିଆ ତଥା ମାର୍ଗଦର୍ଶନ ଆମ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ, ଝିଅ: ଗୁଡ଼ିଆ, ଜ୍ୱାଇଁ: ବିଜି, ନାତି: ଭୁଗ୍ଗୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୩୬

**୧୮ ତମ ଶ୍ରାଦ୍ଧବାର୍ଷିକୀ**



**୰ ଦିଲୀପ ମିଶ୍ର**
୧୮୫, ଜନପଥ,ଭୁବନେଶ୍ୱର
ଆର୍ବିଭାବ: ତା ୨୧.୦୯.୧୯୪୦
ତିରୋଧାନ: ତା ୨୭.୦୬.୨୦୦୬ (ଶ୍ରୀ ଗୁଣ୍ଡିଚା)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ବନ୍ଧୁ ଓ ପରିବାର ବର୍ଗ
ଧ-୬୬୦

# କୁସୁମା କଟେଜ୍ ନିର୍ମାଣକୁ ନେଇ ବଢୁଛି ସନ୍ଦେହ

- ସିଏସ୍ଆର୍ ପାଣ୍ଠିର ଅପବ୍ୟବହାର
- ପ୍ରଶାସନ ନିଜ ଅଧୀନକୁ ନେବ: ଜିଲାପାଳ

ଯାଜପୁର,୬।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସହରର କୁସୁମା ପୋଖରୀ ପରିସରରେ ୨ ମହଲାବିଶିଷ୍ଟ ୯ଟି କଟେଜ୍ ନିର୍ମାଣକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଯାଜପୁର ପୌର ପରିଷଦ ପକ୍ଷରୁ ଏହି କଟେଜ୍‌ଗୁଡ଼ିକ କର୍ପୋରେଟ ସାମାଜିକ ଦାୟିତ୍ୱ(ସିଏସ୍ଆର୍) ପାଣ୍ଠିରୁ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ନିର୍ମାଣ ହୋଇଥିବା ଦାବି କରାଯାଉଥିବାବେଳେ ଜିଲା କ୍ରୀଡ଼ା ବିଭାଗ ଅଧିକାରୀ ତାଙ୍କ ପାଖରେ ଏନେଇ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସିଏସ୍ଆର୍ ପାଣ୍ଠି ଶିଳ୍ପ ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଉଦ୍ଦିଷ୍ଟ। ତେଣୁ କାହା ନିର୍ଦ୍ଦେଶରେ ଓ ସ୍ୱାର୍ଥରେ କଟେଜ୍‌ଗୁଡ଼ିକ ନିର୍ମାଣ ପାଇଁ ସିଏସ୍ଆର୍ ପାଣ୍ଠି ବ୍ୟବହାର ହୋଇଛି ବୋଲି ପ୍ରଶ୍ନ ଉଠିଛି।

ଯାଜପୁର ପୌର ପରିଷଦ ପକ୍ଷରୁ କଟେଜ୍‌ଗୁଡ଼ିକ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମରେ ଅଧିକାରୀ, ପ୍ରଶିକ୍ଷକ, ଖେଳାଳିଙ୍କ ରହିବା ପାଇଁ ନିର୍ମାଣ ହୋଇଥିଲା ବୋଲି ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ୨୦୨୧ରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାରୁ ଏଠାରେ କ୍ରୀଡ଼ା


କୁସୁମା ପରିସରରେ ଥିବା କଟେଜ୍।

ସମ୍ପର୍କିତ କେଉଁମାନେ, କେବେ ରହିଥିଲେ ଏବଂ ସେମାନଙ୍କ ନାମ ଓ ଠିକଣା ଆଦି ସାର୍ବଜନୀନ କରିବାକୁ ଦାବି କରାଯାଉଛି। ଏଭଳିସ୍ଥଳେ ଜିଲାପାଳ ନିଖିଲ ପବନ କଲ୍ୟାଣ କଟେଜ୍‌ଗୁଡ଼ିକର ନିର୍ମାଣ ଉପରେ ତଦନ୍ତ କରାଯିବ ଏବଂ ଜିଲା ପ୍ରଶାସନ ନିଜ ଅଧୀନକୁ ନେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ହେଁ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି।

ଜିଲାପାଳଙ୍କ ଜରିଆରେ ସିଏସ୍ଆର୍ ପାଣ୍ଠି ଖର୍ଚ୍ଚ ହେବ ଏବଂ ସିଏସ୍ଆର୍ ୱେବ୍ ପୋଟାଲ ମଧ୍ୟ ଜିଲାପାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ କରାଯିବ ବୋଲି ୨୫।୬।୨୦୧୮ରେ ବିଧାନସଭାର ୫୪ ନମ୍ବର ହଲ୍‌ରେ ଅନୁଷ୍ଠିତ ଗୃହ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ଏହି ନିଷ୍ପତ୍ତିର ୬ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ତାହା ବୈଠକର ବିବରଣୀରେ ସୀମିତ ରହିଛି। ଶିଳ୍ପ ଓ ଖଣି ଅଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣରେ ପ୍ରଭାବିତ ଲୋକଙ୍କ ସମସ୍ୟାଗୁଡ଼ିକ ଅସମାହିତ ରହିଛି। ଜିଲାରେ ଅନେକ ଗ୍ରାମ ଅଛି, ଯେଉଁଠାକୁ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ବିସ୍ଥାପିତମାନେ ସେମାନଙ୍କ ହକ୍ ପାଇବାରୁ ବଞ୍ଚିତ ରହିଛନ୍ତି। ଏଥିପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଛି। ଏଭଳି ଭାବେ ଅନେକ ସମସ୍ୟାରେ ଲୋକେ ରୁନ୍ଧି ହେଉଥିବାବେଳେ କାହା ସ୍ୱାର୍ଥରେ ସିଏସ୍ଆର୍ ପାଣ୍ଠିରେ କଟେଜ୍ ନିର୍ମାଣ ହେଲା ବୋଲି ବିଭିନ୍ନ ମହଲରେ ପ୍ରଶ୍ନ କରାଯାଉଛି।

ସୂଚନାଯୋଗ୍ୟ, କୁସୁମା ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ୨୦୧୫-୧୬ ଆର୍ଥିକ ବର୍ଷରେ କାମ ଆରମ୍ଭ ହୋଇଥିଲା। ଏଥିପାଇଁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୨୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୧୮ ମାର୍ଚ୍ଚ ୨୫ରେ ଯାଜପୁର ପୌର ପରିଷଦର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁସୁମାକୁ ଲୋକାର୍ପଣ କରିଥିଲେ। ଏହାପରେ ୨ ମାସ ପର୍ଯ୍ୟନ୍ତ କୁସୁମାକୁ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥିଲା। କିନ୍ତୁ କେତେକ ସୌନ୍ଦର୍ଯ୍ୟ କାର୍ଯ୍ୟ ଅଧାପନ୍ତରିଆ ରହିଥିବା ଦର୍ଶାଇ କୁସୁମାକୁ ପୁଣି ବନ୍ଦ କରି ଦିଆଯାଇଥିଲା। ସେହିଦିନଠାରୁ ବିଭିନ୍ନ ସମୟରେ ନିୟମିତ ଭାବେ ବିଭିନ୍ନ କାର୍ଯ୍ୟ ଆଳରେ ବନ୍ଦ କରାଯାଉଥିବା ନଜିର ରହିଛି।

## ଅପଶବ୍ଦ ବ୍ୟବହାରକୁ ନେଇ ଉଦ୍‌ବେଗ

### ଯାଜପୁର ନାଗରିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁର ଟାଉନ,୬।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ସହରରେ ଥିବା କୁସୁମା ପରିସରରେ ୯ଟି କଟେଜ୍‌କୁ ନେଇ କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ସମୟରେ ବିଭିନ୍ନ ଅପଶବ୍ଦ ବ୍ୟବହାର କରିବା ଦ୍ୱାରା ଯାଜପୁରବାସୀଙ୍କ ଭାବାବେଗ ପ୍ରତି ଆଘାତ ଲାଗିଛି। ଏ ନେଇ ଯାଜପୁର ନାଗରିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଅପଶବ୍ଦ ବ୍ୟବହାର କରିଥିବାରୁ ନାଗରିକ ସଂଘ ନିନ୍ଦା କରୁଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହିମର୍ମରେ ଯାଜପୁର ନାଗରିକ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଆଇନଜୀବୀ ପ୍ରବୀର କୁମାର ରାୟ, ରାଜୀବ କୁମାର ମହାନ୍ତି, ଶିକ୍ଷାବିତ୍ ବଟକୃଷ୍ଣ ମହାପାତ୍ର, ଆଇନଜୀବୀ ତଥା କାଉନସିଲର ହେମାଙ୍ଗିନୀ ମହାନ୍ତି, କ୍ରୀଡ଼ାବିତ୍ ଅୟସକାନ୍ତ ଧଳ, ନିତାଇଚାନ୍ଦ ମହାନ୍ତି, ବଳରାମ ମହାନ୍ତି ପ୍ରମୁଖ ଯୋଗଦେଇ ଏଭଳି ଅପଶବ୍ଦ ବ୍ୟବହାରକୁ ନିନ୍ଦା କରିଛନ୍ତି। ସମ୍ପୃକ୍ତ ବୈଦ୍ୟୁତିକ ଗଣମାଧ୍ୟମ ନିଜର ଅପଶବ୍ଦକୁ ୭୨ ଘଣ୍ଟା ମଧ୍ୟରେ ସଂଶୋଧନ ନ କଲେ ସଂଘ ରାସ୍ତାକୁ ଓହ୍ଲାଇବା ସହ ଆଇନର ଆଶ୍ରୟ ନେବ ବୋଲି ଚେତାବନୀ ଦିଆଯାଇଛି। ଶନିବାର ବିରଜା କଲ୍ୟାଣ ମଣ୍ଡପଠାରେ ଯାଜପୁର ନାଗରିକ ସଂଘ ଗଠିତ ହେବା ସହ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

## ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା ପକ୍ଷରୁ ବନମହୋତ୍ସବ

ଚଣ୍ଡିଖୋଲ,୬।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନସେବା କେନ୍ଦ୍ର ପକ୍ଷରୁ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ କୋର୍ଟ ପରିସରରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ତାଲୁକ ଅଧ୍ୟକ୍ଷ ତଥା ସବ୍‌ଜଜ ବିଶ୍ୱଦୀପକ ସାହୁ, ଜେଏମ୍ଏଫ୍‌ସି ପରବିନ ମଣ୍ଡଳ ଓ ଜେଏମ୍ଏଫ୍‌ସି ସ୍ମୃତିଅଭିଲାଷା ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ ଆସୋସିଏଶନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାଶ, ରିଟେନର ପ୍ରଦୀପ୍ତ ରଞ୍ଜନ କର, ପାଠାଗାର ସମ୍ପାଦକ ବିଜୟ ରାଉଳ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦୀନବନ୍ଧୁ ନାୟକ, ଜ୍ୟୋତିଶଙ୍କର ମହାପାତ୍ର, ଲକ୍ଷ୍ମୀପ୍ରିୟା କର, ସାଂସ୍କୃତିକ ସମ୍ପାଦକ ବିରେନ ବିଶ୍ୱାଳ, କ୍ରୀଡ଼ା ସମ୍ପାଦକ ତରୁଣ ବିଶ୍ୱାଳ, ନିଗମାନନ୍ଦ ପାତ୍ର, ଅଜିତ ରାଉତ, ଇନ୍ଦିରା ପ୍ରିୟଦର୍ଶିନୀ ଜେନା, ବନପାଳ ମନୋଜ ନାୟକ, ବିଦ୍ୟାଳୟ ଶିକ୍ଷୟିତ୍ରୀ ଆଭା ରାଉତ, ଉତ୍ତମ ଜେନା, ନାଜର ଲୋକନାଥ ମୁଣ୍ଡାଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର ଚାରାରୋପଣ କରିଥିଲେ।

# ଦନ୍ତା ଆକ୍ରମଣରେ ବନ ସୁରକ୍ଷା ସଦସ୍ୟ ମୃତ

ଚଣ୍ଡିଖୋଲ/ଛତିଆ,୬।୭(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ):

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ରେଞ୍ଜର ବନ୍ଧପଲୀ ଜଙ୍ଗଲରେ ଶନିବାର ସକାଳେ ଦନ୍ତା ହାତୀ ଆକ୍ରମଣରେ ଜଣେ ବନ ସୁରକ୍ଷା ସଦସ୍ୟଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବୈରୀ ଥାନା ଅନ୍ତର୍ଗତ ଶାଳପଡା ପଞ୍ଚାୟତ ଚାରିଗୋଛିଆ ଗ୍ରାମର ରବି ବିନ୍ଧାଣି(୩୪)।

ରବି ଓ ସେହି ଗ୍ରାମର ଅନ୍ୟ ଜଣେ ସକାଳେ ଜଙ୍ଗଲ ଜଗିବାକୁ ଯାଇଥିଲେ। ଏହି ସମୟରେ ଏକ ଜଙ୍ଗଲୀ ଦନ୍ତା ହାତୀ ରବିଙ୍କୁ ଦେଖି ଆକ୍ରମଣ କରିଥିଲା। ସେ ରବିଙ୍କୁ ଶୁଣ୍ଢରେ ଟେକି କଚାଡି ଦେବା ସହ ଗୋଡ଼ରେ ଦଳି ଦେଇଥିଲା। ଏହାଦେଖି ରବିଙ୍କ ସାଥିରେ ଥିବା ଅନ୍ୟ ଜଣେ ବ୍ୟକ୍ତି ଆସି ଗ୍ରାମରେ ଏହି ଖବର ଦେଇଥିଲା। ଫଳରେ ଗ୍ରାମବାସୀ ଓ ବନ ବିଭାଗର କର୍ମଚାରୀ ମିଳିତ ଭାବେ ଜଙ୍ଗଲକୁ ଯାଇ ରବିଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।


ମୃତକଙ୍କ ପରିବାରକୁ ସହାୟତା ପାଇଁ ବିଧାୟକ ବରୀ ରେଞ୍ଜରଙ୍କ ସହ ଆଲୋଚନା କରୁଛନ୍ତି।

ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଡ଼ଚଣା ବିଧାୟକ ଅମର ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ସହ ବୈରୀ ରେଞ୍ଜରଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ କ୍ଷତିପୂରଣ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଥାଉ କି, ଚାରିଗୋଛିଆ ଗ୍ରାମରେ ବନ ବିଭାଗ ପକ୍ଷରୁ ବନ ସୁରକ୍ଷା ସମିତି ଗଠନ କରଯାଇଛି। ଏଥିରେ ରବି ଜଣେ ସଦସ୍ୟ ଥିଲେ। ଶନିବାର ତାଙ୍କର ଜଙ୍ଗଲ ଜଗିବା ପାଳି ଥିବାରୁ ସେ ଜଙ୍ଗଲକୁ ଯାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ହାତୀ ଥିବା ନେଇ ବନ ବିଭାଗ ପକ୍ଷରୁ ମାଇକ ସାହାଯ୍ୟରେ ଯେଉଁ ପ୍ରଚାର କରାଯିବା କଥା ତାହା ହୋଇ ନ ଥିଲା। ଏ ସମ୍ପର୍କରେ ରେଞ୍ଜର ହିମାଂଶୁ ପୃଷ୍ଟିଙ୍କୁ ପଚାରିବାରୁ ସେ କହିଛନ୍ତି, ହାତୀ ଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ସେମାନେ ସତର୍କ ହୋଇ ପାରିଲେନି। ଯେଉଁଥି ପାଇଁ ଏତେ ବଡ଼ ଅଘଟଣ ଘଟିଲା।

## ବରୁଣେଶ୍ୱର ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ବିଞ୍ଝାରପୁର,୬।୭(ରାମକୃଷ୍ଣ ଦାସ):

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ ଚନ୍ଦ୍ର ପାଠୀଙ୍କ ନେତୃତ୍ୱରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକମରେ ମୁଖ୍ୟଅତିଥି ଭାବେ ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ ଯୋଗଦେଇ ଚାରାରୋପଣ କରିଥିଲେ। ଏଥିସହିତ ଚାରାରୋପଣ ସହ ବୃକ୍ଷର ଆବଶ୍ୟକତା ଉପରେ ନିଜର ମତ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉଦୟ ଭାନୁ ନାୟକ, ପୂର୍ବତନ ସଭାପତି ପ୍ରସନ୍ନ କୁମାର ପରିଡ଼ା, ପରିଚାଳନା କମିଟିର ସଭ୍ୟାସଭ୍ୟ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଚାରାରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଂଶୁମାନ


@ ପ୍ରଶାନ୍ତି


@ ତରଗିସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋପବନ୍ଧୁ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ

ବିଞ୍ଝାରପୁର,୬।୭(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ ତାଉଁତାରଠାରେ ଶାସନ୍ଦା ପଞ୍ଚାୟତ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ତାଉଁତରା ଛକ ପରିସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ କବି ଡ. ଶ୍ରୀହରି ଧଳ ଓ ସରପଞ୍ଚ କାମଦେବ ଧଳ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗୋପବନ୍ଧୁ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଧଳ



ପ୍ରକାଶ କରିଛନ୍ତି। ସାମ୍ବାଦିକ ସେକ ସଂୱାର, ସାମାଜିକ କର୍ମୀ ବୀରେନ୍ଦ୍ର ପଣ୍ଡା, ଅଭିରାମ ନାୟକ, ପ୍ରଫୁଲ ଦାସ, ବକ୍ତା ବାଳକ ରାମଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ଧର୍ମଶାଳା,୬।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟ ପରିସରରେ ଶନିବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି କାହ୍ନୁଚରଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ପଣ୍ଡିତ କାମଦେବ ଶତପଥୀ, ଅତିଥିଭାବେ ସ୍ତମ୍ଭକାର ନବଘନ ଜେନା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ବିଜୟ ଦେବତା, ଅର୍ଜୁନ ପୃଷ୍ଟି, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଗୋଲକ ଚନ୍ଦ୍ର ପଲେଇ, ବେଣୁଧର ଦାସ, ଅର୍ଜୁନ ଚରଣ ସାହୁ ଓ ସତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଗୋପବନ୍ଧୁଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଅତିଥିଙ୍କୁ ସ୍ୱାଗତ ଜଣାଇଥିବା ବେଳେ ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସବିତା ମିଶ୍ର ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ଅଞ୍ଚଳର ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସେହିପରି ଧର୍ମଶାଳା କଂଗ୍ରେସ ତରଫରୁ ଜାରକାସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। କଂଗ୍ରେସ ନେତା କିଷାନ ପଣ୍ଡାଙ୍କ ନେତୃତ୍ୱରେ ବସନ୍ତ ପରିଡ଼ା, ଅମରେନ୍ଦ୍ର ସାମଲ, କାର୍ତ୍ତିକ ସ୍ୱାଇଁ, ବୈଷ୍ଣବ ସାହୁ ଓ ଗଗନ ବିହାରୀ ରାଉତ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ।

## ଆଇଜି ମହିଳାକ ମହାବିଦ୍ୟାଳୟରେ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ

ଯାଜପୁରରୋଡ୍,୬।୭(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ (ଆଇଜି) ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ଅଧ୍ୟାପକ ମଳୟ କୁମାର ମଲ୍ଲିକ ପ୍ରଥମେ ଗୋପବନ୍ଧୁଙ୍କ ତୈଳଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଦାସେ ଆପଣେଙ୍କ ଜୀବନଚର୍ଯ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ସ୍ମୃତିରେଖା ସାହୁ, ପ୍ରଜ୍ଞାପାରମିତା ପତି, ସିଲି ସେଠୀ, ସାଗରିକା ଜେନା, ମମତାରାଣୀ ମାଝୀ, ଭାନୁମତୀ ମଲ୍ଲିକ ଓ ରମାରାଣୀ ମଲ୍ଲିକ ପ୍ରମୁଖ ଗୋପବନ୍ଧୁଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଦୁଲାଳଲକ୍ଷ୍ମୀ ମାଝୀ, ମନସ୍ମିତା ରାଉତ, ପ୍ରତ୍ୟାଶା ମିଶ୍ର ପ୍ରମୁଖ ଛାତ୍ରୀମାନଙ୍କ ଦ୍ୱାରା ଗୋପବନ୍ଧୁଙ୍କ ଜୀବନୀ ଉପରେ ସଂଗୀତ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇପ୍ସିତା ମାଝି, ମମତା ପାଢ଼ୀ, ସୋନି ସାହୁ, ପ୍ରିୟଙ୍କା ପଣ୍ଡା, ସଙ୍ଗୀତା ଦେଓ ଓ ସୁଭଦ୍ରା ଧଳ ପ୍ରମୁଖ ଛାତ୍ରୀ ଯୋଗଦେଇଥିଲେ। ଛାତ୍ରୀ ସ୍ମୃତିରେଖା ସାହୁ ଧନ୍ୟବାଦ ଦେଇଥିଲେ।

## ଉତ୍କଳମଣି ଥିଲେ ଓଡ଼ିଆ ଭାଷାର ପ୍ରାଣକେନ୍ଦ୍ର

ଯାଜପୁରରୋଡ୍,୬।୭(ପବିତ୍ର ରଞ୍ଜନ ମହାନ୍ତି):

ଭଗତ ସିଂ ଯୁବକ ସଙ୍ଘ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ରାମ ଧୂନ ପରେ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉତ୍କଳମଣି ସମସ୍ତ ସମାଜସେବୀଙ୍କ ଆଦର୍ଶ ବୋଲି ସଭାପତି ବିଶ୍ୱାଳ କହିଥିବାବେଳେ ସଂଘ ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ ଗୋପବନ୍ଧୁ ଓଡ଼ିଆ ଭାଷାର ପ୍ରାଣକେନ୍ଦ୍ର ଥିଲେ ବୋଲି କହିଥିଲେ। ସଂଘର ପୂର୍ବତନ ଉପସଭାପତି ଦୀପକ ଦାଶ ଗୋପବନ୍ଧୁଙ୍କ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହେବା ଉଚିତ ବୋଲି କହିଥିଲେ। ବ୍ୟଙ୍ଗକବି ବାଇଧର ମାଝୀ ଉତ୍କଳମଣି ସମସ୍ତ ଓଡ଼ିଆଙ୍କ ମନର ପ୍ରଣାବିନ୍ଦୁ ବୋଲି କହିଥିଲେ। ସଂଘ ସଦସ୍ୟ ହେମନ୍ତ ନାୟକ, ପରେଶ ଦାଶ, ଅକ୍ଷୟ ନାୟକ, ବିଜୟ ପଣ୍ଡା, ସନାତନ ମଲ୍ଲିକ ଓ କୈଳାଶ ମଲ୍ଲିକ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ହେମନ୍ତ ଧୀର ଧନ୍ୟବାଦ ଦେଇଥିଲେ।


ଭଗତ ସିଂ ଯୁବକ ସଂଘ କର୍ମକର୍ତ୍ତା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

# ୪୫ ଆଦିବାସୀଙ୍କୁ ମିଳିଲା ପଟ୍ଟା

କୋରେଇ,୬।୭(ଚନ୍ଦ୍ରକାନ୍ତ ପତି):

କୋରେଇ ବିଧାୟକ ଆକାଶ ଦାସନାୟକ ପାଟରଙ୍ଗା ପଞ୍ଚାୟତରେ ଚାରାରୋପଣ କରିବା ସହିତ ଜମିପଟ୍ଟା ବଣ୍ଟନ କରିଛନ୍ତି। ଶନିବାର ଅପରାହ୍ନରେ ସେ ଏହି ପଞ୍ଚାୟତ ଅଧୀନ ଗୋହିରାଗଡ଼ିଆ (ଅରଣ୍ୟମଦନା) ଗ୍ରାମର ବଣଭଙ୍ଗା ପଡ଼ିଆଠାରେ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଏଥିସହିତ ପରିବେଶ ସନ୍ତୁଳନ ପାଇଁ ବହୁ ମାତ୍ରାରେ ଗଛ ଲଗାଇବାକୁ ଏସଏଚ୍‌ଜି ମହିଳାମାନଙ୍କୁ ଅନୁରୋଧ କରିଥିଲେ। ଏଥିରେ ଯାଜପୁର ରୋଡ୍ ବନାଞ୍ଚଳ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ର ଏବଂ ବନବିଭାଗର ଏକାଧିକ କର୍ମଚାରୀ ସହଯୋଗ କରିଥିଲେ। ପରେ ସେହି ଗ୍ରାମର କ୍ଷେତ୍ରପାଳ ହାଇସ୍କୁଲ ପରିସରରେ ଆଦିବାସୀମାନଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ଗୋହିରାଗଡ଼ିଆ ଗ୍ରାମ ଭାଲୁକାହୁଡ଼ି ଆଦିବାସୀ ବସ୍ତିର ୪୫ ଜନଜାତି ପରିବାରଙ୍କୁ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ୪ ଡେସିମିଲର ଜମି ପଟ୍ଟା ପ୍ରଦାନ କରାଯାଇଛି। ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ ଓ ବିଧାୟକଙ୍କ ଉଦ୍ୟମକ୍ରମେ ଏହା ସମ୍ଭବ ହୋଇଥିବାରୁ ଆଦିବାସୀମାନେ ଉଭୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆର୍ଆଇ ରବିନାରାୟଣ ସାହୁ, ପାଟରଙ୍ଗା ସରପଞ୍ଚ ରଞ୍ଜନ ଦାସ, ଭାଜପା କର୍ମୀ ବସନ୍ତ କୁମାର କର, ନୀଳମାଧବ ଚକ୍ର, ଭାଜପା ନେତ୍ରୀ ଦୀପ୍ତିମୟୀ କୁଅଁର ଓ ଯୁବନେତା ଗୟାଧର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍ କାର୍ଯ୍ୟାଳୟରେ ନାହିଁ ପାନୀୟ ଜଳ, ଶୌଚାଳୟ

ବରୀ,୬।୭(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥାନାହିଁ। ଫଳରେ ଏଠାକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ପାନୀୟ ଜଳ ପାଇଁ ଉଦ୍ଦିଷ୍ଟ ଟ୍ୟାପଗୁଡ଼ିକ ଦୀର୍ଘ ଦିନ ଧରି ଅଚଳ ହୋଇପଡ଼ିଛି। ଲୋକେ ବାଧ ହୋଇ ନିକଟ ଦୋକାନରୁ ପାଣି ବଟଲ କିଣି ଶୋଷ ମେଣ୍ଟାଇବାକୁ ବାଧ ହେଉଛନ୍ତି। ସେହିପରି ବ୍ଲକ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ରହିଥିଲେ ମଧ୍ୟ ଜନସାଧାରଣଙ୍କ ପାଇଁ ତାହାନାହିଁ।


ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଅଚଳ ହୋଇପଡ଼ିଥିବା ପାନୀୟଜଳ ପ୍ରକଳ୍ପ ଟ୍ୟାପ୍।

କାର୍ଯ୍ୟାଳୟ ପରିସରରେ ଥିବା ଟ୍ୟାପ୍‌ଗୁଡ଼ିକରେ ଘାସଲତା ମାଡ଼ିଯାଇଛି। କାର୍ଯ୍ୟାଳୟରେ ପାନୀୟ ଜଳ ସୁବିଧା ପାଇଁ ବୋରୱେଲର ବ୍ୟବସ୍ଥା କରାଯାଇଥିଲା। ମାତ୍ର ତାହା ଅଚଳ ହେବା ପରେ ବି ଦାୟିତ୍ୱରେ ଥିବା ଅଧିକାରୀ ଏ କ୍ଷେତ୍ରରେ ଗୁରୁତ୍ୱ ନ ଦେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବ୍ଲକ ପରିସରରେ ଲାଗିଥିବା ଶୀତଳ ପାନୀୟ ଜଳ ମେଶିନ ଉପରେ ଶିଉଳି ମାଡ଼ିଯାଇଛି। ହେଲେ କିପରି ଅଧିକାରୀଙ୍କ ଏହା ନଜରକୁ ଆସୁନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ପଞ୍ଚାନନ ମଲ୍ଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

# ତୁଳସୀ କ୍ଷେତ୍ରରେ ୨ଦିନ ରଥଟଣା

କେନ୍ଦ୍ରାପଡ଼ା,୬।୭(ଜଗନ୍ନାଥ ଧଳ)

**ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ, ବ୍ୟାପକ ପୋଲିସ ବ୍ୟବସ୍ଥା**

ତୁଳସୀ କ୍ଷେତ୍ରରେ ଆସନ୍ତା ୭ ଓ ୮ ଦୁଇଦିନ ଧରି ଶ୍ରଦ୍ଧାଳୁ ଶ୍ରୀବ୍ରହ୍ମ ତାଳଧ୍ୱଜ ରଥ ଟାଣିବେ । ଏଥିପାଇଁ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥ ପ୍ରସ୍ତୁତି ଶେଷ ହୋଇଛି । ଚଳିତ ବର୍ଷ ନୀତି ନିର୍ଘଣ୍ଟ ଅନୁଯାୟୀ ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ ରବିବାର ଶ୍ରଦ୍ଧାଳୁ ପାଇବେ। ଅପରାହ୍ନ ୩ଟାରେ ବ୍ରହ୍ମ ତାଳଧ୍ୱଜ ରଥରେ ନେତ ବନ୍ଧା ହେବା ସହ ରଥ ପ୍ରତିଷ୍ଠା ହେବ । ଏସମ୍ପର୍କରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ତୁଳସୀ କ୍ଷେତ୍ରରେ ଶ୍ରୀଜୀଉଙ୍କ ରୀତିନୀତିରେ କିଛିଟା ଭିନ୍ନତା ଥିଲେ ମଧ୍ୟ ଜଗନ୍ନାଥ ସଂସ୍କୃତିକୁ ଅନୁକରଣ କରାଯାଉଛି । ଶ୍ରୀଜୀଉ ମଣି ବିଗ୍ରହ ହୋଇଥିବାରୁ ନବ କଳେବର ସମ୍ପର୍ଣ୍ଣ ହୁଏ ନାହିଁ । ଏହାବ୍ୟତୀତ ବ୍ରହ୍ମ ତାଳଧ୍ୱଜ ରଥରେ ଶ୍ରୀଜୀଉ ରଥାରୁଢ଼ ହେବପରେ ମାତ୍ର ୧୦୦ ମିଟର ମଧ୍ୟରେ ପ୍ରଥମ ଦିନ ଯାତ୍ରା କରିଥାନ୍ତି । ପରଦିନ ଏହି ରଥଯାତ୍ରା ସମ୍ପର୍ଣ୍ଣ ହୁଏ । ସେହିପରି ଶ୍ରୀକ୍ଷେତ୍ରରେ ଗୋଟି ପହଣ୍ଡି ହୋଇ ରଥକୁ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ ହୁଅନ୍ତି । ତେବେ ତୁଳସୀ କ୍ଷେତ୍ରରେ ଏକ ସଙ୍ଗରେ ବା ଧାଡି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି ଗମନ କରିଥାନ୍ତି । ବାହୁଡ଼ା ପରଦିନ ଶ୍ରୀକ୍ଷେତ୍ରରେ ସୁନାବେଶ ଅନୁଷ୍ଠିତ ହୋଇଥାଏ । ଏହି ସମୟରେ ଶ୍ରୀଜୀଉଙ୍କୁ ରଘୁନାଥ ବେଶ କରାଯାଏ ।

ରଥଯାତ୍ରାକୁ ନେଇ ସେବାୟତ ହିରଣ୍ୟ କୁମାର ପଣ୍ଡା କହିଛନ୍ତି, ରଥ ଅଘଟଣକୁ ନେଇ ଦୁଇଟି କଥା ଲୋକମୁଖରେ ଶୁଣାଯାଉଛି । ୧୮୯୭ରେ ଝାଡ଼ାବାନ୍ତି ରୋଗ ବ୍ୟାପୀଥିଲା । ସେହି ବର୍ଷ ରଥଯାତ୍ରାରେ ଶ୍ରୀଜୀଉଙ୍କ ମୁକୁଟର କିଛି



ଅଂଶରେ ପୋଡିଯିବା, ମଣ୍ଡପରୁ ରଣା ସାପ ବାହାରିଥିଲା । ଏହି ଘଟଣା ପରେ କିଛି ବଡ ଧରଣର ବିପଦ ଆସିବ ବୋଲି ସ୍ଥାନୀୟ ଲୋକଙ୍କୁ ସୂଚନା ମିଳିଥିଲା । ସେହିପରି ୧୯୧୭ରେ ରଥ ଚକ ଭାଙ୍ଗିବା ଘଟଣା ଏବେ ବି ଜନମୁଖରେ ଅଛି । ଏଥିସହିତ କରୋନା ସଂକ୍ରମଣ ପାଇଁ ୨୦୨୦ ଓ ୨୦୨୧ ଦୁଇ ବର୍ଷ ଧରି ରଥ ଟଣା ହୋଇ ପାରି ନାହିଁ । ଆସନ୍ତା ରଥଯାତ୍ରା ସମ୍ପର୍କରେ ଦେବାୟତ ନ ରେ । ଉ ମ କର କହିଛନ୍ତି, ତୁଳସୀ କ୍ଷେତ୍ରରେ ଶ୍ରୀବଳଦେବଜୀଉ ଅଧିପତି । ଏଠାରେ ଅନ୍ୟ କ୍ଷେତ୍ର ପରି ଶ୍ରୀଜୀଉ ୩ ରଥରେ ବିରାଜମାନ ହୁଅନ୍ତି ନାହିଁ । ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥରେ ଚତୁର୍ଦ୍ଧାମୂର୍ତ୍ତି ବିରାଜିତ ହୁଅନ୍ତି। ପ୍ରତିବର୍ଷ ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ମନ୍ଦିର ପ୍ରଶାସନ ସହିତ ସମସ୍ତ ସେବାୟତ ଓ କର୍ମଚାରୀଙ୍କ ମଧ୍ୟରେ ଏଥିପାଇଁ ଉତ୍ସାହ ଭରିଯାଇଛି । ଜିଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି । ରଥରେ ଶ୍ରୀଜୀଉଙ୍କ ଦର୍ଶନ ଓ ସେବାକୁ ନେଇ ବହୁ ଉତ୍ସାହିତ ଅଛୁ ବୋଲି ସେବାୟତମାନେ କହିଛନ୍ତି । ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଉପଜିଲାପାଳ ରବିନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ରଥଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରଥକୁ କାରିଗରମାନେ ଶେଷ ସ୍ପର୍ଶ ଦେଉଛନ୍ତି । ମନ୍ଦିରରେ ଦୁଇଦିନ ଧରି ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିବ । ରଥ ଟଣା ଦୁଇଦିନ ଧରି ହେବାକୁ ଥିବାରୁ ଏହି କ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି । ଏଥିସହ ଯାତାୟତ ଓ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି ।

# ୩ ପଞ୍ଚାୟତବାସୀଙ୍କ ସମସ୍ୟା ଶୁଣିଲେ ଶିଳ୍ପମନ୍ତ୍ରୀ

ତିର୍ତ୍ତୋଲ, ୬।୭ ( ଗୌରାଙ୍ଗ ଚରଣ ସ୍ୱାଇଁ)

ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଶନିବାର ସନ୍ଧ୍ୟାରେ ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନ ତିର୍ତ୍ତୋଲ ବ୍ଲକର ୩ଟି ପଞ୍ଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଲୋକଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। କୋଳର ପଞ୍ଚାୟତ ତାରତୋଲଠାରେ ସ୍ଥାନୀୟ ଜନସାଧାରଣ ମନ୍ତ୍ରୀଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ପରେ ସେଠାରେ ଏକ ଯାତ୍ରୀ ବିଶ୍ରାମ ସ୍ଥଳ ନିର୍ମାଣ ସହ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ମନ୍ତ୍ରୀ ସ୍ୱାଇଁ ସାମନ୍ତରାପୁର ପଞ୍ଚାୟତର ବିଳାସପୁର, ସାମନ୍ତରାପୁର ହାଇସ୍କୁଲ ନିକଟ, ସିରସ୍ତା ହାଟ ନିକଟ ଓ ଉକୁସାହିରେ ପହଞ୍ଚି ଲୋକମାନଙ୍କ ସହ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ



ତାରତୋଲଠାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଲୋକଙ୍କ ଦାବିପତ୍ର ଦେଖୁଛନ୍ତି ।

ଆଲୋଚନା କରିଥିଲେ। ସେହିପରି ଆମ୍ବେରୀ ପଞ୍ଚାୟତ ଗସ୍ତକରି ପ୍ରଥମେ ସୁଦର୍ଶନ ମଠ ପରିସରରେ ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ଭରାଗୋଳ ଗ୍ରାମରେ ପହଞ୍ଚି ଲୋକଙ୍କ ସମସ୍ୟା ଶୁଣିଥିଲେ। ମନ୍ତ୍ରୀ ସ୍ୱାଇଁଙ୍କ ଏହି ଗସ୍ତ ସମୟରେ ଜଡତିରୋ ସରପଞ୍ଚ ଶିବପ୍ରସାଦ ସାହୁ, କୋଳର ପଞ୍ଚାୟତ ଭାଜପା ସଭାପତି ନଳିନୀ କୁମାର ପାଣି, ଯୁବନେତା ସମରେନ୍ଦ୍ର ରାଉତ, ଆମ୍ବେରୀର ପୂର୍ବତନ ସରପଞ୍ଚ ବିକ୍ରମ ମହାନ୍ତି, ରାଜେଶ ମହାନ୍ତି, ରଞ୍ଜିତ କୁମାର କର, ଦେବାଶିଷ ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।

# ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

**ନାବାଳିକାଙ୍କୁ ବଳାତ୍କାର ମାମଲା**

କେନ୍ଦ୍ରାପଡ଼ା,୬।୭(ଜଗନାଥ ଧଳ):

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଞ୍ଚଳରେ ଘଟିଥିବା ଏକ ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି । ଆଡହକ ଏଡିଜେ ତଥା ଫାଷ୍ଟ ଟ୍ରାକ୍ କୋର୍ଟ ଜଜ୍ ଏହି ମାମଲା (ଥାନା କେସ ନଂ ୩୬୩/ ୨୦୨୧)ର ଶୁଣାଣୀ କରି ମାର୍ଶାଘାଇ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ଅରୁଣ କୁମାର ବେହେରାଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୨୦ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ପୀଡ଼ିତା ନାବାଳିକାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ପ୍ରାଧିକରଣକୁ ସୁପାରିଶ କରିଛନ୍ତି । ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ପେଶାଲ ପିପି ମନୋଜ କୁମାର ସାହୁ କହିଛନ୍ତି, ସଂପୃକ୍ତ ପୀଡ଼ିତା ମାମୁଘରେ ରୁହନ୍ତି । ୨୦୨୦ ଡିସେମ୍ବର ୯ ତାରିଖରେ ସେ ଅନ୍ୟଜଣେ ମାମୁଘରେ ଶୋଇଥିଲେ। ଏହି ସମୟରେ ଘରେ କେହି ନ ଥିଲେ । ଏହାର ସୁଯୋଗ ନେଇ ଅରୁଣ ତାଙ୍କୁ ବଳାତ୍କାର କରିଥିଲେ । ଫଳରେ ସେ ଗର୍ଭବତୀ ହୋଇଥିଲେ । ତାଙ୍କର ଗୋଟିଏ ଶିଶୁ କନ୍ୟା ମେଡିକାଲରେ ଜନ୍ମ ହୋଇଥିଲା। ଏନେଇ ସେ ୨୦୨୧ ଅଗଷ୍ଟ ୨୯ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା ।

# ଉତ୍କଳମଣିଙ୍କ ଶ୍ରାଦ୍ଧବାର୍ଷିକୀ

ରଘୁନାଥପୁର, ୬।୭(ରାଜେନ୍ଦ୍ର ନାରାୟଣ ସିଂହ):

ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ରଘୁନାଥପୁର ବ୍ଲକ ଛକରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ଏହି ଅବସରରେ ସଙ୍ଗଠନର କର୍ମକର୍ତ୍ତାମାନେ ରଘୁନାଥପୁର ବଜାରସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏକ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ସଙ୍ଗଠନର ଉପଦେଷ୍ଟା ବଂଶୀଧର ପଟ୍ଟନାୟକ, ଶିକ୍ଷାବିତ୍ ରମାରଞ୍ଜନ ସ୍ୱାଇଁ, ଆଇନଜୀବୀ ଗଗନ ଦାସ, ଅନନ୍ତ ପରିଡ଼ା, ସାମାଜିକ କର୍ମୀ ସ୍ନେହାଂଶୁ ଜେନା, ରଶ୍ମିରଞ୍ଜନ ସ୍ୱାଇଁ, ଦେବୀପ୍ରସାଦ ମହାରଣା ପ୍ରମୁଖ ଯୋଗଦେଇ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶକୁ ଆଗାମୀ ପିଢ଼ି ବଞ୍ଚାଇ ରଖିବାର ଅତ୍ୟନ୍ତ ଆବଶ୍ୟକତା ଥିବା ଉପରେ ଆଲୋକପାତ କରିଥିଲେ। ଏହାଛଡା ଆଗାମୀ ଦିନରେ ରଘୁନାଥପୁରର ସଚେତନ ଜନଗଣଙ୍କୁ ନେଇ ଗୋପବନ୍ଧୁଙ୍କ ଆଦର୍ଶକୁ ସମାଜରେ ଉଜ୍ଜୀବିତ ରଖିବାର ପ୍ରୟାସ କରାଯିବ ବୋଲି ସଂକଳ୍ପ ନେଇଥିଲେ। ଏମ ଏନ ହର୍ଷବର୍ଦ୍ଧନ, ଶରତ ଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ଦଳାଇ, ମକର ଭୋଇ, ବାବାଜୀ ରାଉତ, ସୁରେନ୍ଦ୍ର ଷଡ଼ଙ୍ଗୀ, ପ୍ରଦୀପ ସେଠୀ, ପ୍ରଦୀପ କୁମାର ବିହାରୀ,ସରିତ୍ ମହାପାତ୍ର ଓ ଉଲ୍ଲାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ଛୁରିରେ ଆକ୍ରମଣ: ୩ ଗିରଫ

ଏରସମା,୬।୭(ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ତଳକୁସୁମା ଗ୍ରାମରେ ପୂର୍ବଶତ୍ରୁତାରୁ ଜଣେ ମହିଳାଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏନେଇ ଏରସମା ଥାନାରେ ଅଭିଯୋଗ ହୋଇଛି। ଆହତ ମହିଳାଙ୍କୁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ହେଲେ ତଳକୁସୁମା ଗ୍ରାମର ରିଙ୍କିନା ସାହାଣୀ। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୋଠି ଗ୍ରାମର ପ୍ରକାଶ ନାୟକ, ବିଚିତ୍ରାନନ୍ଦ ନାୟକ ଓ କୁନିଲତା ନାୟକ। ଅଭିଯୋଗ ଅନୁସାରେ, ରିଙ୍କିନାଙ୍କ ସହ ପ୍ରକାଶଙ୍କର କୌଣସି ଘଟଣାକୁ ନେଇ ବିବାଦ ଲାଗି ରହିଥିଲା। ଶୁକ୍ରବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ ନେଇ ପ୍ରକାଶ, ବିଚିତ୍ର ଓ କୁନିଲତା ମିଳିତ ଭାବେ ରିଙ୍କିନାଙ୍କୁ ଆକ୍ରମଣ କରିଥିଲେ। ପ୍ରକାଶ ଏକ ଛୁରିରେ ତାଙ୍କ ଗାଲକୁ କାଟି ଦେଇଥିଲେ। ଏନେଇ ଏରସମା ଥାନାରେ ରିଙ୍କିନାଙ୍କ ମା' ଅଞ୍ଜନା ଅଭିଯୋଗ କରିବାପରେ ପୋଲିସ ମାମଲା( ନଂ. ୩୦୭/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

# ସ୍ୱଚ୍ଛ ଭାରତ, ଚାରାରୋପଣ କାର୍ଯ୍ୟକ୍ରମ

ଗଡ଼ସିଂହପୁର, ୬।୭ (ପ୍ରମୋଦ ନାୟକ):

**ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମବାର୍ଷିକୀ ପାଳିତ**

ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ପଞ୍ଚାୟତ ଅନ୍ତର୍ଗତ ମା' ଉଷାଦେବୀ ମନ୍ଦିର ପ୍ରାଙ୍ଗଣରେ ମହାନ ଦେଶଭକ୍ତ ସ୍ୱାଧୀନତା ସଂଗ୍ରାମୀ ଭାରତୀୟ ଜନସଂଘର ସଂସ୍ଥାପକ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମଦିବସ ୬ ଜୁଲାଇରୁ ପାଳନ କରାଯାଉଛି। ଏହି ଅବସରରେ ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ ଓ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ,ମିଡିଆ ସେଲର ଗଣେଶ ମହାନ୍ତି ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅତିଥିମାନେ ମନ୍ଦିର ପ୍ରାଙ୍ଗଣରେ ମନ୍ଦିରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରି ଏହାର ଚତୁଃପାର୍ଶ୍ୱରୁ ଅଳିଆ ଓ ଝାଡୁ ମାରି ସଫା କରିଥିଲେ। ପରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଲଣା ମଣ୍ଡଳ ସଭାପତି ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ ।

# ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୬।୭(ଜଗନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସହରର ପବ୍ଲିକ ରିଡିଂ ରୁମଠାରେ ଆୟୋଜିତ ସଭାରେ ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଏଥିରେ ଗାଳ୍ପିକା ଅବନ୍ତୀ ବେହେରା, ମାନସ ଭୂଷଣ ପଣ୍ଡିତ, ହୃଷିକେଶ ରଥ, ଶିକ୍ଷାବିତ୍ ଶ୍ରୀଚରଣ ପରିଡ଼ା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସେମାନେ ଉତ୍କଳମଣିଙ୍କ ସ୍ମୃତିଚାରଣ କରିଥିଲେ । ଏହି ସଭାକୁ ଚିତରଞ୍ଜନ ଦାସ, ଗୋଲକ ଚନ୍ଦ୍ର ପଢ଼ିହାରୀ ପ୍ରମୁଖ ପରିଚାଳନା କରିଥିଲେ ।

# ଛାତ୍ର, ଯୁବ କଂଗ୍ରେସର ବିକ୍ଷୋଭ

**ଭାଜପା ଯୁବମୋର୍ଚ୍ଚା କର୍ମୀଙ୍କ ହିଂସାକୁ ବିରୋଧ**

ଜଗତ୍‌ସିଂହପୁର, ୬।୭ (ପ୍ରମୋଦ ନାୟକ ):

ରାଜ୍ୟ ଛାତ୍ର ଓ ଯୁବ କଂଗ୍ରେସ ଡାକରାରେ ଜଗତ୍‌ସିଂହପୁରଠାରେ ଜିଲା ଛାତ୍ର ଓ ଯୁବ କଂଗ୍ରେସ ତରଫରୁ ଭାଜପା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗତ ୨ତାରିଖରେ ଭୁବନେଶ୍ୱର କଂଗ୍ରେସ ଭବନ ସମ୍ମୁଖରେ ଭାଜପା ଯୁବମୋର୍ଚ୍ଚାର କର୍ମୀମାନେ ପଥର ମାଡ ଓ ହିଂସା କରିଥିବା ଦର୍ଶାଇ କଂଗ୍ରେସ ଜିଲା ଛାତ୍ର ଓ ଯୁବ କଂଗ୍ରେସର କର୍ମୀମାନେ ଜଗତ୍‌ସିଂହପୁର ଟାଉନ ହଲ୍‌ସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଏଥିସହ ଶୋଭାଯାତ୍ରାରେ ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟକୁ ଯାଇଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ



ଛାତ୍ର ଓ ଯୁବ କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ମୋହନ ଚରଣ ମାଝିଙ୍କ କୁଶପୁତ୍ତଳିକା ଦାହ କରିବା ସହ ଉପରୋକ୍ତ ଦାବି ନେଇ ଡିଜି ଓ ଆଇଜିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜଗତସିଂହପୁର ଏସ୍‌ପିଙ୍କ ମାଧ୍ୟମରେ ଦେଇଥିଲେ। ପରେ ରାହୁଲ ଗାନ୍ଧୀଙ୍କ ଫଟୋରେ କ୍ଷୀର ଓ ଫୁଲ ଅଭିଷେକ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଆଦିତ୍ୟ ପ୍ରିତମ ଦାସ, ଜିଲା ଛାତ୍ର କଂଗ୍ରେସ ସଭାପତି ସାଇ ପ୍ରଭଞ୍ଜନ ମହାପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଫିଆଜମ, ଜଗତ୍‌ସିଂହପୁର ଯୁବ କଂଗ୍ରେସ ସଭାପତି ସ୍ୱରୂପ କାନୁନ୍‌ଗୋ, ଜିଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ରଘୁନାଥପୁର ବ୍ଲକ କଂଗ୍ରେସ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ବ୍ଲକ ଯୁବ କଂଗ୍ରେସ ସଭାପତି ଅମରେଶ ରାଉତ, ଭିକି ଶର୍ମା, ନୀହାର ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସମ୍ପାଦକ ସୁଜିତ ଦାସ, ନାରାୟଣ ନାୟକ ପ୍ରମୁଖ ଯୋଗଦେଇଥିଲେ।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଂଶୁମାନ



@ ପ୍ରଶାନ୍ତି



@ ତରଗିସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପତିତପାବନଜୀଉଙ୍କ ଅପେକ୍ଷାରେ ରଥ ଆଉ ପଥ

ପଟ୍ଟାମୁଣ୍ଡାଇ,୬।୭(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଶ୍ରୀପତିତପାବନ ଜୀଉଙ୍କ ରବିବାର ରଥଯାତ୍ରା । ଘଣ୍ଟଘଣ୍ଟା, ଶଙ୍ଖଧ୍ୱନୀରେ ଉଚ୍ଛୁଳି ଉଠିବ ଚାରିଦିନ। ଭକ୍ତଙ୍କ ଗହଳରେ ମାଉସୀ ଘରକୁ ଯିବେ ତିନି ଠାକୁର। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଶ୍ରୀଜୀଉଙ୍କ ରଥର ସାଜସଜ୍ଜାରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ ଓ କାରିଗର। ସମସ୍ତ ଶିଳ୍ପୀ ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଜାରି ରହିଛି। ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ସହିତ ସମାପନ କରିବାକୁ ପରିଚାଳନା କମିଟି ଲାଗି ପଡ଼ିଛନ୍ତି । ଏଥିପାଇଁ ବ୍ୟାପକ ପୋଲିସ ନିୟୋଜିତ ହେବେ ବୋଲି ସୂଚନା ମିଳିଛି।

# ବେଆଇନ ହୋଟେଲ ନିର୍ମାଣ ସମ୍ପର୍କରେ ତଦନ୍ତ ହେବ: ଜିଲାପାଳ

ରାଜନଗର/କେନ୍ଦ୍ରାପଡ଼ା, ୬।୭
(ଭାସ୍କର ରାଉତରାୟ/ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଭିତରକନିକା ଜାତୀୟ ଉଦ୍ୟାନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ରହିବା ଓ ଖାଇବା ପାଇଁ ସେଠାରେ ବନ ବିଭାଗର ରିସର୍ଟ ଓ କାଫେ ଥିବାବେଳେ ବାହାରେ ହୋମ୍‌ଷ୍ଟେ ଓ ହୋଟେଲ ଗଢ଼ିଉଠିଛି। ତେବେ କେତେକ ହୋଟେଲ ଜଙ୍ଗଲ ଜମିରେ ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତଦନ୍ତ ହେବ ବୋଲି କେନ୍ଦ୍ରାପଡ଼ା ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶନିବାର ଜିଲାସ୍ତରୀୟ ବନ ମହୋତ୍ସବରେ ଯୋଗଦେବାକୁ ଗୁପ୍ତି ଆସିଥିବାବେଳେ କହିଛନ୍ତି। ବନ ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ ତଦନ୍ତ କରିବା ପରେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଗଣମାଧ୍ୟମକୁ କହିଛନ୍ତି। ଅପରପକ୍ଷରେ ହୋଟେଲ ସ୍ୱାଦ ବ୍ୟକ୍ତିଗତ ଜମିରେ ନିର୍ମାଣ ହୋଇଥିବାବେଳେ ଏହାକୁ ରାଜନଗର ବିଧାୟକଙ୍କ ହୋଟେଲ କହି ଏକ ନିର୍ଦ୍ଦିଷ୍ଟ ଟିଭି ଚ୍ୟାନେଲ ମିଛ ଓ ଅରୁଚିକର ଖବର ପ୍ରସାରଣ କରୁଛି। ଏହା ବିରୋଧରେ ହୋଟେଲ ମାଲିକ ସୂର୍ଯ୍ୟ ନାରାୟଣ ଲେଙ୍କା ଥାନାରେ ଅଭିଯୋଗ କରିବା ସହ ସମ୍ପୃକ୍ତ ଟିଭି ଚ୍ୟାନେଲ, ପ୍ରତିନିଧି ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ୧ କୋଟି ଟଙ୍କାର ମାନହାନି ମକଦ୍ଦମା ଦାଏର କରିଛନ୍ତି ବୋଲି ଶନିବାର ଏକ ପ୍ରେସ୍ ବିବୃତିରେ ଉଲ୍ଲେଖ କରିଛନ୍ତି।

ହୋଟେଲ ମାଲିକ ଲେଙ୍କା କହିଛନ୍ତି, ପର୍ଯ୍ୟଟକଙ୍କ ରହିବା ପାଇଁ ଭିତରକନିକାର ବାଙ୍କୁଆଳଠାରେ 'ଭିତରକନିକା ମ୍ୟାନଗ୍ରୁଭ ହୋମ୍ ଷ୍ଟେ' ନିର୍ମାଣ ହୋଇଛି। ସରକାରଙ୍କ ନୀତିନିୟମ ମଧ୍ୟରେ ଏହା ନିର୍ମାଣ

**ଭିତରକନିକା**

**■ ମିଛ ଖବର ବିରୋଧରେ ୧ କୋଟି ଟଙ୍କାର ମାନହାନି ମକଦ୍ଦମା**

କରାଯାଇଛି। ଏଥିପାଇଁ ତାଙ୍କ ସ୍ତ୍ରୀ ଋଣ କରିଛନ୍ତି ବୋଲି ଲେଙ୍କା କହିଛନ୍ତି। ଏପରିକି ତାଙ୍କ ନାଁରେ ଥିବା ବାଙ୍କୁଆଳ ମୌଜାର ଖାତା ନଂ. ୬/୧, ପ୍ଲଟ ନଂ.୩୫ରେ ଭିତରକନିକା ମ୍ୟାନଗ୍ରୁଭ ହୋମ୍ ଷ୍ଟେ ଓ ସ୍ୱାଦ ହୋଟେଲ ନିର୍ମାଣ କରାଯାଇଛି। ଆଇନ ବ୍ୟବସ୍ଥା ଅନୁଯାୟୀ ଏହା ନିର୍ମାଣ ହେବା ସାଙ୍ଗକୁ ବ୍ୟବହାର ହେଉଛି। ଅନ୍ୟ ବଡ଼ ହୋଟେଲରେ ଯେଉଁ ନୀତି ନିୟମରେ ଲୋକେ ରହୁଛନ୍ତି, ସେହି ଅନୁଯାୟୀ ମ୍ୟାନଗ୍ରୁଭ ହୋମ୍ ଷ୍ଟେରେ ପର୍ଯ୍ୟଟକମାନେ ରହୁଛନ୍ତି। କୌଣସି ଜଙ୍ଗଲ ଜମି ଜବରଦଖଲ କରିନାହୁଁ। ବରଂ ଅନ୍ୟ ୫ଟି ହୋଟେଲ ସମ୍ପୂର୍ଣ୍ଣ ଭାବେ ଜଙ୍ଗଲ ଜମିରେ ଗଢ଼ିଉଠିଛି ବୋଲି ଲେଙ୍କା ଉଲ୍ଲେଖ କରିଛନ୍ତି। ଚାନ୍ଦା ମାଗି ବିଫଳ ହେବା ପରେ ଆମର ବ୍ୟକ୍ତିଗତ ସମ୍ପତ୍ତିକୁ ବିଧାୟକଙ୍କ ହୋଟେଲ କହି କପୋଳକଳ୍ପିତ ଖବର ପ୍ରକାଶ କରୁଥିବା ନିର୍ଦ୍ଦିଷ୍ଟ ଟିଭି ଚ୍ୟାନେଲ, ତାଙ୍କ ପ୍ରତିନିଧି ଓ ତାଙ୍କ ସହଯୋଗୀଙ୍କ ନାଁରେ ରାଜନଗର ଥାନାରେ ମାମଲା (କେସ୍ ନଂ ୨୪୫) ରୁଜୁ ହୋଇଛି। ଏହି ମିଥ୍ୟା ଖବର ଆମ ପରିବାରର ସମ୍ମାନହାନି କରିଥିବାରୁ ସେମାନଙ୍କ ନାଁରେ ୧ କୋଟି ଟଙ୍କାର ମାନହାନି ମକଦ୍ଦମା ତାଙ୍କ ସ୍ତ୍ରୀ ପୁଷ୍ପଲତା ସ୍ୱାଇଁ ଦାଏର କରିଥିବା ଲେଙ୍କା କହିଛନ୍ତି। ସିଭିଲ ଜଜ୍ କୋର୍ଟ ସିନିୟର ଡିଭିଜନ ପଟ୍ଟାମୁଣ୍ଡାଇରେ କେସ୍ ନଂ ୨୧୫/୨୦୨୪ରେ ଏହି ମାନହାନି ମକଦ୍ଦମା ଦାଏର ହୋଇଥିବା ସେ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## କୁକୁରା ମାଂସ ଜବତ, ଜଣେ ଗିରଫ

ଓଡ଼ଗାଁ, (ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ କର୍ମଚାରୀମାନେ ଶନିବାର ଅପରାହ୍ଣ ପ୍ରାୟ ୨ ସମୟରେ ଚଢ଼ାଉ କରି କଟା ହୋଇଥିବା ୩ କେଜି କୁକୁରା ମାଂସ ଓ ତାର ଗୋଡ଼ ଜବତ କରିଛି । ଏହି ଘଟଣାରେ ବାଣ୍ଡପୁର ପଞ୍ଚାୟତ ଚେମେଡି ଗାଁର ତ୍ରିଲୋଚନ ନାହାକ(୩୭)ଙ୍କୁ ଗିରଫ କରାଯାଇଛି। ଏହା ସହିତ ନିକିତି, ବଟକରା, କଟୁରୀ ଓ ଫାସ ମଧ ଜବତ ହୋଇଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.ଓଆର ୧୦/୨୪/୨୫)ରୁଜୁ ହୋଇଛି।

# ଅଧ୍ୟାପକଙ୍କୁ ତଦନ୍ତ କମିଟିର କ୍ଲିନ୍‌ଚିଟ୍

ନୟାଗଡ଼,୬।୭
(ଲୋକନାଥ ମିଶ୍ର)



### ଟ୍ୟୁଶନ ନ ଯିବାରୁ ନମ୍ବର କାଟ୍ ପ୍ରସଙ୍ଗ

■ ନମ୍ବର କାଟ୍ ହୋଇ ନ ଥିବା କହିଲେ ଅଧ୍ୟକ୍ଷ
■ ତଦନ୍ତ ଉପରେ ଅସନ୍ତୋଷ ବ୍ୟକ୍ତ କଲେ ଛାତ୍ରୀ

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକଙ୍କ ପାଖରେ ଟ୍ୟୁଶନ ନ ହେବାରୁ ଇଣ୍ଟରନାଲ ଓ ପ୍ରାକ୍ଟିକାଲରେ ନମ୍ବର କାଟି ଦିଆଯିବାର ଅଭିଯୋଗ ବହୁ ପୁରୁଣା। ଏଭଳି ଘଟଣାକୁ ନେଇ କେହି ପ୍ରତିବାଦ କରୁ ନ ଥିବାବେଳେ ଯୁକ୍ତ ୩ କମ୍ପ୍ୟୁଟର ବିଜ୍ଞାନ ଅନର୍ସର ପ୍ରଥମ ବର୍ଷର ଛାତ୍ରୀ ବିଦ୍ୟାବିଜିତା ମହାନ୍ତି ମହାବିଦ୍ୟାଳୟର ଅଧ୍ୟାପକଙ୍କ ଟ୍ୟୁଶନ ନିଶା ଓ ନମ୍ବର କାଟିବା ପ୍ରସଙ୍ଗ ସମ୍ପର୍କରେ ମୁହଁ ଖୋଲି ଅକ୍ରୋଶର ଶିକାର ହୋଇଥିଲେ। ତେବେ ଅଭିଯୋଗକୁ ମହାବିଦ୍ୟାଳୟର ୬ଜଣିଆ ତଦନ୍ତ କମିଟି ଅସ୍ୱୀକାର କରି ଅନିୟମିତତା ହୋଇ ନ ଥିବାର ତଦନ୍ତ ରିପୋର୍ଟ ମିଳିଛି ବୋଲି ଅଧ୍ୟକ୍ଷ ଦର୍ଶାଇବା ପରେ ତଦନ୍ତ ଉପରେ ପ୍ରଶ୍ନ ଉଠାଇଛନ୍ତି ଅଭିଯୋଗ କରିଥିବା ଛାତ୍ରୀ।

ଛାତ୍ରୀ ବିଦ୍ୟାବିଜିତା ମହାନ୍ତି ଏନେଇ କୁହନ୍ତି , ମୁଁ କରିଥିବା ଅଭିଯୋଗରେ ଆଦୌ ମିଥ୍ୟା ନ ଥିଲା। ମୁଁ କାହିଁକି ମୋର ଗୁରୁମାନଙ୍କ ବିରୋଧରେ ମିଥ୍ୟାରେ ଅଭିଯୋଗ ଆଣିବି। ତେବେ ନମ୍ବର କାଟିବା ପ୍ରସଙ୍ଗ ପ୍ରମାଣ ହୋଇଗଲେ ମହାବିଦ୍ୟାଳୟ ବଦନାମ ହୋଇଯିବ ବୋଲି ପ୍ରଚାର କରାଗଲା। ଏପରି କି ମୁଁ ଅଭିଯୋଗ କରିଥିବାରୁ ମୋର କେତେଜଣ ସହପାଠୀ ଓ ଅନ୍ୟ ଛାତ୍ରୀଛାତ୍ର ମୋତେ କମେଟ କରୁଛନ୍ତି। ହେଲେ ଅଭିଯୋଗ କରି ନ୍ୟାୟ ପାଇଲି ନାହିଁ। ତେବେ ମହାବିଦ୍ୟାଳୟର ଅଧ୍ୟାପକମାନେ ଯେଉଁ ଟ୍ୟୁଶନ କରୁଛନ୍ତି ତାହା ମଧ୍ୟ ବନ୍ଦ ହୋଇ ପାରିଲା ନାହିଁ। ମୋ ଅଭିଯୋଗକୁ ତଦନ୍ତ ଆଳରେ ସିନା ଚାପି ଦିଆଗଲା ହେଲେ ନମ୍ବର କାଟିବା ପ୍ରସଙ୍ଗକୁ ଅଣଦେଖା କରିବା ଠିକ୍ ନୁହେଁ। ମୋ ପରି ଆଗକୁ ଅନ୍ୟଛାତ୍ରୀଛାତ୍ର ମଧ ହଇରାଣ ନ ହୁଅନ୍ତୁ। ମୁଁ ପୁଣି ସେହି ମହାବିଦ୍ୟାଳୟରେ ଆଗକୁ ହଇରାଣ ଯେପରି ନ ହେବି ତାହା କହି ପାରିବି ନାହିଁ। ମୋର ଅଭିଯୋଗକୁ ସରକାର ଗୁରୁତ୍ୱ ଦେବା ଦରକାର ବୋଲି କହିଛନ୍ତି।

ପ୍ରକାଶ ଯେ, ଛାତ୍ରୀ ଅଭିଯୋଗ କରିଥିଲେ କମ୍ପ୍ୟୁଟର ସାଇନ୍ସ ବିଭାଗରେ କାର୍ଯ୍ୟରତ ଅଧ୍ୟାପିକା ଅଧ୍ୟାପକ ନିଜ ଘରେ ଘରୋଇ ଟ୍ୟୁଶନ କରୁଛନ୍ତି। ଟ୍ୟୁଶନ କରି ନ ଯିବାରୁ ଅକ୍ରୋଶ ମୂଳକ ମନୋଭାବ ରଖି ପରୀକ୍ଷାରେ ନମ୍ବର କାଟି ଦେଲେ। ଅଧ୍ୟାପିକା ଅଧ୍ୟାପକ ଘରୋଇ ଟ୍ୟୁଶନ କରୁଥିବାରୁ ମହାବିଦ୍ୟାଳୟରେ ନିୟମିତ ପାଠ ପଢ଼ାଉ ନ ଥିଲେ। ଅଧିକାଂଶ କମ୍ପ୍ୟୁଟର ଅଚଳ ଯୋଗୁ ପ୍ରକ୍ଟିକାଲ କ୍ଲାସ ଠିକରେ ହେଉ ନ ଥିଲା। ମହାବିଦ୍ୟାଳୟରେ ପାଠ ପଢ଼ା ନ ଯିବା ଓ ଅନ୍ୟ ବିଷୟ ନେଇ ପୂର୍ବତନ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ନ୍ୟାୟ ମିଳି ନ ଥିଲା। ବରଂ ରାଗ ରଖି ପ୍ରଥମ ସେମିଷ୍ଟାର ପରୀକ୍ଷାର ଇଣ୍ଟରନାଲ ପରୀକ୍ଷାରେ ନମ୍ବର କାଟି ଦେଲେ। ତେବେ ଟ୍ୟୁଶନ କରିଥିବା ଛାତ୍ରୀଛାତ୍ର ଭଲ ନମ୍ବର ପାଇଲେ ବୋଲି ଦର୍ଶାଇ ନ୍ୟାୟ ମାଗିଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ୬ଜଣିଆ ତଦନ୍ତ କମିଟି ଗଠନ କରି ତଦନ୍ତ କରିଥିଲେ। ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ପଟ୍ଟନାୟକ କୁହନ୍ତି, ଟ୍ୟୁଶନ ନ କରିବାରୁ ନମ୍ବର କାଟିବା ପ୍ରସଙ୍ଗ ଅଭିଯୋଗ ଆସିବା ପରେ ତଦନ୍ତ କମିଟି ଗଢ଼ା ଯାଇ ତଦନ୍ତ କରାଯାଇଥିଲା। ହେଲେ ଛାତ୍ରୀଙ୍କ ଅଭିଯୋଗରେ ସତ୍ୟତା ନ ଥିବା କମିଟି ରିପୋର୍ଟ ଦେଇଛି। ଅନ୍ୟପକ୍ଷେ ଅଧ୍ୟାପକ ଅଧ୍ୟାପିକା ଟ୍ୟୁଶନ କରିବା ନେଇ ସେପରି ପ୍ରମାଣ ମିଳି ନାହିଁ। ମହାବିଦ୍ୟାଳୟରେ ପାଠପଢ଼ା ସମୟରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଠିକ୍‌ରେ ପାଠ ପଢ଼ାଉଛନ୍ତି। ଅଧ୍ୟାପିକା ଅଧ୍ୟାପକ ଟ୍ୟୁଶନ କରୁଥିବାର ପ୍ରମାଣ ମିଳିଲେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଂଶୁମାନ



@ ପ୍ରଶାନ୍ତି



@ ତରଗିସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅପରାହ୍ଣ ୫ଟାରେ ରଣପୁରରେ ରଥଟଣା



ରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ପ୍ରସ୍ତୁତ ହୋଇ ରହିଥିବା ୩ ରଥ ।

### ରଥ ପଥ ପ୍ରସ୍ତୁତ, ବ୍ୟାପକ ପୋଲିସ ବ୍ୟବସ୍ଥା

ରଣପୁର,୬।୭
(ସୁକାନ୍ତ କିଶୋର ଡାକୁଆ)

ଦ୍ୱିତୀୟ ଶ୍ରୀକ୍ଷେତ୍ର ତଥା ନୟାଗଡ଼ ଜିଲା ରଣପୁରରେ ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ରବିବାରରେ ରଥଯାତ୍ରା ଅନୁଷ୍ଠିତ ହେବ। ସେଥିପାଇଁ ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ରଥ ପଥ ବି ପ୍ରସ୍ତୁତ ହୋଇଛନ୍ତି। ଏହା ସହିତ ଶ୍ରଦ୍ଧାଳୁଙ୍କ ମନରେ ଆନନ୍ଦ ଭରି ରହିଛି। ଜଗନ୍ନାଥ, ବଳଭଦ୍ର ଭଉଣୀ ସୁଭଦ୍ରାଙ୍କୁ ଧରି ମନ୍ଦିର ସିଂହାସନ ଛାଡି ଭକ୍ତଙ୍କ ଗହଣରେ ଦାଣ୍ଡକୁ ଆସିବେ। ରଥରେ ବସି ମାଉସୀ ମା'ମନ୍ଦିରକୁ ଯିବେ। ଏଥିପାଇଁ ରଣପୁର ଚଳଚଞ୍ଚଳ ହୋଇ ଉଠିଛି । ରଥକୁ ମହାରଣାମାନେ ଶେଷ ସ୍ପର୍ଶ ଦେଇସାରିଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଡିଏସ୍‌ପିଙ୍କ ସମେତ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ମନ୍ଦିର ପ୍ରଶାସନ ତରଫରୁ ରବିବାର ସକାଳ ୮ ଟାରେ ଅବକାଶ ବଲ୍ଲଭ, ସକାଳ ୯ଟାରେ ରଥ ପ୍ରତିଷ୍ଠା, ଅପରାହ୍ଣ ସାଢ଼େ ୨ଟାରେ ପହଣ୍ଡି, ଅପରାହ୍ଣ ୪ଟାରେ ଛେରା ପହଁରା ଓ ଅପରାହ୍ଣ ୫ ଟାରେ ରଥଟଣା ଆରମ୍ଭ ହେବ ବୋଲି ରଣପୁର ଦେବତ୍ତର ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ପଥରଖଣି, ବାଲିଘାଟ ସ୍ଥଳରେ ନାଲି ପତାକା ଲାଗିଲା

ଖଣ୍ଡପଡ଼ା,୬।୭
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ତହସିଲ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲ, ପାହାଡ଼ରୁ ଲଘୁ ଖଣିଜ ସମ୍ପଦ ଚୋରାରେ ଚାଲାଣ ହେଉଥିଲା। ବିଭିନ୍ନ ବାଲିଘାଟରୁ ବେନିୟମ ଭାବେ ଚୋରାରେ ବାଲି ଚାଲାଣ ଚାଲିଥିଲା। ଫଳରେ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିଲେ। ବେଆଇନ ଭାବେ ଖଣ୍ଡପଡ଼ା ତହସିଲ ଅନ୍ତର୍ଗତ କଣ୍ଟିଲୋ ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା ବରଗୁଡି ମୁଣ୍ଡିଆ, ବାରଖୋଲା ଜଙ୍ଗଲ, ହଟିଆପଲ୍ଲୀ ଓ ଘଣାଶାଳିଆ ପାହାଡ ଆଦି ପଥର ଖଣିରୁ ଚୋରାରେ ଲଘୁ ଖଣିଜ ସମ୍ପଦ ଏବଂ ମହାନଦୀସ୍ଥିତ କୁମୁଣ୍ଡି ଓ ବାଣପୁର ବାଲି ଘାଟରୁ ବେନିୟମ ଭାବେ ବାଲି ଚାଲାଣ ହେଉଥିବାରୁ ଏ ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରାଯାଇଛି। ଶୁକ୍ରବାର କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ପଙ୍କଜିନୀ ମାଝି ସଂପୃକ୍ତ ପାହାଡ ଓ ବାଲିଘାଟରେ ପହଞ୍ଚି ସେଠାରୁ ବେଆଇନ ଚାଲାଣ ରୋକିବା ପାଇଁ ନାଲି ପତାକା ଲଗାଇଛନ୍ତି। ଫଳରେ ସଂପୃକ୍ତ ପାହାଡ ଓ ବାଲି ଘାଟରୁ ଚୋରା ଚାଲାଣକୁ ରୋକା ଯାଇଛି ।

# ଚିକିତ୍ସା ଅବହେଳାରୁ କଏଦୀଙ୍କ ମୃତ୍ୟୁ ଅଭିଯୋଗ

ନୟାଗଡ଼,୬।୭(ଲୋକନାଥ ମିଶ୍ର)

ଖୁଣ୍ଟୁବନ୍ଧସ୍ଥିତ ନୟାଗଡ଼ ସବ୍‌ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀ ଗଣେଶ ନାୟକ(୬୫)ଙ୍କ ଶନିବାର ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସବ୍‌ଜେଲ କର୍ତ୍ତୃପକ୍ଷ ଓ ଡାକ୍ତରଙ୍କ ଅବହେଳା ଯୋଗୁ ଗଣେଶଙ୍କ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ଏନେଇ ସବ୍‌ଜେଲ ସୁପରିଟେଣ୍ଡେଣ୍ଟ ପ୍ରଫୁଲ୍ଲ କୁମାର କବି କୁହନ୍ତି, ଶରଣକୁଳ ଥାନା ପାଣଗାଁ ପଲ୍ଲୀର ଗଣେଶ ୪ମାସ ତଳେ ସବ୍‌ଜେଲକୁ ଆସିଥିଲେ। ସେ ସାଇକାଟିଆ ରୋଗରେ ଆକ୍ରାନ୍ତ ଥିଲେ। ସବ୍‌ଜେଲରେ ଔଷଧ ଖାଉଥିଲେ। ରବିବାର ପୂର୍ବାହ୍ନରେ ଜଳଖିଆ ଖାଇବା ପରେ ବାନ୍ତି ହୋଇ



ଗଣେଶ ନାୟକ

ଅସୁସ୍ଥ ହୋଇ ପଡିଲେ। ବିପି ବଢ଼ିଗଲା। ସବ୍‌ଜେଲରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଡାକ୍ତର କ୍ୟାପିଟାଲ ହସ୍ପିଟାଲକୁ ରେଫର କରିଥିଲେ। ଭୁବନେଶ୍ୱର ନେବା ବାଟରେ ରଣପୁର ଥାନାର ସୁନାଖଳାଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେଲା। ତାଙ୍କୁ ସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ରଣପୁର ଥାନାରେ କଏଦୀଙ୍କ ମୃତ୍ୟୁ ନେଇ ଅଭିଯୋଗ କରାଯାଇଛି। ରଣପୁର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଚିକିତ୍ସାରେ ଅବହେଳା ଅଭିଯୋଗ ସତ ନୁହେଁ। ସକାଳେ ସେ ଅସୁସ୍ଥ ହେବା ପରେ ଆମେ ତାଙ୍କ ଚିକିତ୍ସା ବ୍ୟବସ୍ଥା କରିଛୁ। ଗଣେଶଙ୍କ ପୁଣି ୫ଜଣ ସମ୍ପର୍କୀୟ ସବ୍‌ଜେଲରେ ଅଛନ୍ତି।

# ନୟାଗଡ଼ରେ ରଥଯାତ୍ରା ପାଇଁ ପ୍ରସ୍ତୁତି




ନୟାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରେ ତିନି ରଥ ।

ନୟାଗଡ଼,୬।୭ (ଲୋକନାଥ ମିଶ୍ର)

ଜିଲାର ୪ ଗଡଜାତ ନୟାଗଡ଼, ଖଣ୍ଡପଡ଼ା, ରଣପୁର ଓ ଦଶପଲ୍ଲାରେ କାହିଁ କେଉଁ କାଳରୁ ପାଳିତ ହୋଇ ଆସୁଛି ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା । ରବିବାର ଶ୍ରୀଜୀଉଙ୍କ ଘୋଷଯାତ୍ରା ପାଇଁ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ରଥ ଓ ପଥ ପ୍ରସ୍ତୁତ ହୋଇ ରହିଛନ୍ତି। ନୟାଗଡ଼ ପୁରୁଣାସହରଠାରେ ବିଜେ ଜଗନ୍ନାଥଙ୍କ ୯ଟାରେ ରଥ ପ୍ରତିଷ୍ଠା, ୧୦.୩୦ରେ ପହଣ୍ଡିବିଜେ, ସାଢ଼େ୧ଟାରେ ଛେରାପହଁରା ଓ ଅପରାହ୍ଣ ୫ଟାରେ ରଥ ଟଣା କରାଯିବା ବୋଲି ଘୋଷଣା କରାଯାଇଛି । ନୟାଗଡ଼ ରଥଯାତ୍ରା ପାଇଁ ୩ ପ୍ଲାଟୁନ ଏପିଆର ଫୋର୍ସ, ଗୋଟିଏ ପ୍ଲାଟୁନ ସ୍ପେଶାଲ ପୋଲିସ ଅଫିସରଙ୍କ ସମେତ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ରଣପୁର, ଶରଣକୁଳ, ଦଶପଲ୍ଲା ଓ ଖଣ୍ଡପଡ଼ାରେ ଅନୁରୂପ ବ୍ୟବସ୍ଥା ହୋଇଛି। ଗୋଡିପଡା, ଶରଣକୁଳରେ ବି ରଥ ଓ ପଥ ପ୍ରସ୍ତୁତ ହୋଇ ରହିଛନ୍ତି।

# ନଦୀରୁ ଉଦ୍ଧାର ଅଜଗରକୁ ଜଙ୍ଗଲରେ ଛଡ଼ାଗଲା

ଖଣ୍ଡପଡ଼ା,୬।୭
(ଅଜୟ କୁମାର ମହାରଣା)

ଶନିବାର ସକାଳେ କଣ୍ଟିଲୋ ମହାନଦୀ ଓ କମେଇ ସଙ୍ଗମ ସ୍ଥଳରୁ ସ୍ଥାନୀୟ ଅଞ୍ଚଳର ଧୀବର ବଳରାମ ବେହେରା ମାଛ ମାରୁଥିବା ବେଳେ ଏକ ଅଜଗର ସାପ ଜାଲରେ ଲାଗି ଯାଇଥିଲା। ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଥିଲା । ବନପାଳ ବିଜୟ କୁମାର ପରିଡା, ଅଶୋକ କୁମାର ମୁଦୁଲି ଓ ବନମାଳୀ ମୁଦୁଲି ପହଞ୍ଚି ୭ଫୁଟ ଲମ୍ବର ଏହି ସାପଟିକୁ ଉଦ୍ଧାର କରି ନିକଟସ୍ଥ ଏକ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ।

# ଖବରଦାତା ସମ୍ମିଳନୀ ଡାକିଲେ, ଆସିଲେ ନାହିଁ

### ଏସ୍‌ପିଙ୍କୁ ଅପେକ୍ଷା କରି ଫେରିଲେ ଖବରଦାତା

ନୟାଗଡ଼,୬।୭
(ଲେକାନାଥ ମିଶ୍ର)

ଶନିବାର ଅପରାହ୍ନରେ ନୟାଗଡ଼ ଏସ୍‌ପି ରାହୁଲ ଜୈନ ରଥଯାତ୍ରା ଉଦ୍ଦେଶ୍ୟରେ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଡାକିଥିଲେ। ହେଲେ ଖବରଦାତା ସମିଳନୀ ପାଇଁ ନିଜେ ଆସିଲେ ନାହିଁ କି କାହାକୁ ଏଥିପାଇଁ ଦାୟିତ୍ୱ ଦେଇ ନ ଥିଲେ। ଖବରଦାତାମାନେ ବହୁ ସମୟ ଅପେକ୍ଷା କରି ଫେରିଥିଲେ। ଏହି ଘଟଣାକୁ ନେଇ ଖବରଦାତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

କିଛି ଦିନ ତଳେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ରଥଯାତ୍ରା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ସମ୍ପର୍କରେ ପୋଲିସ ଓ ସାମ୍ବାଦିକ ଗ୍ରୁପରେ ଖବରଦାତାମାନେ ଉପସ୍ଥିତ ରହିବାକୁ ନୟାଗଡ଼ ଏସ୍‌ପି ଜୈନ ସୂଚନା ଦେଇଥିଲେ। ବୈଠକରେ ପହଞ୍ଚିବା ବେଳକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା ଏହା ରୁଦ୍ଧଦ୍ୱାର ବୈଠକ ବୋଲି ସୂଚନା ଦେଇଥିଲେ। ଖବରଦାତାମାନେ ଫଟୋ ଓ ଭିଡିଓ ଉତ୍ତୋଳନ କରିବା ପରେ ବୈଠକ ଆରମ୍ଭ ହେବ ବୋଲି କହିଥିଲେ। ଏହାକୁ ନେଇ ନୟାଗଡ଼ ଖବରଦାତାଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଶନିବାର ସମାନ ସ୍ଥିତି ସୃଷ୍ଟି ହୋଇଥିଲା। ନୟାଗଡ଼ ପୋଲିସ ମୁଖ୍ୟାଳୟରେ ଅପରାହ୍ଣ ସାଢେ ୪ଟା ରଥଯାତ୍ରା ସମ୍ପର୍କୀତ ଖବରଦାତା ସମ୍ମିଳନୀ ଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଥିଲେ। ବୈଠକ ଅବ୍ୟବହିତ ପୂର୍ବରୁ ଖବରଦାତାମାନେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେହି ସମୟରେ ବର୍ଷା ହେଉଥିବାରୁ କୌଣସି ପୋଲିସ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ଦେଖିବାକୁ ମିଳି ନ ଥିଲା। ଖବରଦାତାମାନେ ବାହାରେ ଅପେକ୍ଷା କରିଥିବା ବେଳେ ଅପରାହ୍ଣ ୪ଟା ୫୬ ମିନିଟ୍ ସମୟରେ ଏସ୍‌ପି ଜୈନ ରଣପୁରରୁ ଫେରୁଥିବା ଏବଂ ୩୦ ମିନିଟ ମଧ୍ୟରେ ପହଞ୍ଚିବା ନେଇ ସୂଚନା ଦେଇଥିଲେ। ଏସ୍‌ପିଙ୍କ ସୂଚନାନୁସାରେ ଉପସ୍ଥିତ ଖବରଦାତାମାନେ ଅପେକ୍ଷା କରିଥିଲେ ସୁଦ୍ଧା ଏସ୍‌ପି କାର୍ଯ୍ୟାଳୟକୁ ଆସି ନ ଥିଲେ। ଏହାକୁ ନେଇ ସମସ୍ତ ଖବରଦାତା ଫେରି ଆସିଥିଲେ। ଏହି ଘଟଣାକୁ ନେଇ ଖବରଦାତାମାନେ କ୍ଷୋଭ ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ନୀଳମାଧବ ପୂଜକ ସମାଜ

ଖଣ୍ଡପଡ଼ା,୬।୭
(ଅଜୟ କୁମାର ମହାରଣା)

ଶୁକ୍ରବାର ନୀଳମାଧବ ପୂଜକ ସମାଜର କର୍ମକର୍ତ୍ତା ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। କର୍ମକର୍ତ୍ତା ନୀଳମାଧବଙ୍କ ପ୍ରତିମୂର୍ତ୍ତି ସହ ଠାକୁରଙ୍କ ଭୋଗ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରି ଶ୍ରୀଜୀଉଙ୍କ ଦର୍ଶନରେ ଆସିବାକୁ ନିମନ୍ତ୍ରଣ କରିଛନ୍ତି। ପୂଜକ ସମାଜର କର୍ମକର୍ତ୍ତା ମନ୍ଦିର ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ପରିଚାଳକ

### ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଲେ

ନିଯୁକ୍ତି କରିବା, ମନ୍ଦିରର ବାର୍ଷିକ ପରିଚାଳନା ପାଇଁ ରାଜ୍ୟ ସରକାର ବଜେଟ୍‌ରେ ଅର୍ଥ କିମ୍ବା କର୍ପସ ଫଣ୍ଡର ବ୍ୟବସ୍ଥା କରିବା, ମନ୍ଦିରର ପୂର୍ବଦ୍ୱାର ପରିକ୍ରମା ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ, ନୀଳମାଧବ ପୀଠର ପ୍ରଚାର ପ୍ରସାର ଦିଗରେ ରାଜ୍ୟ ସରକାର ଧ୍ୟାନ ଦେବା ସହ ଏହି ପୀଠକୁ କେନ୍ଦ୍ର ପର୍ଯ୍ୟଟନ ପୀଠର ମାନ୍ୟତା ଦେବା ପାଇଁ



ମୁଖ୍ୟମନ୍ତ୍ରୀଙ୍କୁ ପୂଜକ ସମାଜ ପକ୍ଷରୁ ନୀଳମାଧବଙ୍କ ଫଟୋଚିତ୍ର ପ୍ରଦାନ କରାଯାଉଛି ।

ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ବିଶେଷ ଏହି ପୀଠରେ ପର୍ଯ୍ୟଟକମାନଙ୍କ ସ୍ନାନ ଶୌଚାଦି ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ମନ୍ଦିର ୪ ଦ୍ୱାର ନିକଟରେ ଶୌଚାଳୟ ନିର୍ମାଣ ଏବଂ କଣ୍ଟିଲୋ ଅଞ୍ଚଳର ବର୍ଷା ତଥା ଡ୍ରେନ ପାଣି ନିଷ୍କାସନ ବ୍ୟବସ୍ଥା ସହିତ ବାରମ୍ବାର ବିଦ୍ୟୁତ ବିଭ୍ରାଟ ପାଇଁ ମନ୍ଦିରରେ ବଡ ଜେନେରେଟର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କୀତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକଙ୍କ ଜରିଆରେ ପ୍ରଦାନ କରାଯାଇଛି। ବିଧାୟକ ଚାହିଁଲେ ମୋର ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି ମୁଖ୍ୟମନ୍ତ୍ରୀ ମାଝି କହିଥିଲେ। ବିଧାୟକ ସ୍ୱାଇଁଙ୍କ ସହ ପୂଜକ ସମାଜର ସଭାପତି, ସମ୍ପାଦକ, ଉପଦେଷ୍ଟା, ଗ୍ରନ୍ଥାଗାରିକ ଏବଂ ସଦସ୍ୟ ଯଥାକ୍ରମେ ସୀମାଞ୍ଚଳ ମିଶ୍ର, ପ୍ରଶାନ୍ତ କୁମାର ମିଶ୍ର, ନିହାର ରଞ୍ଜନ ମିଶ୍ର, ଶ୍ରବଣ ରାମ ମିଶ୍ର, ରାମଚନ୍ଦ୍ର ମିଶ୍ର, ପୀତବାସ ମିଶ୍ର, ଚିତ୍ତ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରି କ୍ୱାର୍ଟରରେ ସିନ୍ନର, କ୍ରେଜିକୋଭା



ଶଟ୍ ଖେଳୁଛନ୍ତି ବାର୍ବୋରା କ୍ରେଜିକୋଭା।

**ୱିମ୍ବେଲଡନ୍, ୬।୭(ପି.ଟି.)**

ଟେନିସ୍ ଗ୍ରାଣ୍ଡସ୍ଲାମ ୱିମ୍ବେଲଡନ୍‌ର ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି ଇଟାଲୀର ଜାନିକ୍ ସିନ୍ନର, ଜେଲେନା ଓଷ୍ଟାପେଙ୍କୋ ଓ ବାର୍ବୋରା କ୍ରେଜିକୋଭା। ପୁରୁଷ ସିଙ୍ଗଲ୍ସ

**ୱିମ୍ବେଲଡନ୍**

ବର୍ଗରେ ଏକ ନମ୍ବର ସ୍ଥାନରେ ଥିବା ଜାନିକ୍ ସିନ୍ନର ୬-୧, ୬-୪, ୬-୨ ସିଧାସଳଖ ସେଟରେ ସର୍ବିୟାର ମିଓମିର କେସମାନୋଭିକଙ୍କୁ ପରାସ୍ତ କରିଥିଲେ। ଅନ୍ୟ ପୁରୁଷ ଖେଳାଳିଙ୍କ ମଧ୍ୟରେ ବେନ୍ ଶେଲଟନ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ୫ ସେଟର କଡା ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ପରେ ବିଶ୍ୱ ମାନ୍ୟତାର ୧୪ ନମ୍ବର ଖେଳାଳି ଶେଲଟନ ୬-୭(୪-୭), ୬-୨, ୬-୪, ୪-୬ ଓ ୬-୨ରେ ବିଜୟୀ ହୋଇଥିଲେ।

ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ୧୩ ନମ୍ବର ସ୍ଥାନରେ ଥିବା ଜେଲେନା ଓଷ୍ଟାପେଙ୍କୋ ଅଣସିଡେଡ୍ ବର୍ନାର୍ଡା ପେରାଙ୍କୁ ୬-୧, ୬-୩ରେ ପରାସ୍ତ କରିଥିଲେ। ଅନ୍ୟ ପକ୍ଷରେ ୩୧ ନମ୍ବର ସିଡ୍ ବାର୍ବୋରା କ୍ରେଜିକୋଭା ୬-୦ ଓ ୪-୩ରେ ଆଗୁଆ ରହିଥିବା ବେଳେ ସ୍ପେନ୍‌ର ଜେସିକା ବୋଜାସ ମାନେରିଓ ଆହତ ହୋଇ ଓହରି ଯାଇଥିଲେ। ପୂର୍ବରୁ ଜେସିକା ଡିଫେଣ୍ଡିଂ ଚାମ୍ପିୟନ ମାର୍କେଟା ଭୋଣ୍ଡ୍ରୋସୋଭାଙ୍କ ପରାସ୍ତ କରି ବିପର୍ଯ୍ୟୟ ଘଟାଇଥିଲେ।



ଶନିବାର କଳିଙ୍ଗ ଷ୍ଟାଡିୟମରେ କ୍ରୀଡା ଓ ଯୁବ ବ୍ୟାପାର, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଓ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ ସମ୍ପାଦକ ଅଭିଜିତ୍ ପଲ୍।

# ସାତ୍ତ୍ୱିକ, ସାଇନା ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୬।୭**
**(ସରୋଜ ଜେନା)**

ଅଲ ଓଡ଼ିଶା ଚେସ ଆସୋସିଏସନ (ଏଓସିଏ) ପକ୍ଷରୁ ଜୁଲାଇ ୫ ତାରିଖରେ ଭୁବନେଶ୍ୱରର ପ୍ରୋଚେଷ୍ଟାରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବରେ ସାଇନା ସଲୋନିକା ଓ ସାତ୍ତ୍ୱିକ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଛି। ଉଗାଣ୍ଡାର ଏଣ୍ଟେବିରେ ଆୟୋଜିତ ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ ପ୍ରତିଯୋଗିତା ୨୦୨୪ରେ ସାଇନା ରୌପ୍ୟ ପଦକ ଏବଂ ଜର୍ଜିଆରେ ଆୟୋଜିତ ଫିଡେ ୮ ବର୍ଷରୁ କମ୍ ବିଶ୍ୱକପରେ ସାତ୍ତ୍ୱିକବ୍ରୋଞ୍ଜ ପଦକ ଜିତିଥିଲେ। ଏଓସିଏ ପକ୍ଷରୁ ଉଭୟ ଖେଳାଳିଙ୍କୁ ୨୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରୀଡା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏବଂ ଅତିରିକ୍ତ ସଚିବ ଶୁଭ୍ରାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ। ଏଓସିଏ ସଚିବ ଦେବବ୍ରତ ଭଞ୍ଜ ଅତିଥି ଓ ଦର୍ଶକଙ୍କୁ ସ୍ୱାଗତ କରିଥିଲେ। ଆଇଏମ. ସ୍ୱୟଂଶୁ ସତ୍ୟପ୍ରଜ୍ଞ , କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର, ସୂର୍ଯ୍ୟକାନ୍ତ ବିଶୋଇ, ଆଇଏମ୍ ଭବେଶ ମହାନ୍ତି, ଶୁଭାଶିଷ ପଟ୍ଟନାୟକ, ବିଶ୍ୱଜିତ ରାୟ,ବିକ୍ରମ କେଶରୀ ବିଶ୍ୱାଳ, ଏସ ସତ୍ୟକାମ, ଶୟନ ଦାସ, ଅଭିଶିଖା ପଟ୍ଟନାୟକ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହା ସହ ଏଣିକି କୌଣସି ଜାତୀୟ ପ୍ରତିଯୋଗିତାରେ ଚାମ୍ପିୟନ ହେଲେ ଖେଳାଳିଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେଦେବବ୍ରତ ଭଞ୍ଜ।




ଟ୍ରଫି ଓ ମାନପତ୍ର ସହ ଅତିଥିଙ୍କ ଗହଣରେ ସାତ୍ତ୍ୱିକ ସ୍ୱାଇଁ ଓ ସାଇନା ସଲୋନିକା।

## ପ୍ରଥମ ଥର ସେମିରେ କାନାଡା

**ଆରଲିଙ୍ଗଟନ୍, ୬।୭ (ପି.ଟି.):** ଭେନେଜୁଏଲାକୁ ପେନାଲ୍ଟି ଶୁଟ୍‌ଆଉଟରେ ହରାଇ ପ୍ରଥମ ଥର କୋପା ଆମେରିକା ସେମିଫାଇନାଲରେ ପ୍ରବେଶ କରିଛି କାନାଡା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିବା ପରେ କାନାଡା ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୪-୩ରେ ବିଜୟୀ ହୋଇଥିଲା। କାନାଡା ପକ୍ଷରୁ ଜାକବ ଶାଫେଲବର୍ଗ ୧୩ ମିନିଟରେ ଓ ଭେନେଜୁଏଲା ପକ୍ଷରୁ ସାଲୋମନ ରାଣ୍ଡୋନ ୬୪ ମିନିଟରେ ସ୍କୋର କରିଥିଲେ। ଶୁଟ୍‌ଆଉଟ୍‌ରେ ସାଲୋମନ ରାଣ୍ଡୋନ, ଟୋମାସ ରିଙ୍କନ ଓ ଯୋଣ୍ଡର କାଡିଜ୍ ଭେନେଜୁଏଲା ପକ୍ଷରୁ ଓ ଜୋନାଥନ ଡେଭିଡ, ମୋଏସ୍ ବୋମ୍ବିଟୋ ଓ ଆଲଫୋନ୍ସୋ ଡେଭିସ୍ କାନାଡା ପକ୍ଷରୁ ସ୍କୋର କରିଥିଲେ। ସଡନ୍ ଡେଥ୍‌ରେ କାନାଡାର ଇସମାଇଲ କୋନ୍ ସ୍କୋର କରି ଦଳକୁ ବିଜୟୀ କରିଥିଲେ।

## ଭାମ୍ବ୍ରି-ଓଲିଭେଟି ଯୋଡ଼ିଙ୍କ ବିଦାୟ

**ଲଣ୍ଡନ, ୬।୭(ପି.ଟି.):** ଭାରତର ଯୁକି ଭାମ୍ବ୍ରି ଓ ତାଙ୍କ ଫ୍ରେଞ୍ଚ ପାର୍ଟନର ଅଲ୍‌ବାନୋ ଓଲିଭେଟି ୱିମ୍ବେଲଡନ ଟେନିସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଇଣ୍ଡୋ-ଫ୍ରେଞ୍ଚ ଯୋଡ଼ି ଜର୍ମାନୀର କେଭିନ କ୍ରାୱିଜ ଓ ଟିମ୍ ପୁଏଜ୍‌ଙ୍କଠାରୁ ୬-୪, ୪-୬, ୩-୬ରେ ହାରିଯାଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ୨ ଘଣ୍ଟା ୫ ମିନିଟ ଧରି ଚାଲିଥିଲା। ଭାମ୍ବ୍ରି ଓ ଓଲିଭେଟି ଓପନିଂ ରାଉଣ୍ଡରେ କାଜାଖସ୍ତାନର ଆଲେକ୍‌ଜାଣ୍ଡର ବବ୍‌ଲିକ ଓ ଆଲେକ୍‌ଜାଣ୍ଡର ଶେଭଚେଙ୍କୋଙ୍କୁ ହରାଇ ଦେଇଥିଲେ।

## ବିଶ୍ୱଯୁଦ୍ଧ ପାଇଁ ଅଲିମ୍ପିକ୍ସ ବାତିଲ

ଅଲିମ୍ପିକ୍ସର ଷଷ୍ଠ ସଂସ୍କରଣ ୧୯୧୬ରେ ଜର୍ମାନୀର ବର୍ଲିନରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ବିଶ୍ୱଯୁଦ୍ଧ-୧ କାରଣରୁ ଏହାକୁ ବାତିଲ କରାଯାଇଥିଲା। ଯୁଦ୍ଧ କାରଣରୁ ସମୁଦାୟ ୩ଥର ଅଲିମ୍ପିକ୍ସ ବାତିଲ ହୋଇଥିବା ବେଳେ ୧୯୧୬ରେ ଏହା ପ୍ରଥମ ଥର ହୋଇଥିଲା। ଅଲିମ୍ପିକ୍ସ ବିଡିଂରେ ବର୍ଲିନ ୫ ଭେନ୍ୟୁକୁ ପଛରେ ପକାଇଥିଲା। ଆଲେକଜାଣ୍ଡ୍ରିଆ, ଆମଷ୍ଟରଡମ, ବ୍ରସେଲ୍ସ, ବୁଦାପେଷ୍ଟ ଓ କ୍ଲିଭ୍‌ଲାଣ୍ଡକୁ ପଛରେ ପକାଇଥିଲା। ତେବେ ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀ ଅଂଶଗ୍ରହଣ କରିବା କାରଣରୁ ଅଲିମ୍ପିକ୍ସ ବାତିଲ ହୋଇଥିଲା। ୧୯୧୨ରେ ଜର୍ମାନୀକୁ ଆୟୋଜନ ଅଧିକାର ମିଳିବା ପରେ ଏହା ଡିଉଟେଶ୍ଚସ ଷ୍ଟାଡିୟମ(ଜର୍ମାନୀ ଷ୍ଟାଡିୟମ) ନିର୍ମାଣ ଆରମ୍ଭ କରିଥିଲା। ୧୮୦୦୦ ଦର୍ଶକ କ୍ଷମତା ବିଶିଷ୍ଟ ଷ୍ଟାଡିୟମ ୮ ଜୁନ୍ ୧୯୧୩ରେ ଉଦ୍‌ଘାଟିତ ହୋଇଥିଲା। ତେବେ ସିଧାସଳଖ ଯୁଦ୍ଧରେ ଜର୍ମାନୀର ସମ୍ପୃକ୍ତି କାରଣରୁ ଏହି ଗେମ୍ ବାତିଲ ହୋଇଯାଇଥିଲା। ୧୯୨୪ରେ ଜର୍ମାନୀ ଶୀତକାଳୀନ ଅଲିମ୍ପିକ୍ସ ଆୟୋଜନ କରିଥିବା ବେଳେ ୧୯୩୬ରେ ସମର ଅଲିମ୍ପିକ୍ସ ଆୟୋଜନ କରିବାର ସୁଯୋଗ ପାଇଥିଲା।

**ପ୍ୟାରିସ୍ ଅଲିମ୍ପିକ୍ସ**




**ଆଉ ୧୯ ଦିନ**

# ଜିମ୍ବାୱେଠାରୁ ହାରିଲା ଭାରତ

**ହରାରେ,୬।୭(ପି.ଟି.)**

ଟି୨୦ ବିଶ୍ୱକପ୍ ଚାମ୍ପିୟନ ଭାରତ ପରାଜୟରୁ ଏହାର ଜିମ୍ବାୱେ ଗସ୍ତ ଆରମ୍ଭ କରିଛି। ୫ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ ହରାରେ ସ୍ପୋର୍ଟ୍ସ କ୍ଲବରେ ଖେଳା ଯାଇଥିବା ବେଳେ ଭାରତ ୧୩ ରନ୍‌ରେ ହାରି ଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୨୦ ଓଭରରେ ୯ ଉଇକେଟ ହରାଇ ୧୧୫ ରନ୍ କରିଥିଲା। ଜବାବରେ ଭାରତ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ୍ କରିଥିଲା। ଭାରତ ପକ୍ଷରୁ ଅଭିଷେକ ଶର୍ମା, ରିୟାନ ପରାଗ ଓ ଧ୍ରୁବ୍ ଜୁରେଲ ଏହି ମ୍ୟାଚ୍‌ରେ ପଦାର୍ପଣ କରିଥିଲେ। ଅଭିଷେକ ଓ ରିୟାନଙ୍କ ପାଇଁ ଏହା ଅନ୍ତର୍ଜାତୀୟ ପଦାର୍ପଣ ହୋଇଥିବା ବେଳେ ଧ୍ରୁବ ଆଗରୁ ଟେଷ୍ଟ ଖେଳି ସାରିଛନ୍ତି।

ଜିମ୍ବାୱେ ପକ୍ଷରୁ ଓପନର ଇନୋସେଣ୍ଟ କାଇଆ ଖାତା ଖୋଲିବା ଆଗରୁ ପ୍ୟାଭିଲିୟନ ଫେରିଥିଲେ। ତେବେ ୱେସଲି ମାଧେଭିର(୨୧), ବ୍ରାୟାନ୍ ବେନେଟ(୨୨) ଓ ସିକନ୍ଦର ରାଜା(୧୭) ଦଳୀୟ ସ୍କୋରକୁ ୭୪ରେ ପହଞ୍ଚାଇଥିଲେ। ଶେଷଆଡକୁ ଉଇକେଟକିପର କ୍ଲାଇଭ ମାଡେଣ୍ଡ(୨୯*) ଓ ଡିଅନ୍ ମାୟର୍ସ(୨୩)ରନ କରିବାରୁ ଜିମ୍ବାୱେ ୧୧୫ ରନ୍‌ରେ ପହଞ୍ଚିଥିଲା। ଭାରତ ପକ୍ଷରୁ ରବି ବିଷ୍ଣୋଇ ୧୩ ରନ୍‌ରେ ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ୍ ସୁନ୍ଦର ୨, ମୁକେଶ କୁମାର ଓ ଆଭେଶ ଖାନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସିକନ୍ଦର ରାଜା।

୧୧୬ ରନ୍‌ର ପିଛା କରୁଥିବା ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୧୦୨ ରନ୍‌ରେ ଅଲଆଉଟ ହୋଇଥିଲା। ଦଳର ୮ ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚି ପାରି ନ ଥିବା ବେଳେ ଅଧିନାୟକ ଶୁବମନ ଗିଲ୍ ସର୍ବାଧିକ ୩୧ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ୍ ସୁନ୍ଦର ୨୭ ଓ ଆଭେଶ ୧୬ ରନ୍ କରିଥିଲେ। ଜିମ୍ବାୱେ ପକ୍ଷରୁ ଟେଣ୍ଡାଇ ଚାଟାରା ଓ ସିକନ୍ଦର ରାଜା ୩ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରାୟାନ ବେନେଟ, ୱେଲିଂଟନ୍ ମାସାକାଜା, ବ୍ଲେସିଂ ମୁଜାରବାନି ଓ ଲ୍ୟୁକ ଜଙ୍ଗୱେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ ୨୦ ଓଭରରେ ୧୧୫/୯ (କ୍ଲାଇଭ ମାଡେଣ୍ଡ-୨୯*, ଡିଅନ୍ ମାୟର୍ସ-୨୩, ବ୍ରାୟାନ୍ ବେନେଟ-୨୨, ରବି ବିଷ୍ଣୋଇ-୪/୧୩, ୱାଶିଂଟନ୍ ସୁନ୍ଦର-୨/୧୧, ମୁକେଶ କୁମାର-୧/୧୭)। ଭାରତ ୧୯.୫ ଓଭରରେ ୧୦୨/୧୦(ଶୁବମନ ଗିଲ୍-୩୧, ୱାଶିଂଟନ୍ ସୁନ୍ଦର-୨୭, ଆଭେଶ ଖାନ୍-୧୬, ଟେଣ୍ଡାଇ ଚାଟାରା-୩/୧୫, ସିକନ୍ଦର ରାଜା-୩/୨୫, ବ୍ରାୟାନ ବେନେଟ-୧/୦)।









# ଅଯୋଧ୍ୟା ଭଳି ଗୁଜରାଟରେ ଭାଜପାକୁ ହରାଇବୁ: ରାହୁଲ

ଅହମଦାବାଦ,୬।୭



ଅହମଦାବାଦଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ଗୁଜରାଟର ଅହମଦାବାଦ ଗସ୍ତରେ ଯାଇ ରାଜକୋଟ ଗେମିଂ ଜୋନ୍ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି। ଏଥିସହିତ ସେ କଂଗ୍ରେସ କର୍ମୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ଅଯୋଧ୍ୟା ଭଳି ୨୦୨୭ରେ ଅନୁଷ୍ଠିତ ହେବାକୁ ଥିବା ଗୁଜରାଟ ବିଧାନସଭା ନିର୍ବାଚନରେ କଂଗ୍ରେସ ଶାସକ ଦଳ ଭାଜପାକୁ ପରାଜିତ କରିବ ବୋଲି ଏହି ଅବସରରେ ରାହୁଲ ଦୃଢ଼ୋକ୍ତି କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ସଦ୍ୟସମାପ୍ତ ଲୋକ ସଭା ନିର୍ବାଚନରେ ମୋଦି ଉତ୍ତରପ୍ରଦେଶର ଅଯୋଧ୍ୟାରୁ ନିର୍ବାଚନ ଲଢ଼ିବାର ଥିଲା। ତେବେ ସେଠାରୁ ପ୍ରାର୍ଥୀ ହେଲେ ସେ ପରାଜିତ ହେବେ ଏବଂ ତାଙ୍କ ରାଜନୈତିକ କ୍ୟାରିୟର ଶେଷ ହୋଇଯିବ ବୋଲି ସର୍ଭେ ରିପୋର୍ଟ ପାଇବା ପରେ ମୋଦି ଅଯୋଧ୍ୟାରୁ ନ ଲଢ଼ି ବାରାଣସୀରୁ ପ୍ରାର୍ଥୀ ହେଲେ ବୋଲି କଂଗ୍ରେସ ନେତା କହିଛନ୍ତି। ଆଗାମୀ ନିର୍ବାଚନରେ କଂଗ୍ରେସ ଗୁଜରାଟରେ ବିଜୟୀ ହେବ ଏବଂ ଏଠାରୁ ଏକ ନୂଆ କଂଗ୍ରେସର ଜନ୍ମଲାଭ ହେବ । ଦେଶକୁ ବ୍ରିଟିଶମାନେ ଶାସନ କରୁଥିବାବେଳେ ଏହିଠାରୁ ଆମର ସର୍ବୋଚ୍ଚ ନେତା ମହାତ୍ମା ଗାନ୍ଧୀ 'ଡରୋ ମତ୍ ଏବଂ ଡରାଓ ମତ୍' ସ୍ଲୋଗାନ ଦେଇଥିଲେ ଓ ଏଠାରୁ ଆନ୍ଦୋଳନର ନିଆଁ ଜଳିବା ଆରମ୍ଭ ହୋଇଥିଲା। ଗୁଜରାଟରୁ ଆରମ୍ଭ ହୋଇଥିବା ଏହି ବିଚାର ଓ ଚିନ୍ତାଧାରା ପାଇଁ କଂଗ୍ରେସ ଦଳ ଆଜି ତିଷ୍ଠି ରହିଥିବା ରାହୁଲ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଗତ ୨ ତାରିଖରେ ଅହମଦାବାଦସ୍ଥିତ ଦଳର ରାଜ୍ୟ ମୁଖ୍ୟାଳୟ ରାଜୀବ ଗାନ୍ଧୀ ଭବନରେ ଆକ୍ରମଣ ହୋଇଥିଲା। କାର୍ଯ୍ୟାଳୟ ଭଙ୍ଗାରୁଜା କରିଥିବା ଲୋକଙ୍କୁ ଆମେ ଉପଯୁକ୍ତ ଶିକ୍ଷା ଦେବା। ସେମାନଙ୍କ ସରକାରକୁ ଆମେ ଭାଙ୍ଗିଦେବା ବୋଲି ରାହୁଲ କହିଛନ୍ତି।

# ରଙ୍ଗ ନ ବଦଳାଇ ପ୍ରତିଶ୍ରୁତି ପାଳନ କରୁ ଭାଜପା ସରକାର: ବିଜେଡି

ଭୁବନେଶ୍ୱର, ୬।୭(ଅନିଲ ଦାସ)





ଖବରଦାତା ସମ୍ମିଳନୀରେ ପ୍ରମିଳା ମଲ୍ଲିକ ଓ ଲୋପାମୁଦ୍ରା ବକ୍ସିପାତ୍ର।

ନବୀନ ସରକାରଙ୍କ ସମୟର ବିଭିନ୍ନ ଲୋକପ୍ରିୟ ଯୋଜନାଗୁଡ଼ିକର ନାମ ଓ ରଙ୍ଗ ପରିବର୍ତ୍ତନକୁ ନେଇ ବିଜେଡି ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିଛି। କେବଳ ନାମ ଓ ରଙ୍ଗ ନ ବଦଳାଇ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଭାଜପା ସରକାର ପାଳନ କରୁ ବୋଲି ବିଜେଡିର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ ଓ ଲୋପାମୁଦ୍ରା ବକ୍ସିପାତ୍ର କହିଛନ୍ତି।

ଶନିବାର ଶଙ୍ଖଭବନଠାରେ ଏକ ଖବରଦାତା ସମ୍ମିଳନୀରେ ପ୍ରମିଳା କହିଛନ୍ତି, ସୁଶାସନ ଓ ପରିବର୍ତ୍ତନର ସ୍ଲୋଗାନ ଦେଇ ରାଜ୍ୟରେ କ୍ଷମତାକୁ ଆସିଥିବା ଭାଜପା ସରକାର କୌଣସି ନୂଆ ଯୋଜନା ଆରମ୍ଭ କରିବା ପରିବର୍ତ୍ତେ ବିଜେଡି ଦ୍ୱାରା କରାଯାଇଥିବା ଯୋଜନାଗୁଡ଼ିକର ନାମ ପରିବର୍ତ୍ତନ କରୁଥିବା ଦେଖିବାକୁ ମିଳୁଛି । ବିଜେଡି ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା 'ଲକ୍ଷ୍ମୀ ବସ୍ ସେବା' ଯୋଜନାର ନାମ ପରିବର୍ତ୍ତନ କରାଯାଇ 'ମୁଖ୍ୟମନ୍ତ୍ରୀ ବସ୍ ସେବା' ଯୋଜନା କରାଯାଇଛି। ସେହିପରି 'ମୋ ବସ୍' ଯୋଜନାର ମଧ୍ୟ ନାମ ପରିବର୍ତ୍ତନ କରାଯାଇ 'ଆମ ବସ୍' ରଖାଯାଇଛି। ଲକ୍ଷ୍ମୀ ବସ୍‌ର ରଙ୍ଗ ମଧ୍ୟ ଗେରୁଆ ରଙ୍ଗକୁ ପରିବର୍ତ୍ତନ କରାଯାଇଥିବା ଦେଖିବାକୁ ମିଳୁଛି। ବସ୍‌ଗୁଡ଼ିକ ଠିକ୍ ଥିଲେ ମଧ୍ୟ ସେଗୁଡ଼ିକର ରଙ୍ଗ ପରିବର୍ତ୍ତନର କାରଣ କ'ଣ ତାହା ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲକ୍ଷ୍ମୀ ବସ୍‌ଗୁଡ଼ିକର ରଙ୍ଗ ପରିବର୍ତ୍ତନ କାହା ନିର୍ଦ୍ଦେଶରେ କରାଯାଉଛି ତାହା ସ୍ପଷ୍ଟ ହୋଇପାରିନାହିଁ। ମାତ୍ର ୬ ମାସ ତଳେ ଆସିଥିବା ବସ୍‌ଗୁଡ଼ିକର ରଙ୍ଗ ଠିକ୍ ଥିବାବେଳେ ନୂତନ ରଙ୍ଗଦେବା ପାଇଁ ଅର୍ଥ ବ୍ୟୟକରିବା କେତେଦୂର ଯୁକ୍ତିଯୁକ୍ତ ତାହା ରାଜ୍ୟ ସରକାର ସ୍ପଷ୍ଟକରିବା ଉଚିତ ବୋଲି ପ୍ରମିଳା କହିଛନ୍ତି।

ସେହିପରି ଲୋପାମୁଦ୍ରା କହିଛନ୍ତି, ବିଜେଡି ସରକାରଙ୍କ ଦ୍ୱାରା ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରାଯାଇଥିବା ବେଳେ ଭାଜପା ତରଫରୁ କୁହାଯାଇଥିଲା, ଏହା ଅର୍ଥନୈତିକ ଦୃଷ୍ଟିକୋଣରୁ ସଫଳ ହେବନାହିଁ ଓ ଅତିଶୀଘ୍ର ବନ୍ଦ ହୋଇଯିବ। ହେଲେ ଭାଜପା ସରକାରକୁ ଆସିବା ପରେ କେବଳ ନାମ ଓ ରଙ୍ଗ ପରିବର୍ତ୍ତନ କରି ନିଜର ଯୋଜନା ଭାବେ ବାହାଦୁରି ନେବାକୁ ଅପଚେଷ୍ଟା କରୁଛି । ଭାଜପା ସରକାର ଏହି ନାମ ଓ ରଙ୍ଗ ପରିବର୍ତ୍ତନରୁ ନିବୃତ୍ତ ରୁହନ୍ତୁ । ନବୀନ ସରକାରଙ୍କ ସମୟର ଅନେକ ଯୋଜନା ଓଡ଼ିଶାର ଘରେ ଘରେ ଲୋକପ୍ରିୟ। ଭାଜପାର ଏହି ହୀନ ଉଦ୍ୟମ ଓଡ଼ିଶାବାସୀଙ୍କ ଦ୍ୱାରା ଗ୍ରହଣୀୟ ହେବ ନାହିଁ । ଜନସାଧାରଣଙ୍କୁ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଭାଜପା ସରକାର ଯଦି ଆଗାମୀ ଦିନରେ ସେସବୁ ପ୍ରତିଶ୍ରୁତି ପାଳନ କରିବା ଦିଗରେ କାର୍ଯ୍ୟ ନ କରି ପୁରୁଣା ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନରେ ବ୍ୟସ୍ତ ରୁହେ, ବିଜୁ ଜନତା ଦଳ ରାସ୍ତାକୁ ଓହ୍ଲାଇ ଭାଜପା ସରକାରଙ୍କୁ ଉଚିତ ଜବାବ ଦେବ ବୋଲି ଲୋପାମୁଦ୍ରା କହିଛନ୍ତି ।

# ଲୋକଙ୍କ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା: କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଅନୁଗୋଳ ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ସହିତ ସମର୍ଥକ ଓ ଭାଜପା କର୍ମୀମାନେ।

ଅନୁଗୋଳ,୬।୭ (ଜ୍ୟୋତିରଞ୍ଜନ ସାହୁ)/ ତାଳଚେର (ମନୋଜ ନନ୍ଦ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଦିନିକିଆ ଅନୁଗୋଳ ଗସ୍ତରେ ଆସି ପ୍ରଶାସନିକ ଅଧିକାରୀଙ୍କ ସହିତ ଏକ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଲୋକଙ୍କ କଲ୍ୟାଣ ଓ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତାରେ ରଖି କାର୍ଯ୍ୟ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

ସମୀକ୍ଷା ବୈଠକରେ ଯୋଗଦେବା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ମନ୍ଦିର, ଅନୁଗୋଳ ବୁଢୀ ଠାକୁରାଣୀ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି ଜିନ୍ଦଲନଗରରେ ସ୍ଥିତ ଜଗନ୍ନାଥ ମନ୍ଦିର, ଛେଣ୍ଡିପଦା କୋଶଳା ସ୍ଥିତ ମା' ରାମଚଣ୍ଡୀ ମନ୍ଦିର, ବ୍ରାହ୍ମଣବିଲ ଗ୍ରାମରେ ମା' ଡାକେଶ୍ୱରୀ ଦେବୀ ଏବଂ ପାତ୍ରପଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ବାୟାଣୀ ପୀଠରେ ପୂଜାର୍ଚ୍ଚନା କରିଥିଲେ। ପରେ ବ୍ରାହ୍ମଣବିଲ ଗ୍ରାମରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଭାଜପାର ବିଜୟ ପାଇଁ ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଭଗବାନଙ୍କ ଆଶୀର୍ବାଦରୁ ଓଡ଼ିଶାରେ ଏକ କଲ୍ୟାଣକାରୀ ସରକାର ଗଠନ ହୋଇପାରିଛି। ଏଥିପାଇଁ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ସେମାନଙ୍କ ସେବା ପାଇଁ ସର୍ବଦା ଆଗଭର ରହିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହାପରେ ତାଳଚେରରେ ମା' ପାଇଁ ଗଛଟିଏ ଅଭିଯାନରେ ନିଜ ମା'ବସନ୍ତ ମଞ୍ଜରୀ ପ୍ରଧାନଙ୍କ ସହ ସାମିଲ ହୋଇ ଦୀନଦୟାଲ ନଗରରେ ଚାରା ରୋପଣ କରିଥିଲେ। ଏହାପରେ ଅନୁଗୋଳରେ ଆୟୋଜିତ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଏବଂ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗଦେଇଥିଲେ। ସଡ଼କପଥ, ପାନୀୟ ଜଳ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା ସହ ଜଡ଼ିତ ବିଷୟରେ ଆଲୋଚନା କରିବା ସହ ଲୋକଙ୍କ ପାଇଁ କାମ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ସମ୍ପୂର୍ଣ୍ଣତା ଅଭିଯାନର ଶୁଭାରମ୍ଭ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର

ଢେଙ୍କାନାଳ,୬।୭(ରତନ ନାୟାର)

ଆକାଂକ୍ଷା ଜିଲା ଭାବେ ଢେଙ୍କାନାଳରେ ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷିର ସର୍ବାଙ୍ଗିନ ବିକାଶ କରାଇ ଆଗାମୀ ୩ମାସ ମଧ୍ୟରେ ଜିଲାରେ ପୂର୍ଣ୍ଣତା ଆଣିବା ନିମନ୍ତେ ଶନିବାର ଢେଙ୍କାନାଳରେ ସମ୍ପୂର୍ଣ୍ଣତା ଅଭିଯାନ ଆରମ୍ଭ ହୋଇଛି। ପୁରୁଣା ଜିଲା ପରିଷଦ ହଲ୍‌ଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ସମ୍ପୂର୍ଣ୍ଣତା ଅଭିଯାନକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ସମାଜକୁ ଶକ୍ତିଶାଳୀ କରିବାକୁ ହେଲେ ଗର୍ଭବତୀ ମହିଳା, ମା' ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟପ୍ରତି ଅଧିକ ଯତ୍ନଶୀଳ ହେବାକୁ ପଡିବ। ମା' ଓ ଶିଶୁମାନଙ୍କ ପୋଷଣ ଏବଂ ଟିକାକରଣକୁ ଅଧିକ ଗୁରୁତ୍ୱ ଦେବାକୁ ହେବ। ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ସମାଜ ଓ ପରିବେଶରେ ସନ୍ତୁଳତା ରକ୍ଷା କରାଯାଇପାରିବ।

କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଅମ୍ରିତ ଋତୁରାଜ କହିଲେ, ତୃଣମୂଳସ୍ତରରେ ତ୍ୱରିତ ପଦକ୍ଷେପ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ବିକାଶର ସ୍ୱାଦ ପହଞ୍ଚିପାରିବ। ଉତ୍ସବରେ ଯୋଗଦେଇ ନୀତି ଆୟୋଗ ସିନିୟର ଲିଡ୍ ଇକୋନୋମିଷ୍ଟ ଡ. ପ୍ରଭାକର ସାହୁ ସ୍ୱାସ୍ଥ୍ୟ ଓ ଶିକ୍ଷାରେ ପୂର୍ଣ୍ଣତା ଆସିଲେ ମାନବ ସମ୍ବଳର ଅଧିକ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଆକାଂକ୍ଷା ଜିଲା ଭାବେ ଢେଙ୍କାନାଳ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇ ସେ ଖୁସିବ୍ୟକ୍ତ କରିଥିଲେ।

# ଭାଜପା ସହ ଅଭିଯୁକ୍ତମାନେ ସମ୍ପୃକ୍ତ: ବ୍ୟୋମକେଶ

## ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ଘଟଣା

ଚାନ୍ଦବାଲି,୬।୭(କିଷାନ ପାତ୍ର)



ଖବରଦାତା ସମ୍ମିଳନୀରେ ବିଧାୟକ ବ୍ୟୋମକେଶ ରାୟଙ୍କ ସହ ବିଜେଡି ନେତା।

କିଛିଦିନ ତଳେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଭୁଇଁମୂର୍ତ୍ତି ପଞ୍ଚାୟତର ନୂଆଗାଁ ନିକଟରେ ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ଘଟଣା ଏବେ ରାଜନୈତିକ ମୋଡ଼ ନେଇଛି। ଏହି ଘଟଣାରେ ସମସ୍ତ ଅଭିଯୁକ୍ତଙ୍କର ଭାଜପା ସହ ସମ୍ପୃକ୍ତି ଅଛି ବୋଲି ଚାନ୍ଦବାଲି ବିଧାୟକ ଡ. ବ୍ୟାମକେଶ ରାୟ ଅଭିଯୋଗ କରିଛନ୍ତି। ଶନିବାର ଚାନ୍ଦବାଲି ଏନ୍‌ଏସିସ୍ଥିତ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହା କହିଛନ୍ତି। ଭାଜପାର ଶୀର୍ଷ ସ୍ତରରୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ନେବାକୁ ପୋଲିସ ଉପରେ ଚାପ ପକାଯାଉଛି ବୋଲି ବିଧାୟକ ରାୟ କହିଛନ୍ତି। ଘଟଣାର ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ସେ ଦାବି କରିଛନ୍ତି।

ଗଣବଳାତ୍କାରର ଶିକାର ହୋଇଥିବା ମହିଳାଙ୍କୁ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ଧଳ, ବ୍ଲକ ଅଧକ୍ଷା ମିନତି ସୂତାର, ସରପଞ୍ଚ ଭାରତୀ ନାୟକ, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ରଞ୍ଜନ ସାହୁ, ନରେଶ ଚନ୍ଦ୍ର ମାଝୀ, ଖଗେଶ୍ୱର ବଳ, ଅକ୍ଷୟ ନାୟକ, ଶରତ ସାହୁ, ଜିଲା ଯୁବ ଉପସଭାପତି ଦୀପକ ରଞ୍ଜନ ରାଉତ, ଅଜୟ ସୂତାର, ଜିତେନ୍ଦ୍ର ପାଣି, ଦୀପକ ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ବାସୁଦେବପୁର ଅଞ୍ଚଳର ଉକ୍ତ ମହିଳା କାମରୁ ଫେରୁଥିବା ବେଳେ ନୂଆଗାଁ ନିକଟରେ ତାଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି।


## ପୁରୀ ପୌରସଂସ୍ଥା କାର୍ଯ୍ୟାଳୟ, ପୁରୀ

ସଂଖ୍ୟା: ୫୨୦୧ / ତାରିଖ: ୦୪.୦୭.୨୪

**ସୂଚନା**

No.C– ଆସନ୍ତା ରଥଯାତ୍ରା ୨୦୨୪ ଉପଲକ୍ଷେ ଜନସାଧାରଣଙ୍କ ସୁବିଧା ନିମନ୍ତେ ପୁରୀ ପୌରସଂସ୍ଥା ତରଫରୁ ୧୮ ଗୋଟି ସ୍ଥାନରେ ଅସ୍ଥାୟୀ ପାର୍କିଂର ବ୍ୟବସ୍ଥା କରାଯାଇଅଛି। ଉକ୍ତ ସ୍ଥାନରେ ଗାଡ଼ି ରଖିବା ନିମନ୍ତେ ପୌରସଂସ୍ଥାଙ୍କ ଦ୍ୱାରା ନିର୍ଦ୍ଧାରିତ ଦେୟ ଆଦାୟ କରିବା ପାଇଁ ସ୍ଥିର କରାଯାଇଅଛି। ଯଦି ନିଲାମଧାରୀ ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ଆଦାୟ କରିବାର କୌଣସି ବ୍ୟକ୍ତିବିଶେଷଙ୍କ ଦୃଷ୍ଟିଗୋଚର ହୁଏ ତେବେ ସେ ପୁରୀ ପୌରସଂସ୍ଥାଙ୍କ ଦେୟମୁକ୍ତ ଯୋଗାଯୋଗ ନଂ.– ୦୬୭୫୨ ୩୫୦୦୪୫ରେ ଅଭିଯୋଗ ଦାଖଲ କରିପାରିବେ ତଥା ୯୫୫୬୪୮୫୮ ନମ୍ବରରେ Whatsapp ଯୋଗେ ମଧ୍ୟ ଅଭିଯୋଗ ଦାଖଲ କରିପାରିବେ।

**ପୁରୀ ପୌରସଂସ୍ଥାଙ୍କ ଦ୍ୱାରା ନିର୍ଦ୍ଧାରିତ ଦେୟ:**

ଚାରିଚକିଆ ଯାନ - ୨ ଘଣ୍ଟା ନିମନ୍ତେ – ଟ. ୩୦/-, ୬ ଘଣ୍ଟା ନିମନ୍ତେ – ଟ.୪୦/-
୧୨ ଘଣ୍ଟା ନିମନ୍ତେ – ଟ. ୭୦/-, ୨୪ ଘଣ୍ଟା ନିମନ୍ତେ – ଟ. ୧୦୦/-
ତିନିଚକିଆ ଯାନ - ୨ ଘଣ୍ଟା ନିମନ୍ତେ – ଟ. ୩୦/-, ୬ ଘଣ୍ଟା ନିମନ୍ତେ – ଟ.୪୦/-
୧୨ ଘଣ୍ଟା ନିମନ୍ତେ – ଟ. ୫୦/-, ୨୪ ଘଣ୍ଟା ନିମନ୍ତେ – ଟ. ୬୦/-
ଦୁଇଚକିଆ ଯାନ - ୨ ଘଣ୍ଟା ନିମନ୍ତେ – ଟ. ୨୦/-, ୬ ଘଣ୍ଟା ନିମନ୍ତେ – ଟ.୩୦/-
୧୨ ଘଣ୍ଟା ନିମନ୍ତେ – ଟ. ୪୦/-, ୨୪ ଘଣ୍ଟା ନିମନ୍ତେ – ଟ. ୫୦/-

OIPR-13159/11/0011/2425 ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା, ପୁରୀ


# ଭାଜପା ଯୋଗାଯୋଗରେ ବିଜେଡି କର୍ପୋରେଟର

ବ୍ରହ୍ମପୁର,୬।୭(ନରସିଂହ ସାହୁ)

## ଗଞ୍ଜାମ ଜିଲା ଭାଜପା ସଭାପତିଙ୍କ ସୂଚନା

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର କେତେଜଣ ବିଜେଡି କର୍ପୋରେଟର ଭାଜପା ସହ ଯୋଗାଯୋଗରେ ଅଛନ୍ତି। ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି ସୁବାସ ସାହୁ ଏହି ସୂଚନା ଦେଇଛନ୍ତି। ଖୁବଶୀଘ୍ର ନିଗମର ରାଜନୀତି ଓଲଟପାଲଟ ହେବ ବୋଲି ସେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

ଗତ ୨୮ ତାରିଖରେ ମେୟର ସଂଘମିତ୍ରା ଦଳେଇ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଜେଡି କର୍ପୋରେଟରଙ୍କ ସହ ଆଲୋଚନା ଓ ସେମାନଙ୍କୁ ବାନ୍ଧି ରଖିବାକୁ ପଦକ୍ଷେପ ନେଇଥିଲେ। ଧରିତ୍ରୀ ସହ ଆଲୋଚନା ପ୍ରସଙ୍ଗରେ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ମଧ୍ୟ ଦଳର କର୍ପୋରେଟରଙ୍କ ଉପରେ ନଜର ରଖାଯାଇଥିବା କହିଛନ୍ତି। ବିଏମ୍‌ସିର ମୋଟ ୪୨ ୱାର୍ଡରୁ ଗତ ପୌର ନିର୍ବାଚନରେ ବିଜେଡିରୁ ୩୦ କର୍ପୋରେଟର ନିର୍ବାଚିତ ହୋଇଥିଲେ। ତନ୍ମଧ୍ୟରୁ ୧୫ ଜଣ ମହିଳା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଏମ୍‌ସିର ୭ ଜଣ ଭାଜପା କର୍ପୋରେଟରଙ୍କ ମଧ୍ୟରୁ ୪ ଜଣ ବିଜେଡିରେ ଯୋଗ ଦେଇଥିଲେ ଏବଂ ୪ ସ୍ୱାଧୀନଙ୍କ ମଧ୍ୟରୁ ୨ ଜଣ ବିଜେଡିରେ ମିଶିଥିଲେ। ୩୬ କର୍ପୋରେଟର ଦଳରେ ଥାଇ ମଧ୍ୟ ଗତ ନିର୍ବାଚନରେ ବ୍ରହ୍ମପୁର ବିଜେଡି ବିଧାୟକ ପ୍ରାର୍ଥୀ ୧୮ ହଜାର ଭୋଟ ବ୍ୟବଧାନରେ ଭାଜପା ପ୍ରାର୍ଥୀଙ୍କ ଠାରୁ ପରାସ୍ତ ହୋଇଛନ୍ତି। ଭୋଟ ଫଳାଫଳ ଘୋଷଣାର ମାସେ ବିତିଛି ଏବଂ ନୂଆ ଓ ପୁରୁଣା କର୍ପୋରେଟରମାନଙ୍କ କାର୍ଯ୍ୟ ସନ୍ଦେହଜନକ ହୋଇଥିବା ଚ୍ୟାଉ ପଟ୍ଟନାୟକ ଆଶଙ୍କା କରୁଛନ୍ତି। ବିଭିନ୍ନ ଉପାୟରେ ବିଜେଡିରେ ମିଶିଥିବା ୬ କର୍ପୋରେଟରଙ୍କ ମଧ୍ୟରୁ କେତେଜଣ ବର୍ତ୍ତମାନର ଭାଜପା ବିଧାୟକଙ୍କ ସାଥିରେ ବୁଲୁଥିବାରୁ ଚ୍ୟାଉ ପଟ୍ଟନାୟକଙ୍କ ସନ୍ଦେହ ଘନୀଭୂତ ହୋଇଛି। ଓଡ଼ିଶା ମ୍ୟୁନିସିପାଲ ଆକ୍ଟ ଅନୁଯାୟୀ ନିର୍ବାଚନର ଦୁଇ ବର୍ଷ ପରେ ମେୟର ଓ ପରିଷଦ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇପାରିବ। ପୌର ନିର୍ବାଚନ ଦଳୀୟ ଚିହ୍ନରେ ହୋଇଥିବାରୁ ନିର୍ବାଚିତ କର୍ପୋରେଟରଙ୍କ ସମୁଦାୟ ସଂଖ୍ୟାରୁ ଦୁଇ ତୃତୀୟାଂଶ ଏକାଠି ଅନ୍ୟ ଦଳରେ ମିଶିଲେ ଅସୁବିଧା ନୁହେଁ। ନଚେତ୍ ଦଳବଦଳ ନିରୋଧ ଆଇନ ପ୍ରକାରେ ପଦ ହରାଇବେ। ତେଣୁ ଦଳ ଛାଡ଼ି ଅନ୍ୟ ଦଳକୁ ଗଲେ ସମସ୍ୟା ସୃଷ୍ଟି ହେବାର ନିଶ୍ଚିତ ଥିବାରୁ ବିଜେଡିରୁ ଭାଜପାରେ ମିଶିବା ସହଜ ନୁହେଁ ବୋଲି ରାଜନୀତିସମୀକ୍ଷକ ମତ ରଖିଛନ୍ତି।


**idco** Your power to grow | ISO 9001 & 14001 Corporation | ODISHA NEW OPPORTUNITIES — No.CAD-470

## OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR

Tender Call Notice No. File No.: HO/P&C/EST/E-2552/01/2023/V-2/19355 Dated.03.07.2024
Bid Identification No.P&C/EST/E-05/2024-25

**NOTICE INVITING TENDER THROUGH e-Procurement**

**Name of the Work:** SITC of 2.5 MVA, 33/6.6 kV Transformer, 33kV cable laying, 1600A VCB panel and other electrical works at intake well, KNIC, Jajpur.
**Tender Value:** Rs.2,91,88,439.00 (Excl GST)

| Procurement Officer | Bid Identification No. | Period of Completion | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/ EST/E-05/ 2024-25 | 04 (Four Calendar Months) | 17.00 Hours of dt.09.07.2024 | 17.00 Hours on dt.12.08.2024 |

Further details can be seen from the e-Procurement Portal www.Tendersodisha.gov.in. and Corrigendum if any will be published in newspapers and can only be seen in the e-Procurement portal as well as in IDCO website.
OIPR-14003/11/0010/2425 Sd./-Chief General Manager (P&C), IDCO, Bhubaneswar

## OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL

No.B-71
E-mail: eedklpwd@gmail.com

**INVITATION FOR BIDS THROUGH e-Procurement**
**Bid Identification No.SEDKL (R&B) 02/2024-25**
**Invitation for Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of Work | : | Civil Works |
| 3. | No. of Work | : | 03 Nos. |
| 4. | Bid Cost | : | Rs.6,000/- & Rs.4000/- |
| 5. | Class of Contractor | : | 'B', 'C' & 'D' License |
| 6. | Availability of Bid document in the website | : | From 10.00 AM of 12.07.2024 to 5.00 PM of 26.07.2024 |
| 7. | Date of Opening of Bid | : | Dt.29.07.2024 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

OIPR-34016/11/0001/2425 Sd./- Superintending Engineer Dhenkanal (R&B) Division, Dhenkanal

## INDIRA GANDHI INSTITUTE OF TECHNOLOGY SARANG : DHENKANAL, ODISHA - 759146

Ref. No. IGIT/Dip/290 Date : 05/07/2024

**WALK-IN-INTERVIEW**

No. KK-38: Interested Candidates having requisite qualifications may attend the Walk-In-Interview along with all the original testimonials with one set of self-attested photo copies and one passport photograph as per the programme below for engagement of Part-Time Guest Faculty (PTGF) for the Winter Session 2024-25. This engagement is purly need-based and temporary for a period of 6 months. The remuneration will be paid as per the rates approved by SD & TE Department Govt. of Odisha vide letter No. 7331 dtd 06-10-2023.

| Sl. No. | Discipline | Qualification | Date & Time |
|---|---|---|---|
| 1 | PTGF in Mechanical Engg. / Civil Engg. / Electrical Engg. / Metallurgy Engg. | 1st Class B.E/B.Tech (full-time regular mode) in respective discipline | Dt.19.07.2024, 10.00 AM |
| 2 | PTGF in English / Math / Physics / Chemistry | Master Degree (full-time regular mode) in relevant subjects with 1st class at Bachelor's or Master's Level from UGC recognized university. Computer and soft skills knowledge are desirable for PTGF in English | |

- No TA/DA will be paid for attending the interview.
- Authority reserves the right to cancel the interview / Candidature without assigning any reason thereof.

OIPR-44004/11/0003/2425 Sd./- Director, IGIT, Sarang

## ODISHA MINING CORPORATION LIMITED

OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

E-procurement notice No.CAD-

**Bid document No.: OMC/E-PROC/C&P/002/2024-25, Dtd. 05/07/2024**

| | | |
|---|---|---|
| 1 | Work name | Engagement of agency for dewatering at Kaliapani Chromite Mines of OMC Limited (through e-tendering) |
| 2 | Pre-bid meeting | Date : 06.07.2024 : Time : 3.30 PM; Venue : Through VC |
| 3 | Bid Due Date | Date : 21.07.2024; Time : 3.30 PM |
| 4 | Opening of Techno-Commercial bid | Date : 21.07.2024; Time : 5.00 PM |
| 5 | opening of Price Bid | To be informed to the Technically Qualified Bidders |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.
OIPR-30005/11/0040/2425 Sd./- Head (C&P)

## STATE SELECTION BOARD

**DEPARTMENT OF HIGHER EDUCATION**
**GOVERNMENT OF ODISHA**
**BHUBANESWAR - 09**

Web-site :- www.ssbodisha.ac.in / E-mail :- ssbdeptofhe@gmail.com
No. SSB (EX) 01/2024 494/SSB, Dated 05.07.2024

**Notice**

No.N- : It is for information of all concerned that the candidates bearing the following Roll Numbers have been provisionally shortlisted for verification of documents to determine their eligibility for recruitment to the post of Junior assistants in Odisha University of Health Sciences, Council of Higher Secondary Education and Board of Secondary Education in pursuance of Advt. No. 02/2024.

The candidates are required to report at the office of the State Selection Board, Unit - II, Ashok Nagar (Near Unit-2 Capital Girl's High School), Bhubaneswar by 10.00 AM in the first session and 2.00 PM in the second session on the dates mentioned below. Failure to report on the scheduled date and time shall result in rejection of candidature.

For details regarding the original certificates / documents / testimonials etc. to be produced at the time of verification, candidates are instructed to visit the official website of State Selection Board : ssbodisha.ac.in

**Date of Verification of Documents : 12.07.2024**

| First Session (10.30 AM - 1.00 PM) | Second Session (2.30 PM - 5.00 PM) |
|---|---|
| 24BMJA00321, 24BMJA01197, 24BMJA01511<br>24BSJA00482, 24BSJA00635, 24BSJA00832<br>24BSJA01094, 24BSJA01557, 24BSJA02122<br>24SPJA00073, 24SPJA00228, 24SPJA00243<br>24SPJA00289, 24SPJA00393, 24SPJA00503<br>24SPJA01014, 24SPJA01761, 24SPJA02117<br>24SPJA02123, 24SPJA02484, 24SPJA03229<br>24SPJA03312, 24SPJA03345, 24BHJA00023<br>24BHJA00202, 24BHJA00212, 24BHJA00287<br>24BHJA00346, 24BHJA00407, 24BHJA00448<br>24BHJA00528, 24BHJA00815 | 24BHJA00861, 24BHJA00868, 24BHJA00897<br>24BHJA00998, 24BHJA01107, 24BHJA01160<br>24BHJA01171, 24BHJA01174, 24BHJA01480<br>24BHJA01609, 24BHJA01949, 24BHJA01960<br>24BHJA01967, 24BHJA02148, 24BHJA02179<br>24BHJA02338, 24BHJA02438, 24BHJA02570<br>24BHJA02956, 24BHJA02986, 24BHJA03508<br>24BHJA03700, 24BHJA03885, 24BHJA04172<br>24BHJA04229, 24BHJA04299, 24BHJA04374<br>24BHJA04412, 24BHJA04435, 24BHJA04662<br>24BHJA04732, 24BHJA04910 |

**Date of Verification of Documents : 15.07.2024**

| First Session (10.30 AM - 1.00 PM) | Second Session (2.30 PM - 5.00 PM) |
|---|---|
| 24BHJA04968, 24BHJA05694, 24BHJA05804<br>24BHJA05987, 24BHJA06011, 24BHJA06039<br>24BHJA06092, 24BHJA06403, 24BHJA06516<br>24BHJA06623, 24BHJA06723, 24BHJA06860<br>24BHJA06986, 24BHJA07110, 24BHJA07341<br>24BHJA07343, 24BHJA07348, 24BHJA07388<br>24BHJA07399, 24BHJA07636, 24BHJA07701<br>24BHJA07839, 24BHJA07971, 24BHJA08289<br>24BHJA08448, 24BHJA08493, 24BHJA08733 | 24BHJA08927, 24BHJA08990<br>24BHJA09383, 24BHJA09404<br>24BHJA09529, 24BHJA09939<br>24BHJA10063, 24BHJA10163<br>24BHJA10189, 24BHJA10473<br>24BHJA10479, 24BHJA11175<br>24BHJA11183, 24BHJA11268<br>24BHJA11282, 24BHJA11450<br>24BHJA11666 |

OIPR-11015/11/0013/2425 Sd./- Secretary

# ରଥଯାତ୍ରାରେ...



**ବର୍ଷକୁ ଥରେ ରତ୍ନ ସିଂହାସନ ଛାଡି ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ରଥ ଉପରକୁ ଚାଲି ଆସନ୍ତି। ରଥ ଦଉଡି ଟାଣି ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିର ନେବା ପାଇଁ ବଡଦାଣ୍ଡ ହୋଇଉଠେ ଭକ୍ତ ସମୁଦ୍ର। ଆଉ ଏହି ଅପୂର୍ବ ସମୟର କିଛି ଅଭୂଲା ଅନୁଭୂତି ସମ୍ପର୍କରେ ଯାହା କୁହନ୍ତି ଏମାନେ...**

## ଆଖିରୁ ଆନନ୍ଦାଶ୍ରୁ ଝରିଆସିଲା

**ଲକ୍ଷ୍ମୀପ୍ରିୟା ପଣ୍ଡା** (ଓଡ଼ିଶୀ ନୃତ୍ୟାଙ୍ଗନା, ଖଣ୍ଡପଡ଼ା, ନୟାଗଡ଼)– ପିଲାଟି ଦିନୁ ନୃତ୍ୟ ପ୍ରତି ପ୍ରବଳ ଆଗ୍ରହ ରହିଛି। ବିଶେଷକରି ଓଡ଼ିଶୀ ନୃତ୍ୟ ମୋର ଭାରି ପସନ୍ଦ। ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ବହୁବାର ପୁରସ୍କୃତ ଓ ପ୍ରଶଂସିତ ହୋଇଛି। ଦର୍ଶକଙ୍କ ତାଳି ମୋତେ ବେଶ୍ ଖୁସି ଦେଇଛି। ହେଲେ ଏସବୁ ଭିତରେ ମୋ ମନରେ ଏକ ଅବସୋସ ରହିଯାଇଛି। ଯେଉଁ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରିବାର ସୁଯୋଗ ନ ମିଳିଛି, ସେ ପର୍ଯ୍ୟନ୍ତ ମୋ ନୃତ୍ୟଶିଳ୍ପୀ ଜୀବନ ଯେମିତି ଅସମ୍ପୂର୍ଣ୍ଣ। ଯେବେ ଟିଭି ପରଦାରେ ରଥଯାତ୍ରା ଲାଇଭ୍ ଭିଡିଓରେ ବଡ଼ଦାଣ୍ଡରେ ରଥ ଆଗରେ ଅନେକ ନୃତ୍ୟଶିଳ୍ପୀଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଥିବାର ଦେଖେ, ମୋ ମନ ବ୍ୟାକୁଳ ହୋଇଉଠେ ଓ ପ୍ରଭୁଙ୍କୁ ମନେମନେ ମନକଥା ଜଣାଏ। ଦୁଇଦିନ ତଳେ ହଠାତ୍ ବାପା ଆସି କହିଲେ, ଖଣ୍ଡପଡ଼ାର ନବନିର୍ବାଚିତ ବିଧାୟକ ଇଂ. ଦୁଷ୍ମନ୍ତ ସ୍ୱାଇଁ ଖବର ଦେଇଛନ୍ତି ଏଥର ଶ୍ରୀଜୀଉଙ୍କ ରଥଯାତ୍ରାରେ ନୃତ୍ୟ ପରିବେଷଣ କରିବାକୁ। ଏକଥା ଶୁଣି ମୋ ଖୁସିର ସୀମା ନ ଥିଲା, ଆଖିରୁ ଧାର ଧାର ହୋଇ ଆନନ୍ଦାଶ୍ରୁ ଝରିଆସିଲା। ଆଜି ପବିତ୍ର ରଥଯାତ୍ରାରେ ମୋର ଦୀର୍ଘ ବର୍ଷର ସ୍ୱପ୍ନ ସାକାର ହେବ ଆଉ ପ୍ରଭୁ ମୋ ନୃତ୍ୟ ଦେଖିବେ ତା'ଠାରୁ ବଡ଼ ଖୁସି ଆଉ କ'ଣ ବା ହୋଇପାରେ! ପ୍ରଭୁ ଭକ୍ତର ମନକଥା ଶୁଣିଛନ୍ତି ବୋଲି ମୁଁ ନିଜକୁ ଧନ୍ୟ ମନେକରୁଛି।

## ପ୍ରଭୁ ମୋ ଡାକ ଶୁଣିଲେ

**ପପୁ ପଣ୍ଡା** (ଡମଣାସାହି, ଗଞ୍ଜାମ)– ଗଞ୍ଜାମ ବଡ଼ ବଜାର ଜଗନ୍ନାଥ ମନ୍ଦିରର ସେବାୟତ ଭାବେ ଦୈନନ୍ଦିନ ପ୍ରଭୁଙ୍କ ସେବା କରିବାର ସୁଯୋଗ ପାଇ ମୋ ଜୀବନ ଧନ୍ୟ। ତଥାପି ମହାପ୍ରଭୁଙ୍କୁ ଶ୍ରୀମନ୍ଦିର ଭିତରେ ହେଉ କିମ୍ବା ରଥ ଉପରେ ଦେଖିବାର ଇଛା ମନ ଭିତରେ ସବୁବେଳେ ଥାଏ। ମନେ ପଡୁଛି ସେଦିନର କଥା। ପ୍ରଥମ ଥର ପାଇଁ ପରିବାର ସହ ରଥଯାତ୍ରା ଦେଖିବାକୁ ପୁରୀ ଯାଇଥାଏ। ବାବା, ବୋଉ, ଭାଇ ଓ ଭଉଣୀ ମିଶି ପୁରୀରେ ପହଞ୍ଚିଲୁ। ପ୍ରବଳ ଭିଡ଼ ସାଙ୍ଗକୁ ଦୁହାକୁ ଦୁହା ବର୍ଷା। ଆସିଛୁ ଯେତେବେଳେ ଯେତେ ଭିଡ ଥିଲେ ସୁଦ୍ଧା ପ୍ରଭୁଙ୍କ ଦର୍ଶନ କରି ଫେରିବୁ ବୋଲି ସ୍ଥିର କଲୁ। ଗହଳି ଭିତରେ ଠେଲି ପେଲି ରଥ ଆଡକୁ ଆଗେଇଲୁ ଓ ରଥ ଦଉଡି ଟାଣିବାର ସୁଯୋଗ ପାଇଲୁ। ପ୍ରଭୁଙ୍କୁ ରଥ ଉପରେ ଦେଖି ଖୁସିର ସୀମା ରହୁ ନ ଥିଲା। କିଛି ସମୟ ପରେ ଫେରିବା ପାଇଁ ଗହଳିରୁ ବାହାରିବା ଲାଗି ପଛକୁ ଚାହିଁ ଦେଖେ ତ ବିଶାଳ ଜନସମୁଦ୍ର ହେଲେ ପାଖରେ ପରିବାର ଲୋକେ ନାହାନ୍ତି। ପ୍ରଥମଥର ପୁରୀ ଆସିଥିବାରୁ ରାସ୍ତାଘାଟ କିଛି ଜଣା ନ ଥାଏ। ଦୀର୍ଘ ସମୟ ବଡଦାଣ୍ଡରେ ଖୋଜି ଖୋଜି କାହାକୁ ନ ପାଇ ଖୁବ୍ ଡରିଯାଇଥିଲି। ବିକଳ ହୋଇ ପ୍ରଭୁଙ୍କୁ ଡାକିଲି। ପ୍ରଭୁ ମୋ ଡାକ ଶୁଣିଲେ ଓ ଶେଷରେ ସମସ୍ତଙ୍କୁ ଭେଟି କାନ୍ଦି ପକାଇଲି। ସେଦିନର ରଥଯାତ୍ରା ଅନୁଭୂତି ଏବେବି ମନପଡିଲେ ମୋ ଶରୀରରେ ଶିହରଣ ଖେଳିଯାଏ।

## ରଥରେ ଜଗା ଦର୍ଶନ ଭାଗ୍ୟର କଥା

**ସଦାଶିବ ତ୍ରିପାଠୀ** (ରାମକୃଷ୍ଣ ନଗର, ରାୟଗଡ଼ା)– ପ୍ରତିଟି ଓଡ଼ିଆ ପ୍ରାଣରେ ମହାପ୍ରଭୁ ବସିଛନ୍ତି। ତେଣୁ ଯେବେବି ଶ୍ରୀମନ୍ଦିର ଯାଇ ତାଙ୍କ ଦର୍ଶନ କରିବାର ସୁଯୋଗ ମିଳେ, ମୁଁ ଅବିଳମ୍ବେ ଧାଇଁଯାଏ। ପ୍ରଭୁଙ୍କୁ ନେଇ ଅନେକ ଅନୁଭୂତି ରହିଛି। ତେବେ ରଥଯାତ୍ରାକୁ ନେଇ ଏକ ଅଭୁଲା ଅନୁଭୂତି ରହିଛି। ପ୍ରଭୁ କେମିତି ଭକ୍ତର ମନକଥା ବୁଝନ୍ତି ଆଉ ତା' ପାଇଁ ସବୁ ମାର୍ଗ ଖୋଲି ଦିଅନ୍ତି ତାହା ଅଙ୍ଗେ ନିଭେଇଛି। ରଥଯାତ୍ରା ସମୟରେ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯାଇଥିଲି। ଟ୍ରେନ୍ ଅଛି ମାଳତୀପାଟପୁର ପାଖେ, ମୋ ଦେହରେ ହଠାତ୍ ପ୍ରବଳ ଜ୍ୱର ଅନୁଭବ ହେଲା। ଶରୀ ଯେମିତି ନିସ୍ତେଜ ମନେ ହେଲା। ପାଦେ ଆଗକୁ ଚାଲିବାକୁ ବଳ ନ ଥିଲା। ଏକଲା ଯାଉଥିବାରୁ ଟ୍ରେନରୁ ଓହ୍ଲାଇ ଏତେ ଭିଡ଼ରେ ଆଉ ଚାଲି ପାରିବି କି ନାହିଁ ବୋଲି ଭାବୁଥିଲି। ଏତେ ଦୁର ଆସି କାଳିଆକୁ ଦେଖିପାରିବିନି ବୋଲି ମନ ଭିତରେ କୋହ ଭରିଯାଉଥିଲା। କିନ୍ତୁ ଜଗା ମୋ ମନକଥା ଜାଣିପାରିଲେ, ଆଉ ପୁରୀରେ ପାଦ ଦେଉ ଦେଉ ମୋର ଜ୍ୱର ଭଲ ହୋଇଯାଇଥିଲା। ଦେହ ସମ୍ପୂର୍ଣ୍ଣ ସୁସ୍ଥ ଲାଗିଥିଲା ଆଉ ରଥ ନିକଟରେ ପ୍ରବଳ ଭିଡ଼ ଥିଲା। ଏତେ ଗହଳି ଥାଇ ମଧ୍ୟ ସୁଦୂରରୁ ଜଗାଙ୍କ ଦର୍ଶନ ପାଇବା ଭାଗ୍ୟର କଥା। ସେହିଦିନ ଜଗନ୍ନାଥ ଯେ ଭାବର ଦେବତା ମୁଁ ଅନୁଭ କଲି।



ସରୋଜିନୀ



ମୈନା



ଲକ୍ଷ୍ମୀପ୍ରିୟା



ପପୁ

## ଦର୍ଶନ ଦେଇ ମୁରୁକି ହସିଲେ ପ୍ରଭୁ

**ସରୋଜିନୀ ଧଳ** (ଢେଙ୍କାନାଳ)– ପ୍ରତ୍ୟେକ ବର୍ଷ ରଥଯାତ୍ରାକୁ ପୁରୀ ଆସେ। ବର୍ଷସାରା ଶ୍ରୀମନ୍ଦିର ଦର୍ଶନ କଲେ ବି ରଥ ଦର୍ଶନ ଅନୁଭୂତି ନିଆରା। ଭିଡ଼ ଭିତରେ ରଥ ଟାଣିବା ସହ ରଥାରୂଢ଼ ଠାକୁରଙ୍କ ଦର୍ଶନ ଦେବଦୁର୍ଲଭ। ଗତବର୍ଷ ପୁରୀରେ ପହଞ୍ଚିବା ବେଳେ ବିଳମ୍ବ ହୋଇଯାଇଥିଲା। ରଥଟଣା ଚାଲିଥାଏ। ଟ୍ରେନ୍‌ରୁ ଓହ୍ଲାଇ ବଡ଼ଦାଣ୍ଡ ଅଭିମୁଖେ ବାହାରିଲୁ। ସାଥିରେ ଲଗେଜ୍ ବି ଥାଏ। କୌଣସିମତେ ବଡ଼ଦାଣ୍ଡରେ ପହଞ୍ଚିଗଲୁ। ସେହି ସମୟରେ ତାଳଧ୍ୱଜ ରଥ ଟଣା ଚାଲିଥାଏ। ଅତି ନିକଟରୁ ଠାକୁରଙ୍କ ଦର୍ଶନ ମିଳିଲା। ପରେ ଦେବୀ ସୁଭଦ୍ରାଙ୍କ ଦର୍ଶନ ପାଇ ଆନନ୍ଦ ଲାଗୁଥାଏ। ମହାପ୍ରଭୁଙ୍କ ରଥ ବହୁ ଦୂରରେ ରହିଥାଏ। ବଡ଼ଦାଣ୍ଡ ଭିଡ଼ ଭିତରେ ଆମେ ସ୍ୱାମୀ–ସ୍ତ୍ରୀ ଆଗେଇ ଚାଲିଥାଉ। ବଳଗଣ୍ଡି ପାଖରେ ଭକ୍ତ ସାଲବେଗଙ୍କ ପୀଠ ପାଖରେ ଅଟକି ରହିଥାଉ। ଜନସମୁଦ୍ର ରହିଥାଏ। ଦର୍ଶନ ମିଳିବ କି ନାହିଁ, ମନରେ ଆଶଙ୍କା ରହିଥାଏ। ମୁଁ ମନେମନେ ମହାପ୍ରଭୁଙ୍କୁ ଡାକୁଥାଏ। ରଥ ଗଡ଼ି ଗଡ଼ି ଆସି ହଠାତ୍ ସାଲବେଗ ପୀଠ ନିକଟରେ ରହିଗଲା। ଭିଡ଼ ଭିତରେ ଆମେ କେତେବେଳେ ରଥ ନିକଟକୁ ଚାଲି ଆସିଥିଲୁ। ଗୋଟିଏ ପାର୍ଶ୍ୱରୁ ଚକାଆଖି ଦୃଶ୍ୟମାନ ହୋଇଗଲେ। କିଛି କ୍ଷଣ ମହାପ୍ରଭୁଙ୍କୁ ଚକାଆଖି ସହ ଆଖି ଲାଖିଗଲା ଜାଣିପାରିଲି ନାହିଁ। ସତେ ଯେମିତି ମହାପ୍ରଭୁ ମୋତେ ଦେଖି ହସୁଛନ୍ତି। କୋହ ସମ୍ଭରଣ କରିପାରିଲି ନାହିଁ। ଧାର ଧାର ଅଶ୍ରୁ ବହିଯାଉଥାଏ। ସେ ଭାବର ଠାକୁର ମୋ ଭାବକୁ ବୁଝିଗଲେ, ଦର୍ଶନ ଦେଇ ମୁରୁକି ହସିଲେ। ସତରେ ସେ ଅନୁଭୂତି କେଡ଼େ ନିଆରା, ତାହା ବଖାଣିବା ଅସମ୍ଭବ।

## ଭାବବିନୋଦିଆ ବୁଝନ୍ତି ମନ କଥା

**ମୈନା ନାଗ** (ପୁରୀ)– ସେ ଭାବବିନୋଦିଆ, ଭକ୍ତର ଭଗବାନ। କାଳିଆ ଠାକୁରଙ୍କ ଦର୍ଶନ ବର୍ଣ୍ଣନା କରିବାକୁ ଭାଷା ନାହିଁ। ସ୍ୱାସ୍ଥ୍ୟଗତ କାରଣରୁ ଗହଳିକୁ ଯାଇପାରେନି। ତେଣୁ ପ୍ରତିବର୍ଷ ଆମ ଘର ନିକଟ ସଂଗ୍ରାମ ଗଳି ଛକରେ ସପରିବାର ରଥାରୂଢ଼ ଠାକୁରଙ୍କ ଦର୍ଶନ ପାଇଁ ଅପେକ୍ଷା କରି ରହିଥାଉ। ଭକ୍ତଙ୍କ ଗହଣରେ ହରିବୋଲ, ଘଣ୍ଟ କାହାଳୀ, ମନ୍ତ୍ରଧ୍ୱନି ମଧ୍ୟରେ ରଥରେ ଠାକୁରଙ୍କୁ ଦର୍ଶନ ଆନନ୍ଦ ନିଆରା। ସତେଯେପରି ମହାପ୍ରଭୁ ଭକ୍ତର ଭାବକୁ ବୁଝି ଦର୍ଶନ ଦେଉଛନ୍ତି। ଗତବର୍ଷ ସେହିପରି ଠିଆ ହୋଇ ରଥଯାତ୍ରା ଦେଖୁଥାଉ। ହେଲେ ରଥ ସ୍ପର୍ଶ ପାଇଁ ମନ ବ୍ୟାକୁଳ ହୋଇ ଉଠିଲା। ଦୁଇ ହାତ ଟେକି ପ୍ରଭୁଙ୍କୁ ମନକଥା କହିଲି। ମହାପ୍ରଭୁଙ୍କ ଅପୂର୍ବ କରୁଣାର ବର୍ଷା ହେଲା, ଦେହରେ ଯେମିତି କଷ୍ଟ ନ ଥିଲା। ଆଉ ଏତେ ଗହଳି ଆଡେଇ ଆଡେଇ ରଥ ଦଉଡ଼ି ସ୍ପର୍ଶ କରିବାର ସୁଯୋଗ ମିଳିଲା। ସେହି ସମୟରେ ଅନୁଭବ ହେଲା ରଥରେ ଥାଇ ଠାକୁର ହସୁଛନ୍ତି। ଲୋମଟାଙ୍କୁରା ଦୃଶ୍ୟ। ରଥାରୂଢ଼ ଦର୍ଶନର ଏକ ଅଭୁତପୂର୍ବ ଅନୁଭୂତି।



ସଦାଶିବ

# ହ୍ୱାଇଟ୍ ହାଉସ୍

**ଆମେରିକାର ରାଷ୍ଟ୍ରପତି ଭବନ, ଯାହାକି ହ୍ୱାଇଟ୍ ହାଉସ୍ ନାମରେ ପ୍ରସିଦ୍ଧ। ଏହାର ସୁନ୍ଦର ସ୍ଥାପତ୍ୟ ଦେଖିବାକୁ ଖୁବ୍ ଆକର୍ଷଣୀୟ। ଜାଣିବା ଏହା ସମ୍ପର୍କରେ ଅଧିକ କିଛି ତଥ୍ୟ...**



- ହ୍ୱାଇଟ୍ ହାଉସ୍ ସମ୍ପୂର୍ଣ୍ଣ ନିର୍ମାଣ ହେବା ଲାଗି ୮ ବର୍ଷ ସମୟ ଲାଗିଥିଲା, ଯାହାକୁ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍ ନିର୍ମାଣ କରାଇଥିଲେ। ହେଲେ ଦୁଃଖର ବିଷୟ ଯେ, ଏହା ସମାପ୍ତ ହେବାର ଏକ ବର୍ଷ ପୂର୍ବରୁ ଅର୍ଥାତ୍ ୧୭୯୯ରେ ତାଙ୍କର ମୃତ୍ୟୁ ହୋଇଥିବାରୁ ସେ ଏଥିରେ ରହିପାରି ନ ଥିଲେ।
- ଏହାକୁ ନିର୍ମାଣ କରିବା ଲାଗି ସମୁଦାୟ ୨୩୨,୩୭୨ ଡଲାର (ବର୍ତ୍ତମାନ ସମୟରେ ୪ ମିଲିୟନ୍ ଡଲାର) ଖର୍ଚ୍ଚ ହୋଇଥିଲା।
- ପ୍ରଥମେ ଏହା ପ୍ରେସିଡେଣ୍ଟସ୍ ପ୍ୟାଲେସ୍, ପ୍ରେସିଡେଣ୍ଟସ୍ ହାଉସ୍, ଏକ୍‌ଜିକ୍ୟୁଟିଭ୍ ମେନ୍‌ସନ୍ ଆଦି ନାମରେ ପରିଚିତ ଥିଲା। ହେଲେ ରାଷ୍ଟ୍ରପତି ଥିଓଡର ରୁଜଭେଲ୍ଟ ୧୯୦୧ରେ ଏହାର ନାମ ସରକାରୀ ଭାବେ ହ୍ୱାଇଟ୍ ହାଉସ୍ ଘୋଷଣା କରିଥିଲେ।
- ଆମେରିକାର ୨୩ତମ ରାଷ୍ଟ୍ରପତି ବେଞ୍ଜାମିନ ହ୍ୟାରିସନ୍ ପ୍ରଥମେ ହ୍ୱାଇଟ୍ ହାଉସ୍‌ରେ ଇଲେକ୍ଟ୍ରି ବ୍ୟବହାର ଆରମ୍ଭ କରିଥିଲେ। କିନ୍ତୁ ସେ କିମ୍ବା ତାଙ୍କ ସ୍ତ୍ରୀ କରେଣ୍ଟ ଲାଗିବା ଭୟରେ କେବେ ସୁଇଚ୍‌ଗୁଡ଼ିକରେ ହାତ ଲଗାଇ ନ ଥିଲେ।
- ଏଥିରେ ୧୩୨ଟି କୋଠରି, ୩୫ଟି ଗାଧୁଆଘର, ୪୧୨ଟି କବାଟ, ୧୪୭ଟି ଝରକା, ୮ଟି ଶିଡ଼ି ଏବଂ ୩ଟି ଏଲେଭେଟର ରହିଛି।
- ଏଠାରେ ରହିବା ଲାଗି ରାଷ୍ଟ୍ରପତିଙ୍କୁ ମାସ ଶେଷକୁ ନିଜର ତଥା ପରିବାରର ସମସ୍ତ ଖର୍ଚ୍ଚ ବାବଦକୁ ଅର୍ଥ ଦେବାକୁ ପଡ଼ିଥାଏ।
- ଏହା ବିଶ୍ୱର ଏକମାତ୍ର ରାଷ୍ଟ୍ରମୁଖ୍ୟଙ୍କ ବାସସ୍ଥାନ, ଯେଉଁଠିକୁ ଜନସାଧାରଣଙ୍କୁ ବିନା ଦେୟରେ ବୁଲିଯିବାର ବ୍ୟବସ୍ଥା ରହିଛି। ହେଲେ ଏଥିପାଇଁ ପୂର୍ବରୁ ବୁକ୍ କରିବାକୁ ହୋଇଥାଏ।
- ଏହା ମଧ୍ୟରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି। ଯେଉଁ ତାଲିକାରେ ରାଷ୍ଟ୍ରପତି ୱିଲିୟମ ହେନେରୀ ହାରିସନ୍, ଯାଚାରୀ ଟେଲର୍, ଆବ୍ରାହମ୍ ଲିଙ୍କନ୍‌ଙ୍କ ପୁଅ ୱିଲୀ ଲିଙ୍କନ୍ ଏବଂ ପ୍ରଥମ ମହିଳା ଏଲେନ୍ ୱିଲ୍‌ସନ୍ ମଧ୍ୟ ରହିଛନ୍ତି।
- ଏହାର କେବଳ ବାହାର ପଟ ରଙ୍ଗ କରିବା ଲାଗି ୫୭୦ ଗ୍ୟାଲନ୍ ଧଳା ରଙ୍ଗ ଆବଶ୍ୟକ ହୋଇଥାଏ।
- ଏଠାରେ ଭିନ୍ନ ଭିନ୍ନ ରାଷ୍ଟ୍ରପତିଙ୍କ ରହଣି କାଳ ମଧ୍ୟରେ ସିଂହ, ଛେଳି, ସାପ, ଘୋଡ଼ା, ଗୋଧି ଭଳି ଜୀବଜନ୍ତୁ ପୋଷା ଭାବେ ରହି ସାରିଛନ୍ତି।
- ଏହା ମଧ୍ୟରେ ଅନେକେ ଭୂତ ଦେଖିଥିବା ଦାବି ମଧ୍ୟ କରିଛନ୍ତି।

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ........... ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କିଷାନ ସମ୍ମାନ ନିଧି ସ୍କିମ୍ ଆରମ୍ଭ କରାଯାଇଛି ?
୨– ଫାର୍ ଫ୍ରମ୍ ଦ ମ୍ୟାଡିଙ୍ଗ୍ କ୍ରାଉଡ୍ ପୁସ୍ତକର ଲେଖକ .......... ?
୩– ପୃଥିବୀର ବୃହତ୍ତମ ହ୍ରଦ .................. ?
୪– ଭାରତର ସବୁଠୁ ବଡ଼ ପୁରସ୍କାର ............. ?
୫– ପେଠା ପାଇଁ .......... ବେଶ୍ ପ୍ରସିଦ୍ଧ ?

## ଗତ ଥରର ଉତ୍ତର

୧ ଗୁଜରାଟର ଗାନ୍ଧୀନଗର
୨ ଭାଇରସ୍ ବା ଭୂତାଣୁ
୩ ୧୧ଟି ପଦକ
୪ ଲଦାଖ
୫ ଜୁଲାଇ ୨ ତାରିଖ

## ଉତ୍ତରଦାତା



ହିମାଂଶୁ ଶେଖର ଦାସ, ଭଦ୍ରକ



ସଂଘମିତ୍ରା ଯାଦବ, କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ଶପିଂ ମଲ୍

୧– ନ୍ୟୁ ସାଉଥ୍ ଚାଇନା ମଲ୍ (ଚାଇନା)....... ୬.୪୬ ମିଲିଅନ୍ ସ୍କୋୟାର୍ ଫୁଟ୍
୨– ଗୋଲ୍ଡେନ୍ ରିସୋର୍ସେସ୍ ମଲ୍ (ଆମେରିକା).... ୬ ମିଲିଅନ୍ ସ୍କୋୟାର୍ ଫୁଟ୍
୩– ସେଣ୍ଟ୍ରାଲ୍ ୱାର୍ଲ୍ଡ ............................ ୪.୬୨ ମିଲିଅନ୍ ସ୍କୋୟାର୍ ଫୁଟ୍
୪– ଏସ୍‌ଏମ୍‌ମଲ୍ ଅଫ୍ ଏସିଆ (ଫିଲିପାଇନ୍ସ)...... ୪.୨ ମିଲିଅନ୍ ସ୍କୋୟାର୍ ଫୁଟ୍
୫– ଦୁବାଇ ମଲ୍ ............................ ୩.୭୭ ମିଲିଅନ୍ ସ୍କୋୟାର୍ ଫୁଟ୍
୬– ୱେଷ୍ଟ ଏଡ୍‌ମଣ୍ଟନ୍ ମଲ୍ (କାନାଡ଼ା).......... ୩.୭୭ ମିଲିଅନ୍ ସ୍କୋୟାର୍ ଫୁଟ୍
୭– ଏସ୍‌ଏମ୍ ମେଗାମଲ୍ (ଫିଲିପାଇନ୍ସ).......... ୩.୬ ମିଲିଅନ୍ ସ୍କୋୟାର୍ ଫୁଟ୍
୮– ଇସ୍ତାନବୁଲ୍ କେଭାହିର୍ (ତୁର୍କୀ).............. ୩.୪୭ ମିଲିଅନ୍ ସ୍କୋୟାର୍ ଫୁଟ୍
୯– ବେର୍ଜାୟା ଟାଇମ୍ସ ସ୍କୋୟାର୍ (କ୍ୱାଲାଲୁମ୍ପୁର୍).୩.୪୪ ମିଲିଅନ୍ ସ୍କୋୟାର୍ ଫୁଟ୍
୧୦– ସିଆମ୍ ପାରାଗନ୍ (ବ୍ୟାଙ୍କକ୍)........... ୩.୨୨ ମିଲିଅନ୍ ସ୍କୋୟାର୍ ଫୁଟ୍



## ୟୁଥ୍ ଆଲର୍ଟ

# ବ୍ଲୁଟୁଥ୍ ବ୍ୟବହାର କରୁଥିଲେ

**ବର୍ତ୍ତମାନ ଅଧିକାଂଶ ହ୍ୟାକରଙ୍କ ପାଇଁ ଠକେଇ କରିବାର ଏକ ବଳିଷ୍ଠ ମାଧ୍ୟମ ପାଲଟିଛି ବ୍ଲୁଟୁଥ୍। ତେଣୁ ମୋବାଇଲ୍, ଲାପଟପ୍ କିମ୍ବା ଅନ୍ୟ ଡିଭାଇସ୍‌ରେ ବ୍ଲୁଟୁଥ୍ ବ୍ୟବହାର କରୁଥିଲେ ସୁରକ୍ଷା ଦୃଷ୍ଟିରୁ କେତୋଟି ଦିଗ ପ୍ରତି ସଚେତନ ରହିବା ଆବଶ୍ୟକ...**

**ବ୍ଲୁଜ୍ୟାକିଙ୍ଗ୍:** ଏଥିରେ ସାଧାରଣତଃ ହ୍ୟାକରମାନଙ୍କୁ ଲୋକଙ୍କୁ ଠକିବା ସହଜ ହୋଇଥାଏ। କାରଣ ଏଥିରେ ହ୍ୟାକର୍ ଅଜଣା ଲୋକଙ୍କ ପାଖକୁ ବ୍ଲୁଟୁଥ୍ ଜରିଆରେ ବିଭିନ୍ନ ଫାଇଲ୍, ମେସଜ୍ ପଠାଇଥାଏ। ଏହାକୁ ଖୋଲିବାମାତ୍ରେ ନିଜର ସମସ୍ତ ଡାଟା ହ୍ୟାକ୍ ହୋଇଯାଏ।

**ବ୍ଲୁସ୍ନିପିଙ୍ଗ୍:** ଏଥିରେ ହ୍ୟାକର୍ ଡିଭାଇସ୍‌ରୁ ପାସ୍‌ୱାର୍ଡ, ଫଟୋ, ଭିଡିଓ, କଣ୍ଟାକ୍ଟ ଏବଂ ଅନ୍ୟାନ୍ୟ ସମସ୍ତ ଡାଟା ଚୋରି କରିବା ଲାଗି ବ୍ଲୁଟୁଥ୍ ବ୍ୟବହାର କରିଥାନ୍ତି।

**ବ୍ଲୁବଗିଙ୍ଗ୍:** ଏଥିରେ ୟୁଜରର ଡିଭାଇସ୍ କଣ୍ଟ୍ରୋଲ୍ ଯେମିତିକି କଲିଂ, ମେସେଜିଂ, ଡାଟା ଆକ୍ସେସ୍ ଆଦି ହ୍ୟାକର୍ ହାତକୁ ଚାଲିଯାଏ।

**ମନେରଖନ୍ତୁ:** ବ୍ଲୁଟୁଥ୍ ବ୍ୟବହାର ନ କରୁଥିବା ସମୟରେ ଏହାକୁ ବନ୍ଦ ରଖନ୍ତୁ।

– କୌଣସି ଅଜଣା ଡିଭାଇସ୍ ସହ କନେକ୍ଟ କରନ୍ତୁ ନାହିଁ।

– ଅଟୋକନେକ୍ଟ ଅପ୍ସନ ଅଫ୍ ରଖନ୍ତୁ ନାହିଁ। କାହା ଡିଭାଇସ୍ ସହ କନେକ୍ଟ କରିବା ପୂର୍ବରୁ ପର୍‌ମିଶନ୍ ଅପ୍ସନ ରଖନ୍ତୁ।

– ଡିଭାଇସ୍‌ର ଅପରେଟିଂ ସିଷ୍ଟମ୍, ବ୍ଲୁଟୁଥ୍ ଆଦିକୁ ଅପ୍‌ଡେଟ୍ ରଖନ୍ତୁ ଏବଂ ମଝିରେ ମଝିରେ ଭାଇରସ୍ ରିମୁଭ୍ କରିବାକୁ ଭୁଲନ୍ତୁ ନାହିଁ।

– ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବ୍ଲୁଟୁଥ୍‌ର ପାସ୍‌ୱାର୍ଡ ଏବଂ ନେମ୍ ମଜଭୁତ ରଖନ୍ତୁ, ଯେପରି ସହଜରେ ହ୍ୟାକ୍ ହୋଇ ପାରିବ ନାହିଁ।



# ଆମ୍ବୁଲାନ୍ସ ଧକ୍କାରେ ପୁଅ ମୃତ, ବାପା ଗୁରୁତର



ଗ୍ରାମବାସୀ ଓ ପରିବାର ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

**ଡାବୁଗାଁ, ୬।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମହେନ୍ଦ୍ରୀ ଛକ ନିକଟରେ ଶନିବାର ସକାଳେ ଏକ ଆମ୍ବୁଲାନ୍ସ ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ତାଙ୍କ ବାପା ଗୁରୁତର ଅଛନ୍ତି। ମୃତକ ହେଲେ ମହେନ୍ଦ୍ରୀ ଗ୍ରାମର ଗଣେଶ ମହାନ୍ତି (୩୨)ଙ୍କ ପୁଅ ନିଖିଲ (୧୦)। ଗଣେଶଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଖବରପାଇ ଡାବୁଗାଁ ଥାନାଧିକାରୀ ସୁନୀଲ ପ୍ରଧାନ, ବିଡିଓ ତଥା ତହସିଲଦାର ଶରତ ମାଝି, ପାପଡ଼ାହାଣ୍ଡି ତହସିଲଦାର ତପନ ନାୟକ ପ୍ରମୁଖ ସେମାନଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନାନୁଯାୟୀ, ଶନିବାର ଭୋର ୫.୩୦ରେ ପୁଅ ନିଖିଲଙ୍କୁ ସାଇକେଲରେ ବସାଇ ଗଣେଶ ଡାବୁଗାଁ-ପାପଡ଼ାହାଣ୍ଡି ମୁଖ୍ୟ ରାସ୍ତାରେ ଯାଉଥିଲେ। ପଛପଟୁ ଏକ ଆମ୍ବୁଲାନ୍ସ ସେମାନଙ୍କୁ ଧକ୍କାଦେଇଥିଲା। ଘଟଣାସ୍ଥଳରେ ନିଖିଲଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଗଣେଶଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଗ୍ରାମବାସୀ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ମୃତକଙ୍କ ବଡ଼ବାପା ପୂର୍ଣ୍ଣଚନ୍ଦ୍ର ମହାନ୍ତି ଥାନାରେ ଏତଲା ଦେଇଥିଲେ। ସବ୍‌ଇନ୍ସପେକ୍ଟର ବିଜୁରାମ ବାଗ ମୃତଦେହ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ. ୧୩୮/୨୪ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ଆମ୍ବୁଲାନ୍ସ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି।

**ପ୍ରଥମ ପୃଷ୍ଠାରୁ...**

## ପିଏମ୍ କିଷାନରେ ...

ସହିତ କୃଷି ଭବନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସଚିବ କୃଷି ଭବନର ସ୍ୱତନ୍ତ୍ର ନିର୍ମାଣ ଶୈଳୀ ଓ କୃଷକମାନଙ୍କ ପାଇଁ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

ବୈଠକରେ ଭାରତୀୟ କିଷାନ ସଂଘ, ଗ୍ରାମ ବିକାଶ ପରିଷଦ ଓ ଅନ୍ୟ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ ସେମାନଙ୍କ ମତାମତ ଦେଇଥିଲେ। ସରକାର ଗଠନର ପ୍ରଥମ ଦିନରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିବାରୁ କୃଷକ ସଙ୍ଗଠନ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସରକାରଙ୍କୁ ଧନ୍ୟବାଦ ଦେଇଛି।

## ସୁପ୍ରିମକୋର୍ଟ କରାନ୍ତୁ ...

ବ୍ୟାପକ ଅସାଧୁ ଉପାୟ ଅବଲମ୍ବନ ଅଭିଯୋଗକୁ ନେଇ ବିବାଦରେ ଛନ୍ଦିହୋଇଥିବା ଏନ୍‌ଇଇଟି-ୟୁଜି ପରୀକ୍ଷା ବାତିଲ ଦାବି ଦିନକୁ ଦିନ ଜୋର୍‌ଦାର ହେଉଥିବାବେଳେ ଅନିୟମିତତା ନେଇ ବିନା ପର୍ଯ୍ୟାପ୍ତ ପ୍ରମାଣରେ ପରୀକ୍ଷା ରଦ୍ଦ କରାଯିବାର ପ୍ରତିକୂଳ ପ୍ରଭାବ ପଡ଼ିବା ସହ ଲକ୍ଷ ଲକ୍ଷ ସଚ୍ଚୋଟ ଛାତ୍ରୀଛାତ୍ରଙ୍କ ପାଇଁ କ୍ଷତିକାରକ ହେବ ବୋଲି ଶୁକ୍ରବାର କେନ୍ଦ୍ର ସରକାର ଏବଂ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ସୁପ୍ରିମକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଜଣାଇଥିଲେ। ବିଭିନ୍ନ ରାଜ୍ୟର ତଦନ୍ତକାରୀ ସଂସ୍ଥା ସମେତ ସିବିଆଇ ପରୀକ୍ଷା ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଅଭିଯୋଗର ତଦନ୍ତ କରୁଥିବାବେଳେ ଇତିମଧ୍ୟରେ ଅନେକେ ଗିରଫ ହେଲେଣି। ପ୍ରଶ୍ନପତ୍ର ଲିକ୍ ହୋଇଥିବାର ପ୍ରମାଣ ମଧ୍ୟ ତଦନ୍ତକାରୀ ସଂସ୍ଥା ହାତରେ ଲାଗିଛି। ଏହା ସତ୍ତ୍ୱେ ଅନିୟମିତତାର ଯଥେଷ୍ଟ ପ୍ରମାଣ ନ ଥିବା କେନ୍ଦ୍ର ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇବା ଅନେକଙ୍କୁ ବିସ୍ମିତ କରିଛି।

## ମାସୁଦ୍ ପେଜେଶ୍‌କିଆନ୍ ...

ମତାଧିକାର ସାବ୍ୟସ୍ତ କରିଥିଲେ। ନୂଆ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳରେ ଭାରତ-ଇରାନ ସମ୍ପର୍କ କିପରି ରହିବ ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଅନୁଭବୀ ଆଇନ ପ୍ରଣେତା ତଥା ହୃଦ୍‌ରୋଗ ସର୍ଜନ ପେଜେଶ୍‌କିଆନ୍ ଇରାନର ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ସଂସ୍କାରକୁ ଦୀର୍ଘବର୍ଷ ଧରି ସମର୍ଥନ କରିଆସିଛନ୍ତି। ତେଣୁ ସେ ରାଷ୍ଟ୍ରପତି ନିର୍ବାଚିତ ହେବା ତାଙ୍କର ପୂର୍ବ ଶାସକମାନଙ୍କ କଠୋର ନୀତି ଓ ସାଧାରଣ ଅସନ୍ତୋଷରେ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ତେବେ କଠୋରପନ୍ଥୀ ନେତାମାନେ ସଂଖ୍ୟାଗରିଷ୍ଠଙ୍କୁ ନିୟନ୍ତ୍ରଣ କରୁଥିବାବେଳେ ସୁପ୍ରିମ ଲିଡର ଆୟାତୋଲା ଅଲି ଖାମନେଇ ବିକଳ୍ପ କର୍ତ୍ତୃତ୍ୱ ବଜାୟ ରଖିବେ। ତେଣୁ ପେଜେଶ୍‌କିଆନଙ୍କ ଦୂରଦୃଷ୍ଟି କେତେଦୂର କାର୍ଯ୍ୟକାରୀ ହେବ ତାକୁ ସମସ୍ତଙ୍କ ଅପେକ୍ଷା ରହିବ। ତେବେ ଇରାନର ବିଦେଶ ନୀତି ଓ ଆଭ୍ୟନ୍ତରୀଣ ନୀତିରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଭାରତରେ ଥିବା ଇରାନ ରାଷ୍ଟ୍ରଦୂତ ଇରାଜ ଇଲାହି କହିଛନ୍ତି। ଭାରତ ଏବଂ ଇରାନ୍ ମଧ୍ୟରେ ଅର୍ଥନୈତିକ ସମ୍ପର୍କ ଦୃଢ଼ ରହିଛି। ପେଜେଶ୍‌କିଆନଙ୍କ ରାଷ୍ଟ୍ରପତିତ୍ୱ କାଳରେ ଏହା ଅଧିକ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ଭାରତ ପୁଞ୍ଜିନିବେଶ କରିଥିବା ଗୁରୁତ୍ୱପୂର୍ଣ୍ଣ ଚାବହାର ବନ୍ଦର ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ରହିବ ବୋଲି କୁହାଯାଉଛି। ପାକିସ୍ତାନକୁ ବାଦ୍ ଦେଇ ଆଫଗାନିସ୍ତାନ ଏବଂ କେନ୍ଦ୍ରୀୟ ଏସିଆ ମଧ୍ୟରେ ବାଣିଜ୍ୟ କାରବାର ପାଇଁ ଚାବହାର ବନ୍ଦର ଗୁରୁତ୍ୱପୂର୍ଣ୍ଣ ପରିବହନ ପଏଣ୍ଟ।

## ଆଦିବାସୀ ଯୁବକଙ୍କୁ ...

କର୍ମଚାରୀ ତାଙ୍କ ଘରକୁ ଆସି ଏନେଇ କେସ୍ ନ କରିବାକୁ ତାଙ୍କୁ ଧମକ ଚମକ ଦେଇଥିବା ସୁବାସିନୀ ଅଭିଯୋଗ କରିଛନ୍ତି। ତାଙ୍କ ପୁଅ ବ୍ୟାଟେରି ଚୋରିରେ ସମ୍ପୃକ୍ତ ନାହିଁ ବୋଲି ଯେତେ ନେହୁରା ହେଲେ ମଧ୍ୟ ପୋଲିସ ତାଙ୍କୁ ମାଡ଼ ମାରିବାରୁ ନିବୃତ୍ତ ହୋଇ ନ ଥିଲା। ଖାଲି ସେତିକି ନୁହେଁ, ଯଦି ତାଙ୍କ ପୁଅ ଅଭିଯୁକ୍ତ ତା'ହେଲେ ତାଙ୍କୁ କୋର୍ଟ ଚାଲାଣ ନ କରି ପୋଲିସ ଘରେ ଆଣି କାହିଁକି ଛାଡ଼ିଲା ବୋଲି ସୁବାସିନୀ ପ୍ରଶ୍ନ କରିଛନ୍ତି। ରାଜେଶ ସୁସ୍ଥ ହୋଇ ଘରକୁ ଫେରିବାପରେ ସୁବାସିନୀ ଜିଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ତାଙ୍କ ପୁଅ ପାଇଁ ସୁରକ୍ଷା ମାଗିଛନ୍ତି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ କହିଛନ୍ତି, ଅଭିଯୋଗର ତଦନ୍ତ ତଥା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ଅଭିଯୋଗପତ୍ର ପଠାଯାଇଛି। ଉକ୍ତ ଘଟଣାକୁ ନେଇ ଜିଲା ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ କହିଛନ୍ତି, ଘଟଣାର ତଦନ୍ତ ପାଇଁ ବୁର୍ଲା ଏସ୍‌ଡିପିଓଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟରେ ଦୋଷୀ ସାବ୍ୟସ୍ତ ହେଲେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଛି ଭଙ୍ଗା ହୋଇ ଯେବଣ ଦାରୁ**
**ପୁଇଁ ହୋଇକରି ପାଣି କଖାରୁ**
**ପାଣିବୁହାନ୍ତିଙ୍କ ଅଣ୍ଟାରେ କାରୁ**
**କହେ ଦନାଇ ଏ ସମସ୍ତେ ମାରୁ ।**

ମଝିରୁ ଭାଙ୍ଗ ବା ଅଙ୍କାବଙ୍କା ହୋଇ ବଢୁଥିବା ଗଛଟି କୌଣସି କାମରେ ଲାଗି ପାରି ନ ଥାଏ । ପଚି ଯାଇଥିବା ପାଣି କଖାରୁ ଅଲୋଡ଼ା ହୋଇଥାଏ । ସେହିପରି ପାଣି ବୋହୁଥିବା ମହିଳାଙ୍କ ଅଣ୍ଟା କାରୁ ପରି ହେବା ନିରର୍ଥକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଅଣ୍ଡିରି ପୁଅର ଲଣ୍ଡି**
**ମାଇକିନିଆ ଝିଅର ଗଣ୍ଡି ।**

ପୁରୁଷ ଲୋକର ସ୍ନାନଶୌଚାଦି କର୍ମ ଠିକ୍ ଥିଲେ ତା'ର ସ୍ୱାସ୍ଥ୍ୟ ଠିକ୍ ଥାଏ ବୋଲି ବୁଝିବାକୁ ପଡ଼ିଥାଏ । ସେହିପରି ଯୁବତୀ ନାରୀର ଚେହେରା ଠିକ୍ ଥିଲେ ତା'ର ସ୍ୱାସ୍ଥ୍ୟକୁ ନେଇ ସନ୍ଦେହ କରାଯାଇ ନ ପାରେ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ନ ୫ଟାରେ ଉପଗ୍ରହରୁ ଉତ୍ତୋଳିତ ପାଣିପାଗ ଚିତ୍ର।



## Government of Odisha
### Higher Education Department

**Revised timeline for e-Admission into U.G. Courses under SAMS in the Higher Education Institutions for the Academic Session 2024-25**

**No.N-:**Revised timeline for e-Admission in all (+3) Degree HEIs including Self Financing (Degree) Colleges/ Sanskrit (Shastri) of the State under Student Academic Management System (SAMS) is given below. Any changes in the timeline will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats **(for Second Round Selection)** | **05-July-2024 (04:00 PM)** |
| 2 | Selection of **Slide/ Freeze/ Float** Option and **Online payment** of admission fees by the selected students through SAMS **[Student's Account]** portal | **05-July-2024 (07:00 PM) to 09-July-2024 (11:45PM)** |
| 3 | Reporting of applicants at allotted institutions for taking admission **(for Second Round Selection)** | **06-July-2024 (10:00 AM) to 10-July-2024 (05:00 PM) (Except 07-July-2024 & 08-July-2024)** |
| 4 | Data updation of admitted students in the e-space by the respective Institutions **(for Second Round Admission)** | **06-July-2024 (09:00 AM) to 10-July-2024 (07:00 PM)** |
| 5 | Publication of Provisional Allotment of Seats **(for Third Round Selection)** | **16-July-2024 (04.00 PM)** |
| 6 | **Online payment** of admission fees by the selected students through SAMS **[Student's Account]** portal | **16-July-2024 (07:00 PM) to 21-July- 2024(11:45PM)** |
| 7 | Reporting of applicants at allotted institutions for taking admission **(for 3rd/Final Round Selection)** | **18-July- 2024 (09:00 AM) to 22-July-2024 (05:00 PM) (Except Holiday)** |
| 8 | Data updation of admitted students in the e-space by the respective Institutions (for Third Round Admission) | **18-July-2024 (09:00 AM) to 22-July-2024 (07:00 PM)** |
| 10 | Reporting of applicants through [Student's Login] in online mode for their upper choice HEIs (Student must choose the HEIs name from the check box provided where S/he want to participate in Waiting list round) | **25-July-2024 (10:00 AM) to 28-July-2024 (11:45PM)** |
| 11 | Publication of merit wise list of applicants at HEI's e-space among the online reported waitlisted applicants | **31-July-2024 (4:00 PM)** |
| 12 | Publication of selected as well as waitlisted applicant's list by the HEIs at their Notice Board/ Website and will also communicate to the applicants via phone call/ sms | **01-August-2024 (02.00 PM)** |
| 12 | Reporting of waitlisted applicants to take admission in one of the selected HEIs, where the total/ differential admission fees will be deposited directly at the HEIs in online mode (Net Banking/ Bank Challan/ NEFT/ UPI etc. | **02-August-2024 (09.00 P.M.) & 03-August-2024 (05.00 P.M.)** |
| 20 | Admission Updation of the selected student's data by the HEIs in their e-Space | **02-August-2024 (09.00 PM) to 03-August-2024 (07.00 PM)** |
| 21 | Commencement of 1st Year Classes | **1-August-2024 (Thursday)** |
| 22 | Publication of Phase-II Admission | **After publication of Instant/ Supplementary result of CHSE, Odisha and Other Board** |

**For More details please contact: e-Admission Helpline (Toll Free) Number 155335/ 1800-345-6770**

**Sd./- Joint Secretary to Govt.**
**PTC Section**

OIPR-11001/11/0015/2425







## ଡାଇମଣ୍ଡ ଲିଗ୍‌ରେ ଭାଗନେବେ ଅବିନାଶ, କିଶୋର

**ପ୍ୟାରିସ, ୬।୭(ପି.ଟି.):** ଆସନ୍ତା ଅଲିମ୍ପିକ୍ସ ପାଇଁ ସେମାନଙ୍କ ପ୍ରସ୍ତୁତିରେ ଶେଷ ସ୍ୱର୍ଣ୍ଣ ଦେବା ପାଇଁ ଭାରତର ଟପ୍ ୩୦୦୦ ମିଟର ଷ୍ଟିପଲଚେଜ୍‌ର ଅବିନାଶ ସାବ୍‌ଲେ ଓ ଜାଭେଲିନ ଥ୍ରୋୟର କିଶୋର ଜେନା ରବିବାର ମର୍ଯ୍ୟାଦାପୂର୍ଣ୍ଣ ଡାଇମଣ୍ଡ ଲିଗ୍ ଦିନିକିଆ ମିଟିଂ ସିରିଜରେ ଭାଗ ନେବେ। ଏହା ରବିବାର ଅନୁଷ୍ଠିତ ହେବ। ବର୍ତ୍ତମାନର ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା କିଛିମାସ ହେବ ଇଞ୍ଜୁରି ସମସ୍ୟାରେ ରହିଛନ୍ତି। ସେ ପ୍ୟାରିସ ଡାଇମଣ୍ଡ ଲିଗ୍‌ରୁ ଓହରିଯାଇଛନ୍ତି। ଉଭୟ ସାବ୍‌ଲେ ଓ ଜେନା ବର୍ତ୍ତମାନ ସେମାନଙ୍କ ଶ୍ରେଷ୍ଠ ଫର୍ମରେ ନାହାନ୍ତି।











1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ